DHARITRI

ସମ୍ବଲପୁର, ବୁଧବାର, ନଭେମ୍ବର ୪/୨୦୨୦ (୧୨ପୃଷ୍ଠା) Sambalpur, Wednesday, November 4/2020 ★★

୧୬ଶ ଭାଗ ୨୭୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



**ସନ୍ଦୀପ ଶର୍ମାଙ୍କ ରେକର୍ଡ**

ଆଇପିଏଲ୍‌ର ପ୍ରଥମ ୬ ଓଭର ପାୱାରପ୍ଲେରେ ମୋଟ ୫୩ ଉଇକେଟ ନେଇ ଜାହିର ଖାଁଙ୍କ ନାମରେ ଥିବା ରେକର୍ଡ ଭାଙ୍ଗିଛନ୍ତି ସନ୍‌ରାଇଜର୍ସ ହାଇଦ୍ରାବାଦର ସନ୍ଦୀପ ଶର୍ମା।

୧୨ ୧୦

**ନାଗିନ୍ ଚରିତ୍ରରେ ଶ୍ରଦ୍ଧା**

ଅଭିନେତ୍ରୀ ଶ୍ରଦ୍ଧା କପୁର ଏକ ଇଚ୍ଛାଧାରୀ ନାଗିନ୍ ଭୂମିକାରେ ନଜର ଆସିବେ। ଫିଲ୍ମର ନାମ ହେଉଛି 'ନାଗିନ୍'।





ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ମନାସି ହିନ୍ଦୁ ସେନା ପକ୍ଷରୁ ନୂଆଦିଲ୍ଲୀରେ ମଙ୍ଗଳବାର କରାଯାଇଥିବା ଯଜ୍ଞ।

# ନିଷ୍ପତ୍ତି ନେଲା ଆମେରିକା

## ହ୍ୱାଇଟ୍ ହାଉସ୍ ଦୌଡ଼: ଟ୍ରମ୍ପ୍ ନା ବାଇଡେନ୍

କିଏ ହେବେ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି? ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ପୁନଃ ନିର୍ବାଚିତ ହେବେ ନା ଡେମୋକ୍ରାଟ୍ ଜୋ ବାଇଡେନ ବାଜି ମାରିନେବେ? ୭୪ ବର୍ଷୀୟ ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌ରେ ପୁଣି ୪ ବର୍ଷ ପାଇଁ ରହିବେ ନା ୭୭ ବର୍ଷୀୟ ବାଇଡେନ ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଓ କୂଟନୈତିକ ଅଫିସକୁ ଦଖଲ କରିବେ? ଏହି ନିର୍ଣ୍ଣାୟକ ନିଷ୍ପତ୍ତି ନେବା ପାଇଁ ଆମେରିକାର ୨୪ କୋଟି ଭୋଟର ମତଦାନ କରୁଛନ୍ତି। ଆମେରିକାରେ ନଭେମ୍ବର ୩ ମଙ୍ଗଳବାର ସକାଳ ୬ଟାରୁ ମତଦାନ ଆରମ୍ଭ ହେଇଛି, ଯାହାକି ରାତି ୯ଟା ପର୍ଯ୍ୟନ୍ତ ଚାଲିବ। ଅର୍ଥାତ୍ ଭାରତୀୟ ସମୟ ମଙ୍ଗଳବାର ଅପରାହ୍ଣ ୪ଟା ୩୦ରୁ ବୁଧବାର ସକାଳ ୭ଟା ୩୦ ପର୍ଯ୍ୟନ୍ତ ଆମେରିକାବାସୀ ସେମାନଙ୍କ ରାଜନୈତିକ ଅଧିକାର ସାବ୍ୟସ୍ତ କରିବେ। ୫୦ ରାଜ୍ୟର ୫୩୮ ଇଲେକ୍ଟର୍ସଙ୍କ ମଧ୍ୟରୁ ୨୭୦ ଜଣଙ୍କ ସମର୍ଥନ ପାଇଲେ ଜଣେ ପ୍ରାର୍ଥୀ ବିଜୟୀ ହେବେ। ୫୯ତମ ରାଷ୍ଟ୍ରପତି ନିର୍ବାଚନର ପରିଣାମ ଭୋଟ ସରିବା ପରେ ରାଜ୍ୟଗୁଡ଼ିକରୁ ଆସିବା ଆରମ୍ଭ ହେବ। ତେବେ ବିଶ୍ୱର ସବୁଠୁ ଶକ୍ତିଶାଳୀ ନେତା ଭାବେ କିଏ ମାନ୍ୟତା ପାଇବେ ତାହା ଆସନ୍ତା ଡିସେମ୍ବର ୧୪ରେ ହିଁ ସ୍ପଷ୍ଟ ହେବ। ନିର୍ବାଚିତ ପ୍ରାର୍ଥୀ ୨୦୨୧ ଜାନୁୟାରୀ ୨୦ରେ ଆମେରିକା ରାଷ୍ଟ୍ରପତି ଭାବେ ଶପଥ ନେବେ।

**ୱାଶିଂଟନ/ନ୍ୟୁୟର୍କ,୩।୧୧**

ଆମେରିକାରେ ବହୁ ପ୍ରତୀକ୍ଷିତ ଚତୁଃ ବାର୍ଷିକ ନିର୍ବାଚନ ପାଇଁ ମତଦାନ ଜାରି ରହିଛି। ରିପବ୍ଲିକାନ୍ ପାର୍ଟିରୁ ପ୍ରେସିଡେନ୍ସିଆଲ ନୋମିନି ଭାବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୁଣି ଥରେ ଭାଗ୍ୟ ପରୀକ୍ଷା କରୁଥିବାବେଳେ ତାଙ୍କ ବିପକ୍ଷରେ ଚ୍ୟାଲେଞ୍ଜର ରୂପେ ଉଭା ହୋଇଛନ୍ତି ପୂର୍ବତନ ଉପରାଷ୍ଟ୍ରପତି ତଥା ଡେମୋକ୍ରାଟ୍ ଜୋ ବାଇଡେନ। ସେହିପରି ବର୍ତ୍ତମାନର ଉପରାଷ୍ଟ୍ରପତି ମାଇକ୍ ପେନ୍ସ ନିଜ ପଦବୀ ବଜାୟ ରଖିବା ପାଇଁ ପୁନଃ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ତାଙ୍କୁ କଡ଼ା ଟକ୍କର ଦେଉଛନ୍ତି ବାଇଡେନଙ୍କ ରନିଂ ମେଟ୍ ତଥା ଭାରତୀୟ ବଂଶୋଦ୍ଭବ କମଳା ହାରିସ୍। ଏହି ୪ ଗୁରୁତ୍ୱପୂର୍ଣ୍ଣ ପଦବୀ ଲାଗି ଯୋଗ୍ୟ ନେତାଙ୍କୁ ☞ପୃଷ୍ଠା-୪



### ବଡ଼ ରାଲିର ଭିଡ଼ ଚୂଡ଼ାନ୍ତ ନିର୍ବାଚନ: ଟ୍ରମ୍ପ୍

ବଡ଼ ସଭାରେ ରୁଣ୍ଡ ହେଉଥିବା ଭିଡ଼ ହିଁ ଚୂଡ଼ାନ୍ତ ନିର୍ବାଚନ ବୋଲି ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ବିଶ୍ୱାସ। ଟ୍ରମ୍ପ୍‌ଙ୍କ ମତରେ ଏହି ଜନ ସମାବେଶ ହିଁ ତାଙ୍କ ପାଇଁ ଭୋଟରେ ରୂପାନ୍ତରିତ ହେବ। ଫକ୍ସ ନ୍ୟୁଜ୍ ଚ୍ୟାନେଲକୁ ସାକ୍ଷାତ୍କାର ଦେଇ ଟ୍ରମ୍ପ୍ କହିଛନ୍ତି, ମତଦାନ ବେଳେ ସେ ତାଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ଲୋକଙ୍କୁ ଫୋନ୍ କରିବେ। ଏହାସହ ଭର୍ଜିନିଆ ଉପାନ୍ତରେ ଥିବା ତାଙ୍କ ପ୍ରଚାର ମୁଖ୍ୟାଳୟକୁ ଯାଇ ଷ୍ଟାଫ୍‌ଙ୍କୁ ଧନ୍ୟବାଦ ଦେବେ।

### ଇଣ୍ଟରନେଟ ସର୍ଚ୍ଚରେ ଟ୍ରମ୍ପ୍ ଆଗୁଆ

ତିକ୍ତତାପୂର୍ଣ୍ଣ ପ୍ରଚାର ଶେଷ ହେବା ପରେ ଆମେରିକା ରାଷ୍ଟ୍ରପତି ବାଛିବା ପାଇଁ ମତଦାନ ଜାରି ରହିଛି। ଡେମୋକ୍ରାଟ୍ ଜୋ ବାଇଡେନ୍‌ଙ୍କ ସପକ୍ଷରେ ଓପିନିୟନ ପୋଲ୍‌ଗୁଡ଼ିକ ମତ ଦେଉଥିବାବେଳେ ରିପବ୍ଲିକାନ ଡୋନାଲ୍ଡ ଟ୍ରମ୍ପ୍ ଇଣ୍ଟରନେଟ ସର୍ଚ୍ଚରେ ଆଗୁଆ ଅଛନ୍ତି। ଅଧିକାଂଶ ସର୍ବେକ୍ଷଣ ସଂସ୍ଥା ଟ୍ରମ୍ପ୍‌ଙ୍କଠାରୁ ବାଇଡେନ ୮ ପଏଣ୍ଟ ଆଗରେ ଥିବା କହୁଛନ୍ତି। କିନ୍ତୁ ଗୁଗଲ ସର୍ଚ୍ଚ ତଥ୍ୟର ବିଶ୍ଳେଷଣ ଟ୍ରମ୍ପ୍ ଆଗୁଆ ଥିବା ଦର୍ଶାଉଛି। ବାସ୍ତବରେ ରାଷ୍ଟ୍ରପତି ନିର୍ବାଚନର ଦିନକ ପୂର୍ବରୁ ଟ୍ରମ୍ପ୍ ଓ ବାଇଡେନଙ୍କ ମଧ୍ୟରେ ବ୍ୟବଧାନ ବଢ଼ିଛି। ହାରାହାରି ୪୫% ଇଣ୍ଟରନେଟ ୟୁଜର୍ସ ଅନ୍‌ଲାଇନରେ ଟ୍ରମ୍ପ୍‌ଙ୍କୁ ଖୋଜିଥିବାବେଳେ ବାଇଡେନଙ୍କୁ ୨୩% ସର୍ଚ୍ଚ କରିଛନ୍ତି। ନେବ୍ରାସ୍କା, ଭର୍ମୋଣ୍ଟ, ଆରିଜୋନା, ୱାଶିଂଟନ ଓ ଓରେଗାନ ଭଳି ରାଜ୍ୟଗୁଡ଼ିକରେ ଗୁଗଲରେ ଟ୍ରମ୍ପ୍‌ଙ୍କୁ ସର୍ବାଧିକ ସର୍ଚ୍ଚ କରାଯାଇଛି। ଡେଲାୱେର, ଟେକ୍ସାସ, କଲମ୍ବିଆ, ଓହିଓ ଏବଂ ଆର୍‌କନ୍‌ସାସରେ ମଧ ଟ୍ରମ୍ପ୍ ବାଇଡେନଙ୍କଠାରୁ ଆଗୁଆ ଅଛନ୍ତି।



### ପୂର୍ବାବସ୍ଥା ଫେରାଇ ଆଣିପାରିବା: ବାଇଡେନ

ଆମେ ଆମେରିକାକୁ ସାମ୍ପ୍ରତିକ ସଙ୍କଟରୁ ମୁକ୍ତ କରି ତା' ପୂର୍ବ ଅବସ୍ଥାକୁ ଫେରାଇ ଆଣିପାରିବା। ରାଷ୍ଟ୍ରର ଆତ୍ମା ପାଇଁ ଆମେ ଏହି ଯୁଦ୍ଧ ଜିତିପାରିବା। ଏହା ଆଜି ଆରମ୍ଭ ହୋଇଛି। ମତଦାନ କେନ୍ଦ୍ରକୁ ଯାଇ ନିଜ ଭୋଟ ଦିଅନ୍ତୁ ବୋଲି ଡେମୋକ୍ରାଟିକ୍ ପ୍ରାର୍ଥୀ ଜୋ ବାଇଡେନ ଟୁଇଟର୍‌ରେ ଅନୁରୋଧ କରିଛନ୍ତି। ୨୦୦୮ରୁ ୨୦୧୨ ପର୍ଯ୍ୟନ୍ତ ଉପରାଷ୍ଟ୍ରପତି ଭାବେ ଲୋକେ ଭରସା କରିଥିଲେ। ଏବେ ତାଙ୍କୁ ରାଷ୍ଟ୍ରପତି ଏବଂ କମଳା ହାରିସଙ୍କୁ ଉପରାଷ୍ଟ୍ରପତି ଭାବେ ବାଛିବାକୁ ସେ ଅନୁରୋଧ କରିଛନ୍ତି।

## ବେଦାନ୍ତ ନେଲା ରାଧିକାପୁର

**ଭୁବନେଶ୍ୱର,୩।୧୧(ବ୍ୟୁରୋ):** ଦେଶର ୧୯ କୋଇଲା ବ୍ଲକ ପାଇଁ ସୋମବାରଠାରୁ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି। ନିଲାମର ପ୍ରଥମ ଦିନରେ ବେଦାନ୍ତ ଅନୁଗୋଳ ଜିଲାର ରାଧିକାପୁର ୱେଷ୍ଟ କୋଲ୍ ବ୍ଲକକୁ ସର୍ବାଧିକ ୨୧ ପ୍ରତିଶତ ପ୍ରିମିୟମରେ ନିଲାମ ନେଇଛି। ଏହି କୋଇଲାଖଣିରେ ପ୍ରାୟ ୩୧୨ ନିୟୁତ ଟନ୍ କୋଇଲା ଗଚ୍ଛିତ ରହିଛି। ଏହି ନିଲାମରେ ଇଏମ୍‌ଆଇଏଲ୍ ମାଇନ୍ସ ଏବଂ ମିନେରାଲ ରିସୋର୍ସ ଲିମିଟେଡ ଏବଂ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଭାଗ ନେଇଥିଲେ। ସେହିପରି ୟାଜ୍‌ଦାନୀ ଇଣ୍ଟରନ୍ୟାଶନାଲ ପ୍ରାଇଭେଟ୍ ଲିମିଟେଡ୍ ମହାରାଷ୍ଟ୍ର ମାରକା ମଙ୍ଗଲା-୨ କୋଇଲା ଖଣିକୁ ୩୦.୭୫ ପ୍ରତିଶତ ପ୍ରିମିୟମ୍‌ରେ ନିଲାମ ନେଇଛି। ଉକ୍ତ କମ୍ପାନୀ ରାଜ୍ୟ ବାହାରୁ କୋଇଲା ବ୍ଲକ ପାଇବାରେ ସକ୍ଷମ ହୋଇଛି। ଏହି ଖଣି ପାଇବା ପାଇଁ ଆନ୍ଧ୍ରପ୍ରଦେଶ ମିନେରାଲ ଡେଭ୍‌ଲପମେଣ୍ଟ କର୍ପୋରେଶନ ଲିମିଟେଡ ଆଣ୍ଡ ରେଫେକ୍ସ ଇଣ୍ଡଷ୍ଟ୍ରିଜ ମଧ ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଥିଲେ। ତେବେ ୟାଜ୍‌ଦାନୀ ଉକ୍ତ ଖଣି ହାତେଇବାରେ ସଫଳ ହୋଇଛି। ଏହି ୧୧.୫୪ ନିୟୁତ କୋଲ୍ ବ୍ଲକ ୩.୪ ବର୍ଗ କିଲୋମିଟର ବ୍ୟାପୀ ଅଞ୍ଚଳରେ ରହିଛି। ଏହି ନିଲାମ ପ୍ରକ୍ରିୟା ୮ ଦିନ ଧରି ଚାଲିବ।

# ୭୦ ପ୍ରତିଶତ ମତଦାନ

**ତିର୍ତ୍ତୋଲ, ବାଲେଶ୍ୱର ଉପନିର୍ବାଚନ**

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

ତିର୍ତ୍ତୋଲ ଏବଂ ବାଲେଶ୍ୱର ବିଧାନସଭା ଉପନିର୍ବାଚନ ମଙ୍ଗଳବାର ଶେଷ ହୋଇଛି। ଉଭୟ ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୫ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଉଭୟ ନିର୍ବାଚନ ମଣ୍ଡଳୀରେ ୭୦ ପ୍ରତିଶତ ମତଦାନ ହୋଇଛି। ବାଲେଶ୍ୱରରେ ସନ୍ଧ୍ୟା ୬ଟା ସୁଦ୍ଧା ୭୧ ପ୍ରତିଶତ ମତଦାନ ହୋଇଥିବାବେଳେ ତିର୍ତ୍ତୋଲରେ ୬୯.୯୯ ପ୍ରତିଶତ ହୋଇଛି। ଭୋଟଗ୍ରହଣ ମଙ୍ଗଳବାର ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ଯାଏ ଚାଲିଥିଲା। ଭୋଟଗ୍ରହଣ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। କୌଣସି ଗଣ୍ଡୋଗୋଳ ହୋଇ ନ ଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି। ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୩୭ ହଜାର ୨୮୨ ଓ ବାଲେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨ ଲକ୍ଷ ୩୦ ହଜାର ୨୯୬ ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରିଛନ୍ତି। ଆସନ୍ତା ୧୦ ତାରିଖରେ ଭୋଟ ଗଣତି ହେବ।

ସୂଚନା ଯୋଗ୍ୟ, ବାଲେଶ୍ୱର ଭାଜପା ବିଧାୟକ ମଦନ ମୋହନ ଦତ୍ତ ଏବଂ ତିର୍ତ୍ତୋଲ ବିଜେଡି ବିଧାୟକ ବିଷ୍ଣୁ ଚରଣ ଦାସଙ୍କଙ୍କ ବିୟୋଗ ପରେ ଉକ୍ତ ଦୁଇ ଆସନରେ ଉପନିର୍ବାଚନ କରାଯାଇଛି।

# ବିକ୍ରି, ଫୁଟାଇବା ନିଷିଦ୍ଧ


**ଦୀପାବଳି**

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

ଆସନ୍ତା ୧୪ ତାରିଖରେ ଦୀପାବଳି ପାଳିତ ହେବ। ଆଲୋକର ଏହି ପର୍ବରେ ବାଣ ବିକ୍ରି କିମ୍ବା ଫୁଟାଇବାକୁ ନିଷେଧ କରାଯାଇଛି। ନଭେମ୍ବର ୧୦ରୁ ୩୦ ଯାଏ ବାଣ ବିକ୍ରି କିମ୍ବା ଫୁଟାଯିବ ନାହିଁ। କରୋନା ସଂକ୍ରମଣ ତଥା ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

କୌଣସି ବ୍ୟକ୍ତି ବାଣ ବିକ୍ରି କିମ୍ବା ଫୁଟାଇବା ନିଷେଧାଦେଶକୁ ଅବମାନନା କଲେ ବିପର୍ଯ୍ୟୟ ପରିଚାଳନା ଆଇନ ତଥା ଅନ୍ୟ ସମ୍ପୃକ୍ତ ନିୟମଧାରା ଅନୁଯାୟୀ ଦଣ୍ଡିତ ହେବେ। ପ୍ରଶାସନ ଓ ପୋଲିସକୁ ଏଥିପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାଣ ଫୁଟାଇବା ଦ୍ୱାରା ଅଧିକ ମାତ୍ରାରେ ନାଇଟ୍ରସ୍ ଅକ୍ସାଇଡ, ସଲ୍‌ଫର ଡାଇଅକ୍ସାଇଡ, କାର୍ବନ ମନୋକ୍ସାଇଡ ଭଳି କ୍ଷତିକାରକ ରାସାୟନିକ ପଦାର୍ଥ ନିର୍ଗତ ହୋଇଥାଏ। ତାହା ଶ୍ୱାସଜନିତ ରୋଗୀଙ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ। ଗୃହ ପୃଥକ୍ ବାସରେ ରହିଥିବା କୋଭିଡ୍-୧୯ ସଂକ୍ରମିତଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଆହୁରି ବିଗାଡ଼ି ଦେବାର ଆଶଙ୍କା ରହିଛି। ଆଲୋକର ପର୍ବକୁ ପାରମ୍ପରିକ ମାଟି ଦୀପ, ମହମବତି ତଥା ଅନ୍ୟାନ୍ୟ ଆଲୋକୀକରଣ ପଦାର୍ଥ ବ୍ୟବହାର କରି ପାଳନ କରାଯାଇ ପାରିବ। ଲୋକଙ୍କ ଜୀବନରକ୍ଷା ନିମନ୍ତେ ବିଶ୍ୱ ମହାମାରୀ ବିରୋଧରେ ଜାରି ଏହି ଯୁଦ୍ଧରେ ସରକାର ରାଜ୍ୟବାସୀଙ୍କ ପୂର୍ଣ୍ଣ ସହଯୋଗ କାମନା କରିଛନ୍ତି।

ଓଡ଼ିଶା ସରକାରଙ୍କ ଦ୍ୱାରା ନିଆଯାଇଥିବା ଆଗୁଆ ପଦକ୍ଷେପ ଓ ଜନସାଧାରଣଙ୍କ ସହଯୋଗ ଯୋଗୁ କୋଭିଡ୍-୧୯ ମହାମାରୀକୁ ରାଜ୍ୟରେ ଯଥେଷ୍ଟ ପରିମାଣରେ ନିୟନ୍ତ୍ରଣ କରାଯାଇ ପାରିଛି। ବର୍ତ୍ତମାନ ସକ୍ରିୟ ରୋଗୀଙ୍କ ସଂଖ୍ୟାରେ ହ୍ରାସ ଘଟିଥିଲେ ସୁଦ୍ଧା ବିପଦ ଏବେ ମଧ ରହିଛି। ଦେଶରେ ତଥା ବିଶ୍ୱର କେତେକ ଅଞ୍ଚଳରେ କୋଭିଡ୍-୧୯ ସଂକ୍ରାନ୍ତ ସତର୍କତାମୂଳକ ପଦକ୍ଷେପ କଡ଼ାକଡ଼ି ଅନୁପାଳନ ହେଉ ନ ଥିବାରୁ ସେସବୁ ଅଞ୍ଚଳରେ ପୁନଃ ସଂକ୍ରମଣ ଦେଖାଦେଇଛି। ଏଥିପାଇଁ ବିଶ୍ୱର ଅନେକ ଦେଶ କରୋନା ଅଧିକ ନ ବ୍ୟାପିବା ଓ ତାହାର ପୁନଃ ସଂକ୍ରମଣକୁ ☞ପୃଷ୍ଠା-୪




## ଭିଏନାରେ ଆତଙ୍କବାଦୀ ଆକ୍ରମଣ

### ୫ ମୃତ, ୧୭ ଆହତ

**ଭିଏନା,୩।୧୧:** ଅଷ୍ଟ୍ରିଆର ରାଜଧାନୀ ଭିଏନାରେ ସୋମବାର ରାତି ୮ରେ ଆତଙ୍କବାଦୀ ଆକ୍ରମଣ କରାଯାଇଛି। ଦେଶରେ ଲକ୍‌ଡାଉନ୍ ଘୋଷଣା ହେବାର କିଛିଘଣ୍ଟା ପୂର୍ବରୁ ଜଣେ ଆତଙ୍କବାଦୀ ଆଖିବୁଜା ଗୁଳିମାଡ଼ କରିବା ଫଳରେ ୫ ଜଣଙ୍କ ମୃତ୍ୟୁ ହେବା ସହ ୧୭ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୭ ଜଣ ଗୁରୁତର ଥିବା ଭିଏନା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଦୁଇଜଣ ମହିଳା ଓ ଦୁଇଜଣ ପୁରୁଷଙ୍କ ମୃତ୍ୟୁ ହୋଇଥିବାବେଳେ ଆକ୍ରମଣକାରୀ ମଧ ପୋଲିସ ଗୁଳିରେ ନିହତ ହୋଇଛନ୍ତି। ଆତଙ୍କବାଦୀ ସଙ୍ଗଠନ ଆଇଏସ୍ ସହ ଆକ୍ରମଣକାରୀଙ୍କ ସମ୍ପର୍କ ଥିବା ଜଣାପଡ଼ିଛି। ଗୃହମନ୍ତ୍ରୀ କାର୍ଲ ନେହାମର କହିଛନ୍ତି, ଆକ୍ରମଣକାରୀ ଉତ୍ତର ମାସିଡୋନିଆର ଓ ତାଙ୍କ ବିରୋଧରେ ପୂର୍ବରୁ ଅନେକ ମାମଲା ରହିଛି। ୨୦୧୯ରେ ଆକ୍ରମଣକାରୀ ଫେଜୁଲାଇ ଆଇଏସ୍ ସଙ୍ଗଠନରେ ମିଶିବା ଲାଗି ସିରିଆ ଯାଇଥିବାରୁ କୁଜ୍‌ତିମ୍ ତାଙ୍କୁ ୨୨ ମାସ କାରାଦଣ୍ଡାଦେଶ ଦିଆଯାଇଥିଲା। ଡିସେମ୍ବରରେ ତାଙ୍କୁ ଜୁଭେନାଇଲ ଆକ୍ଟ ଜରିଆରେ ଆଗୁଆ ମୁକ୍ତ କରାଯାଇଥିଲା।

**ଆଜିର ସମ୍ପାଦକୀୟ**

**ପ୍ରାସଙ୍ଗିକତା ହ୍ରାସ**

# ରେଟ୍ କଣ୍ଟ୍ରାକ୍ଟକୁ ଅଣଦେଖା: ସଙ୍କଟରେ ଏମ୍‌ଏସ୍‌ଏମ୍‌ଇ

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

- ଇପିଏମ୍ ରେଟ୍ କଣ୍ଟ୍ରାକ୍ଟ ପୂର୍ବ ଭଳି ବଜାୟ ରଖିବାକୁ ଶିଳ୍ପର ନିବେଦନ
- ଜିଇଏମ୍ ସମ୍ପୂର୍ଣ୍ଣ ଲାଗୁ ହେଲେ କ୍ଷତିଗ୍ରସ୍ତ ହେବ ରାଜ୍ୟର କ୍ଷୁଦ୍ରଶିଳ୍ପ



ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିକାଶ ଲାଗି ବିଭିନ୍ନ ପଦକ୍ଷେପ ନିଆଯାଉଥିବା ରାଜ୍ୟ ସରକାର କହୁଛନ୍ତି। ସ୍ଥାନୀୟ ଶିଳ୍ପଗୁଡ଼ିକର ସ୍ୱାର୍ଥ ରକ୍ଷା ଲାଗି ସରକାର ଇପିଏମ୍ (ରପ୍ତାନି ପ୍ରୋତ୍ସାହନ ଓ ବିପଣନ) ରେଟ୍ କଣ୍ଟ୍ରାକ୍ଟ ବ୍ୟବସ୍ଥାକୁ ଆଜି ପର୍ଯ୍ୟନ୍ତ ବଞ୍ଚାଇ ରଖିଥିଲେ। ରେଟ୍ କଣ୍ଟ୍ରାକ୍ଟ ମାଧ୍ୟମରେ ରାଜ୍ୟ ସରକାର ବିଭିନ୍ନ ବିଭାଗ ଲାଗି ପ୍ରାୟ ୨୩୦ କୋଟି ଟଙ୍କାର ସାମଗ୍ରୀ କ୍ରୟ କରିଥାନ୍ତି। ଫଳରେ ବହୁ କ୍ଷୁଦ୍ର ଶିଳ୍ପ ତିଷ୍ଠିପାରିଛନ୍ତି। ହେଲେ ଅକ୍ଟୋବରରେ ଆସିଥିବା ଏକ ସର୍କୁଲାରରେ ଇପିଏମ୍ ରେଟ୍ କଣ୍ଟ୍ରାକ୍ଟ ବ୍ୟବସ୍ଥାକୁ ଗୌଣ କରାଯାଇ 'ଗଭର୍ନମେଣ୍ଟ ଇ-ମାର୍କେଟ ପ୍ଲେସ୍' (ଜିଇଏମ୍)ରେ ସାମଗ୍ରୀ କିଣିବାକୁ ଅଗ୍ରାଧିକାର ଦିଆଯାଉଛି। ଜିଇଏମ୍ ପ୍ରଚଳନ କରି ସରକାର ଇ-ମାର୍କେଟ ମାଧ୍ୟମରେ ସାରା ଭାରତର ଏମ୍‌ଏସ୍‌ଏମ୍‌ଇଠାରୁ ସାମଗ୍ରୀ କିଣିପାରିବେ। ଏହାଦ୍ୱାରା ରାଜ୍ୟର ୩ଲକ୍ଷ କ୍ଷୁଦ୍ରଶିଳ୍ପ ଓ ଏଥିରେ ନିଯୁକ୍ତ ପ୍ରାୟ ୨୪ ଲକ୍ଷ ଲୋକଙ୍କ ନିଯୁକ୍ତି ଉପରେ ସଙ୍କଟ ସୃଷ୍ଟି ହୋଇଛି। ବର୍ତ୍ତମାନ ରାଜ୍ୟର ୬୦% ଏମ୍‌ଏସ୍‌ଏମ୍‌ଇ ସୁପ୍ତ ଅବସ୍ଥାରେ ରହିଛନ୍ତି। ସରକାରଙ୍କ ଏଭଳି ପଦକ୍ଷେପ ଅନ୍ୟ କ୍ଷୁଦ୍ର ଶିଳ୍ପଗୁଡ଼ିକୁ ବନ୍ଦ କରିଦେବା ପାଇଁ ବାଧ କରିଛି। କ୍ଷୁଦ୍ର ଶିଳ୍ପସଂସ୍ଥାଗୁଡ଼ିକ ପକ୍ଷରୁ ପ୍ରଶ୍ନ ହେଉଛି ଯେ, ସର୍ବଭାରତୀୟ ସ୍ତରରୁ ସାମଗ୍ରୀ କଣିବା ପାଇଁ ଯଦି ସରକାର ନୀତି ଆପଣାଇଛନ୍ତି, ତା'ହେଲେ ୨୪ ଲକ୍ଷ ଲୋକଙ୍କ ନିଯୁକ୍ତିକୁ ସୁରକ୍ଷା ଦେଇପାରିବେ କି।

ରେଟ୍ କଣ୍ଟ୍ରାକ୍ଟ ବ୍ୟବସ୍ଥାରେ ଇଞ୍ଜିନିୟରିଂ, ମେଟାଲ, ଫର୍ନିଚର, କେମିକାଲ୍ସ, ରବର, ଲେଦର, ପ୍ଲାଷ୍ଟିକ, ପିଭିସି ଏବଂ ଫାର୍ମାସ୍ୟୁଟିକାଲ ବର୍ଗରେ ପ୍ରଡକ୍ଟ ଏମ୍‌ଏସ୍‌ଏମ୍‌ଇଠାରୁ କିଣାଯାଇଥାଏ। ମୋଟ ୮୮ ସାମଗ୍ରୀ ଏଥିରେ ସାମିଲ କରାଯାଇଛି। ଏଭଳି ବ୍ୟବସ୍ଥାରେ ରାଜ୍ୟ ସରକାର ସାମଗ୍ରୀର ମୂଲ୍ୟ ସ୍ଥିର କରିଥାନ୍ତି। ସବୁ ୟୁନିଟ ଲାଗି ଏହାକୁ କାର୍ଯ୍ୟକାରୀ କରାଯାଇଥାଏ। ବର୍ଷେ ଯାଏ ଏହା ବୈଧ ରହିଥାଏ। ସାମଗ୍ରୀର ଗୁଣବତ୍ତା ପରୀକ୍ଷଣ ଏଥିରେ ରଖାଯାଇଥିଲା। ୯୦% ସ୍ଥାନୀୟ କ୍ଷୁଦ୍ର ଶିଳ୍ପ ସରକାରୀ ଅର୍ଡର ଉପରେ ନିର୍ଭର କରିଥାନ୍ତି। ରେଟ୍ କଣ୍ଟ୍ରାକ୍ଟ ସହ ଜିଇଏମ୍ ବ୍ୟବସ୍ଥା ରଖିବାକୁ ପୂର୍ବରୁ ସରକାର ବିଚାର କରିଥିଲେ। ଏହାକୁ ନେଇ କ୍ଷୁଦ୍ରଶିଳ୍ପ ଅଂଶୀଦାରଙ୍କୁ ଭରସା ଦିଆଯାଇଥିଲା। ହେଲେ ବର୍ତ୍ତମାନ ଜିଇଏମ୍‌ରେ ସାମଗ୍ରୀ କିଣିବାକୁ ସରକାରୀ ସର୍କୁଲାର ଜାରି ହୋଇଥିବାରୁ ଏହାକୁ ନେଇ ଶିଳ୍ପ ଅଂଶୀଦାରମାନେ ଆଶଙ୍କାରେ ରହିଛନ୍ତି। ରେଟ୍ କଣ୍ଟ୍ରାକ୍ଟ ବ୍ୟବସ୍ଥାକୁ ସରକାର ଆସ୍ତେ ଆସ୍ତେ ଉଠାଇଦେବେ ବୋଲି ଶୁଣାଯାଉଛି। କାରଣ ଉକ୍ତ ବ୍ୟବସ୍ଥାକୁ ପୁନଃ ନବୀକରଣ କରାଯାଉନାହିଁ।

ସାମଗ୍ରୀ ରପ୍ତାନି ଛୋଟ ୟୁନିଟଗୁଡ଼ିକ ଲାଗି କଷ୍ଟକର। ଏଣୁ ରେଟ୍ କଣ୍ଟ୍ରାକ୍ଟ ଉଠିଗଲେ ଏହା ଶିଳ୍ପଗୁଡ଼ିକର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବ। ଅପରପକ୍ଷରେ ଜିଇଏମ୍ ପଞ୍ଜୀକରଣ ୟୁନିଟଗୁଡ଼ିକ ଲାଗି କଷ୍ଟକର ହେଉଥିବା ଜଣାପଡ଼ିଛି। କାରଣ ରାଜ୍ୟ ଅର୍ଥ ବିଭାଗ ମଧ ଏହି ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ସ୍ପଷ୍ଟ ନୁହେଁ ବୋଲି ଶିଳ୍ପ ସଂଘ ପକ୍ଷରୁ କୁହାଯାଉଛି। ନୂଆ ବ୍ୟବସ୍ଥା ଲାଗୁ ହେବା ସମୟରେ ଅଂଶୀଦାରଙ୍କ ମତାମତ ନେବାର ଆବଶ୍ୟକତାକୁ ମଧ ବିଚାରକୁ ନିଆଯାଉନାହିଁ। ଜିଇଏମ୍ ଉପରେ ସଚେତନ କରାଇବାକୁ କୌଣସି ବ୍ୟବସ୍ଥା ମଧ କରାଯାଇନାହିଁ।

ଜିଇଏମ୍‌ରେ ରାଜ୍ୟର କ୍ଷୁଦ୍ରଶିଳ୍ପ ଅଂଶଗ୍ରହଣ କଲେ ସର୍ବଭାରତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡିବ। ଦେଶର ଶିଳ୍ପ ବିକଶିତ ରାଜ୍ୟଗୁଡ଼ିକରେ ଯେଉଁ ଭିତ୍ତିଭୂମି ରହିଛି ଓଡ଼ିଶା ସେହି ତୁଳନାରେ ବହୁ ପଛୁଆ। ଫଳରେ ରାଜ୍ୟର ଶିଳ୍ପ ଏହାଦ୍ୱାରା ସାମଗ୍ରୀ ଯୋଗାଣରେ ସକ୍ଷମ ହେବେ ନାହିଁ। ଉପକୂଳ ଏବଂ ମଧ ଓଡ଼ିଶାରେ ରହିଥିବା ଶିଳ୍ପଗୁଡ଼ିକ ଠିକ୍ ଭାବେ ଅନ୍‌ଲାଇନରେ ଜିଇଏମ୍‌ରେ ଅଂଶଗ୍ରହଣ ନେଇ ସଚେତନ ନୁହନ୍ତି। ଏଭଳି ସ୍ଥିତିରେ କଳାହାଣ୍ଡି, ☞ପୃଷ୍ଠା-୪




## କିପରି ହୁଏ ଆମେରିକା ରାଷ୍ଟ୍ରପତି ନିର୍ବାଚନ

ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ଲାଗି ମଙ୍ଗଳବାର ଭୋଟଦାନ ହୋଇଛି। ସବୁଠୁ ପ୍ରଭାବଶାଳୀ ଦେଶର ରାଷ୍ଟ୍ରପତି କିଏ ହେବେ ତାହା ଉପରେ ସାରା ବିଶ୍ୱର ନଜର ରହିଛି। ସେଠାରେ ନିର୍ବାଚନ ପ୍ରକ୍ରିୟାରେ କେତେକ ଭିନ୍ନତା ରହିଛି। ଦେଖାଯାଇଛି ସେଠାରେ ରାଷ୍ଟ୍ରପତି ପ୍ରାର୍ଥୀ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ଅଧିକ ଭୋଟ ପାଇ ମଧ୍ୟ ହାରିଛନ୍ତି। ୨୦୧୬ରେ ହିଲାରୀ କ୍ଲିଣ୍ଟନଙ୍କ କ୍ଷେତ୍ରରେ ତାହା ହୋଇଥିଲା। ଇଲେକ୍ଟୋରାଲ କଲେଜ କାରଣରୁ ବେଳେବେଳେ ପ୍ରତ୍ୟକ୍ଷ ନିର୍ବାଚନ ଓ ଆମେରିକା କଂଗ୍ରେସ ଦ୍ୱାରା ରାଷ୍ଟ୍ରପତି ନିଯୁକ୍ତିରେ ଏପରି ସାଲିସ କରାଯାଇଥାଏ।

## ଭୋଟ ଉପରେ କୋଭିଡ୍ ପ୍ରଭାବ

କରୋନା ମହାମାରୀ ଦ୍ୱାରା ଆମେରିକା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ରାଷ୍ଟ୍ରପତି ନିର୍ବାଚନ ଉପରେ ମଧ୍ୟ ଏହାର ପ୍ରଭାବ ପଡିଛି। କରୋନା ସଂକ୍ରମଣ ଓ ମୃତ୍ୟୁସଂଖ୍ୟା ମାତ୍ରାଧିକ ବୃଦ୍ଧି ପାଇଥିବାରୁ ଉଭୟ ରାଷ୍ଟ୍ରପତି ପ୍ରାର୍ଥୀ ସେମାନଙ୍କ ପ୍ରଚାର ରଣନୀତିରେ ପରିବର୍ତ୍ତନ କରିଥିଲେ। ଅନେକ ରାଲି ଭର୍ଚୁଆଲି ହୋଇଥିବାବେଳେ ସମାବେଶଗୁଡିକୁ ସ୍ଥଗିତ ରଖାଯାଇଥିଲା। ସମର୍ଥକମାନେ ଘରକୁ ଘର ଯାଇ ଲୋକଙ୍କୁ ସେମାନଙ୍କ ନେତାଙ୍କ ସପକ୍ଷରେ ଭୋଟ ଦେବାକୁ ପ୍ରବର୍ତ୍ତାଇଥିଲେ। ତେବେ ବାଇଡେନ୍ ତାଙ୍କ ରାଲିରେ ସାମାଜିକ ଦୂରତ୍ୱ ରକ୍ଷା ଓ ମାସ୍କ ପିନ୍ଧିବା ନିୟମକୁ ପାଳନ କରୁଥିବାବେଳେ ଟ୍ରମ୍ପ୍ ଏଭଳି କଟକଣାକୁ ବିରୋଧ କରି ସେଗୁଡ଼ିକ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଥିଲେ। ସବୁଠୁ ବଡ଼ କଥା ହେଲା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। କରୋନା ଯୋଗୁ ଏଥର ରେକର୍ଡ ସଂଖ୍ୟକ ଭୋଟର ପୋଷ୍ଟାଲ ବାଲଟରେ ଭୋଟ ଦେଉଥିବା ଜଣାପଡ଼ିଛି।

# ଝୁଲା ରାଜ୍ୟରେ ବାଇଡେନ୍

ୱାଶିଂଟନ,୩।୧୧(ଆଇଏଏନ୍ଏସ୍)

ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ଓ ଡେମୋକ୍ରାଟ ଜୋ ବାଇଡେନଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେଉଛି। କିନ୍ତୁ ମୋଟାମୋଟି ଭାବେ ଦେଖିଲେ ଉଭୟ ଜାତୀୟ ଓ ରାଜ୍ୟ ସ୍ତରରେ ବାଇଡେନ ଆଗରେ ରହିଛନ୍ତି। ବିଶେଷକରି ଝୁଲା ଅବସ୍ଥାରେ ଥିବା ବ୍ୟାଟଲଗ୍ରାଉଣ୍ଡ ଷ୍ଟେଟ୍‌ଗୁଡ଼ିକରେ ବାଇଡେନଙ୍କ ସ୍ଥିତି ଭଲ ଥିବା ଆପ୍‌କୋ ୱାର୍ଲ୍ଡୱାଇଡ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ମିଡ୍‌ୱେଷ୍ଟରେ କୋଭିଡ୍-୧୯ ଜନିତ ମୃତ୍ୟୁସଂଖ୍ୟା ଓ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାସତ୍ତ୍ୱେ ଟ୍ରମ୍ପ୍ ମହାମାରୀକୁ ନ୍ୟୂନ ଦର୍ଶାଇ ବାଇଡେନଙ୍କୁ ଟାର୍ଗେଟ କରିଛନ୍ତି। ସେହିପରି ବାଇଡେନ ତାଙ୍କର ଶେଷ ଯୁକ୍ତିରେ ମହାମାରୀ ବିରୋଧରେ ଲଢ଼େଇକୁ ଅଧିକ ଜୋର୍‌ଦାର କରିବା ଉପରେ ଗୁରୁତ୍ୱ ଦେବାସହ ଦେଶକୁ ଏକ ବଳିଷ୍ଠ ନେତୃତ୍ୱର ଆବଶ୍ୟକତା ଥିବା କହିଛନ୍ତି। ଇତିମଧ୍ୟରେ ବିଶ୍ଳେଷକମାନେ କହିଛନ୍ତି ଯେ, ନିର୍ବାଚନ ରାତିରେ ଯାହା ହେଉନା କାହିଁକି ଟ୍ରମ୍ପ୍ ନିଜକୁ ବିଜୟୀ ଘୋଷଣା କଲେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଟ୍ରମ୍ପ୍ ଅନେକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ଆଗୁଆ ରହିପାରନ୍ତି। କିନ୍ତୁ ମେଲ୍-ଇନ୍ ଭୋଟ ଗଣତି କରାଯିବା ପରେ ସେ ପଛରେ ପଡ଼ିଯିବେ ଏବଂ ବାଇଡେନ ବିଜୟୀ ହେବେ।



ଜ୍ୟାକ୍ସନ ଟାଉନ୍‌ଶିପ ମ୍ୟୁନିସିପାଲ ବିଲ୍ଡିଂରେ ଭୋଟ ଦେବା ପାଇଁ ମତଦାତା ଧାଡ଼ି ବାନ୍ଧି ଛିଡ଼ା ହୋଇଛନ୍ତି।

# ମିଛ ଖବର ଉପରେ ଅଙ୍କୁଶ

ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଭୋଟଗ୍ରହଣଠାରୁ ଭୋଟଗଣତି ପର୍ଯ୍ୟନ୍ତ ସୋସିଆଲ ମିଡିଆରେ ବିଭିନ୍ନ ମିଛ ଖବର ମଧ୍ୟ ପ୍ରକାଶ ପାଇଥାଏ। ଫଳରେ ନିର୍ବାଚନୀ ବାତାବରଣ ନଷ୍ଟ ହେବା ସହ ହିଂସା ଉପୁଜିବା ଆଶଙ୍କା ରହିଥାଏ। ଏଭଳି ମିଛ ଖବର ଉପରେ ଅଙ୍କୁଶ ଲଗାଇବା ଲାଗି ମେସେଜିଂ ଆପ୍‌ସ, ସର୍ଚ୍ଚ ଇଞ୍ଜିନ୍‌ସ, ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ, ଟୁଇଟର ଆଦି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ଯୋଜନା ପ୍ରସ୍ତୁତ କରିଛନ୍ତି। ନିର୍ବାଚନ ସମ୍ପର୍କିତ କିଛି ମିଛ ଖବର ପଠାଗଲେ ଏନେଇ ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ ୟୁଜରଙ୍କୁ ସତର୍କ କରାଇବାର ବ୍ୟବସ୍ଥା




## ସୋସିଆଲ ମିଡିଆର ପଦକ୍ଷେପ

କରାଯାଇଛି। ଟୁଇଟର ମଧ୍ୟ ମିଛ ଖବର ସମ୍ପର୍କରେ ଅବଗତ କରାଇବା ସହ ସତର୍କ କରିବ। ଟୁଇଟର ଏବଂ ଟିକ୍‌ଟକ୍ ୨୦୧୯ ଅକ୍ଟୋବରରୁ ରାଜନୈତିକ ବିଜ୍ଞାପନକୁ ନିଷିଦ୍ଧ କରିସାରିଛନ୍ତି। ହ୍ୱାଟ୍ସଆପ୍, ଫେସ୍‌ବୁକ୍ ମେସେଞ୍ଜର ମାଧ୍ୟମରେ ସୀମିତ ମେସେଜ୍ ପଠାଇପାରିବେ। କେବଳ ୫ ଜଣଙ୍କୁ ଏହାକୁ ଫର୍‌ୱାର୍ଡ କରାଯାଇପାରିବ। ନିର୍ବାଚନ ସମ୍ପର୍କିତ ମିଛ ଖବର ପ୍ରକାଶ ପାଇଲେ, ତାହା ଜଣାପଡ଼ିଯିବ। ସ୍ନାପଚାପ୍ ମଧ୍ୟ ମିଛ ଉଡ଼ା ଖବରକୁ ରୋକିବା ଲାଗି କାର୍ଯ୍ୟ ପରିସରକୁ ସଂକୋଚିତ କରିଛି। ୟୁଟ୍ୟୁବ୍, ଆଲ୍‌ଫାବେଟ ପ୍ରମୁଖ ନିର୍ବାଚନ ସମ୍ପର୍କିତ ସୂଚନା ଲାଗି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ମିଛ ଖବର ପ୍ରସାରଣ ନ କରିବା ଓ ଏଥିରେ ବ୍ରେକ୍ ଦେବା ଲାଗି ଯୋଜନାବଦ୍ଧ ଭାବେ ପଦକ୍ଷେପ ନେଇଛନ୍ତି। ମତଦାନଠାରୁ ଭୋଟଗଣତି ମଧ୍ୟରେ ସୋସିଆଲ ମିଡିଆ ନିଜର ସ୍ୱଚ୍ଛତା ବଜାୟ ରଖିବା ଲାଗି ପ୍ରୟାସ କରିଥିବା ଜଣାପଡ଼ିଛି।

## ପ୍ରାର୍ଥୀଙ୍କ ଯୋଗ୍ୟତା ଓ ଚୟନ

ସମ୍ବିଧାନ ଅନୁଯାୟୀ ଆମେରିକାରେ ଜନ୍ମିତ ନାଗରିକ ଯାହାଙ୍କୁ ୩୫ ବର୍ଷ ହୋଇଥିବ ଓ ଅନ୍ୟୂନ ୧୪ ବର୍ଷ ଆମେରିକାରେ ରହିଥିବେ, ସେ ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ହୋଇପାରିବେ। ଏଥର ପ୍ରାର୍ଥୀ ଦୌଡ଼ରେ ୧୦୦୦ରୁ ଅଧିକ ସାମିଲ ହୋଇଥିଲେ ହେଁ ଶେଷରେ ରିପବ୍ଲିକାନ ପାର୍ଟିରୁ ଡୋନାଲ୍ଡ ଟ୍ରମ୍ପ୍ ଏବଂ ଡେମୋକ୍ରାଟିକ୍ ପାର୍ଟିରୁ ଜୋ ବାଇଡେନ୍‌ଙ୍କ ନାମ ଚୂଡ଼ାନ୍ତ ହୋଇଥିଲା।

ଦୁଇ ବୃହତ୍ ଦଳ ପ୍ରତିନିଧିତ୍ୱ ପ୍ରକ୍ରିୟା ପ୍ରାଇମେରି ମାଧ୍ୟମରେ ରାଷ୍ଟ୍ରପତି ପ୍ରାର୍ଥୀ ଚୂଡ଼ାନ୍ତ କରିଥାନ୍ତି। ପ୍ରାଇମେରି ହେଉଛି ରାଜ୍ୟସ୍ତରୀୟ ପରୋକ୍ଷ ନିର୍ବାଚନ ଯେଉଁଠି ଆଶାୟୀମାନେ ପ୍ରାର୍ଥୀ ହେବା ପାଇଁ ଲଢ଼ିଥାନ୍ତି। ପ୍ରାଇମେରି ଶେଷ ହେବା ପରେ ଦଳର ଜାତୀୟ କନ୍‌ଭେନଶନରେ ପ୍ରତିନିଧିମାନେ ଏକାଠି ହୋଇ ପ୍ରାର୍ଥୀ ଚୟନ କରିଥାନ୍ତି।

ସେଠାରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଭୋଟଦାନ ଅଧିକାର ମିଳିଥାଏ। ତେବେ କେତେକ ରାଜ୍ୟରେ ବନ୍ଦୀମାନଙ୍କୁ ଭୋଟ ଅଧିକାର ମିଳି ନ ଥାଏ। ସେହିପରି ପୁର୍ଟୋ ରିକୋ ଭଳି କେତେକ ଆମେରିକୀୟ ଅଞ୍ଚଳର ବାସିନ୍ଦା ଦେଶର ନାଗରିକ ହୋଇଥିଲେ ହେଁ ସେମାନେ ରାଷ୍ଟ୍ରପତି ନିର୍ବାଚନରେ ଅଂଶଗ୍ରହଣ କରିପାରନ୍ତି ନାହିଁ।

## ଟାଏ ହେଲେ କ'ଣ ହୁଏ

ନିର୍ବାଚନ ଶେଷ ହେବା ପରେ ଡିସେମ୍ବରରେ ଇଲେକ୍ଟରମାନେ ଏକାଠି ହୋଇ ଭୋଟ ଦେଇଥାନ୍ତି। ଜଣେ ପ୍ରାର୍ଥୀ ୨୭୦ କିମ୍ବା ତାହାଠାରୁ ଅଧିକ ଇଲେକ୍ଟୋରାଲ ଭୋଟ ପାଇଲେ ରାଷ୍ଟ୍ରପତି ନିର୍ବାଚିତ ହୋଇଥାନ୍ତି। ତେବେ ଯଦି ଭୋଟ ୨୬୯-୨୬୯ରେ ଟାଏ ହୁଏ, ସେ କ୍ଷେତ୍ରରେ ନବନିର୍ବାଚିତ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ମାନେ ଜାନୁୟାରୀ ୬ରେ ଏକତ୍ର ରାଷ୍ଟ୍ରପତିଙ୍କର ଭାଗ୍ୟ ନିର୍ଦ୍ଧାରଣ କରିଥାନ୍ତି।

## ଇଲେକ୍ଟୋରାଲ କଲେଜ ବ୍ୟବସ୍ଥା କ'ଣ

ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଇଲେକ୍ଟୋରାଲ କଲେଜ ପରୋକ୍ଷରେ ବିଜେତାଙ୍କ ସମ୍ପର୍କରେ ନିଷ୍ପତ୍ତି ନେଇଥାଏ। ନିର୍ବାଚିତ ହେବାକୁ ହେଲେ ମୋଟ ୫୩୮ ଇଲେକ୍ଟୋରାଲ ଭୋଟ ବା ଇଲେକ୍ଟରଙ୍କ ମଧ୍ୟରୁ ଜଣେ ପ୍ରାର୍ଥୀ ୨୭୦ ଭୋଟ ଆବଶ୍ୟକ କରିଥାନ୍ତି। ପ୍ରତି ରାଜ୍ୟରୁ ୨ ଜଣ ସିନେଟର ଏବଂ ଭିନ୍ନ ଭିନ୍ନ ସଂଖ୍ୟକ ପ୍ରତିନିଧି ଇଲେକ୍ଟର ଥାନ୍ତି। ଉଦାହରଣ ସ୍ୱରୂପ କାଲିଫର୍ନିଆ ସବୁଠୁ ଜନବହୁଳ ରାଜ୍ୟ ହୋଇଥିବାରୁ ସେଠାରୁ ୫୫ ଜଣ ଇଲେକ୍ଟର ଏବଂ ୱୋମିଙ୍ଗ ସର୍ବନିମ୍ନ ଜନସଂଖ୍ୟା ବିଶିଷ୍ଟ




ହୋଇଥିବାରୁ ସେଠାରୁ ୩ ଜଣ ଇଲେକ୍ଟର ରହିଥାନ୍ତି। ହାରାହାରି ଭାବେ ଦେଖିଲେ ନିର୍ବାଚନ ଦିନରେ ଗୋଟିଏ ଇଲେକ୍ଟୋରାଲ ଭୋଟ ୬,୧୦,୦୦୦ ଭୋଟରଙ୍କ ପ୍ରତିନିଧିତ୍ୱ କରିଥାଏ। ତେଣୁ ଭୋଟର ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାଁରେ ଭୋଟ ଦେଉଥିଲେ ହେଁ ସେମାନେ ପ୍ରକୃତରେ ଇଲେକ୍ଟରଙ୍କୁ ଭୋଟ ଦେଇଥାନ୍ତି। ଜଣେ ପ୍ରାର୍ଥୀ ଅଧିକ ପପୁଲାର ଭୋଟ ପାଇଥିଲେ ହେଁ ଯଦି ତାଙ୍କର ଇଲେକ୍ଟୋରାଲ ଭୋଟ ୨୭୦ରୁ କମ୍ ହୁଏ ତେବେ ସେ ହାରିଯାନ୍ତି। ଏହି କାରଣରୁ ୨୦୦୦ରେ ଜର୍ଜ ଡବ୍ଲ୍ୟୁ. ବୁଶ୍ କମ୍ ପପୁଲାର ଭୋଟ ପାଇ ମଧ୍ୟ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ଅନୁରୂପ ଭାବେ ୨୦୧୬ରେ ଡୋନାଲ୍ଡ ଟ୍ରମ୍ପ୍ ଡେମୋକ୍ରାଟିକ୍ ପ୍ରାର୍ଥୀ ହିଲାରୀ କ୍ଲିଣ୍ଟନଙ୍କୁ ପରାଜିତ କରିଥିଲେ।


# ମେମେ ପଛରେ ମୁହଁ

ଆମେରିକା ରାଷ୍ଟ୍ରପତି ନିର୍ବାଚନ ସମୟରେ ରାଜନୈତିକ ମେମେ ଶେୟାର କରି ଅନେକ ବ୍ୟକ୍ତି ଚର୍ଚ୍ଚାକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଡାନ୍ ବୋଙ୍ଗିନୋ ଅନ୍ୟତମ। ତାଙ୍କ ଦକ୍ଷିଣପନ୍ଥୀ ଚିନ୍ତାଧାରା ଓ ଚିତ୍ରଣ ଫେସ୍‌ବୁକ୍ ୟୁଜର୍ସଙ୍କୁ ବେଶ୍ ଆକର୍ଷିତ କରିପାରିଛି। ସୋସିଆଲ ମିଡିଆରେ ସେ ଛାଇହୋଇ ରହିଛନ୍ତି। ଡୋନାଲ୍ଡ ଟ୍ରମ୍ପଙ୍କୁ ସେ ସମର୍ଥନ କରି ବିଭିନ୍ନ ମେମେ ଶେୟାର କରିଥାନ୍ତି। ବାମପନ୍ଥୀଙ୍କ ପ୍ରତି ସାଧାରଣତଃ ସେ ଆକ୍ରମଣାତ୍ମକ ପଦକ୍ଷେପ ଗ୍ରହଣ କରିଥାନ୍ତି। ବିଭିନ୍ନ ସୋସିଆଲ ମିଡିଆରେ ଏବେ ତାଙ୍କର କ୍ରେଜ୍ ବଢ଼ିବାରେ ଲାଗିଛି।

ଅନ୍ୟ ଜଣେ ହେଲେ ଫ୍ରାଙ୍କଲିନ୍ ଗ୍ରାହାମ୍। ସେ ଧର୍ମ ଉପଦେଶ ଦେଉଥିବା ବିଲି ଗ୍ରାହାମ୍‌ଙ୍କ ପୁଅ। ଆମେରିକାରେ ତାଙ୍କ ମେମେ ବେଶ୍ ପ୍ରଭାବ ପକାଇଛି। ତାଙ୍କର ଫେସ୍‌ବୁକ୍



ଡାନ୍ ବୋଙ୍ଗିନୋ



ଫ୍ରାଙ୍କଲିନ୍ ଗ୍ରାହାମ



ଜେମ୍ସ ଉଡ୍ସ

ପୋଷ୍ଟ କ୍ରମାଗତ ଭାବେ ଶେୟାର କରାଯାଉଛି। ଟ୍ରମ୍ପଙ୍କ ବୈଦେଶିକ ନୀତିକୁ ସେ ପ୍ରଶଂସା କରି ତାଙ୍କ ବିଜୟ ଲାଗି ୟୁଜର୍ସଙ୍କୁ ସେ କହିଥାନ୍ତି।

ହଲିଉଡ୍ ଅଭିନେତା ଜେମ୍ସ ଉଡ୍ସ ଟୁଇଟରରେ ବେଶ୍ ଆକ୍ଟିଭ୍। ଏବେ ସେ ସୋସିଆଲ ମିଡିଆକୁ ୧୦ ମାସ ପରେ ପୁଣି ଫେରିଛନ୍ତି। ବିବାଦ ଘେରରେ ରହି ତାଙ୍କ ଆକାଉଣ୍ଟକୁ ବହୁବାର ସସ୍‌ପେଣ୍ଡ କରାଯାଇଛି। ଡେମୋକ୍ରାଟ୍‌ଙ୍କୁ ଆକ୍ରମଣ କରିବା ଓ ଟ୍ରମ୍ପଙ୍କୁ ସମର୍ଥନ କରିବା ତାଙ୍କର ନିତିଦିନିଆ ଅଭ୍ୟାସ।

ଆମେରିକାର ଅର୍ଥନୈତିକ ପରାମର୍ଶଦାତା ତଥା ପୂର୍ବତନ ଶ୍ରମ ସଚିବ ରୋବର୍ଟ ରିଚ୍‌ଙ୍କ ଟୁଇଟ୍ ଓ ମେମେଗୁଡ଼ିକ ଟ୍ରମ୍ପ ବିରୋଧୀ। ଡେମୋକ୍ରାଟ୍‌ଙ୍କ ସପକ୍ଷରେ ସେ ସର୍ବଦା ରହିଆସିଛନ୍ତି। ଟ୍ରମ୍ପଙ୍କ ଅର୍ଥନୈତିକ ଅସମାନତାକୁ ସେ ସୋସିଆଲ ମିଡିଆରେ ସମାଲୋଚନା କରିଆସିଛନ୍ତି।



ଉପରାଷ୍ଟ୍ରପତି ମାଇକ୍ ପେନ୍ସ ଓ ତାଙ୍କ ସ୍ତ୍ରୀ କରେନ ମିଚ୍ଛିତ ଗ୍ରାଣ୍ଡ ରାପିଡ୍ସରେ ଲୋକଙ୍କୁ ଅଭିବାଦନ ଜଣାଉଛନ୍ତି।

## ହାରିସ୍‌ଙ୍କ ମା'ଙ୍କ ଗ୍ରାମରେ ପୂଜାର୍ଚ୍ଚନା

ନୂଆଦିଲ୍ଲୀ: ଆମେରିକାରେ ନିର୍ବାଚନ ଚାଲିଥିବାବେଳେ ଡେମୋକ୍ରାଟିକ୍ ଦଳର ଉପରାଷ୍ଟ୍ରପତି ପ୍ରାର୍ଥୀ ଭାରତୀୟ ବଂଶୋଦ୍ଭବ କମଳା ହାରିସ୍‌ଙ୍କ ବିଜୟ ଲାଗି ତାମିଲନାଡୁରେ ଥିବା ତାଙ୍କ ମାଆଙ୍କ ଗ୍ରାମରେ ପୂଜାର୍ଚ୍ଚନା କରାଯାଇଛି। ଡେମୋକ୍ରାଟିକ୍ ପାର୍ଟିର ବିଜୟ ଲାଗି କମଳାଙ୍କ ଅଜା ଏହି ପୂଜାପାଠର ଆୟୋଜନ କରିଛନ୍ତି। ଏହି ଅବସରରେ ଭକ୍ତମାନଙ୍କୁ ମାଗଣା ଇଡ୍‌ଲି ଓ ସମ୍ବର ବଣ୍ଟାଯାଇଥିଲା। କମଳାଙ୍କ ବିଜୟ କାମନା କରାଯାଇ ଗ୍ରାମରେ ପୋଷ୍ଟର ମଧ୍ୟ ଲଗାଯାଇଛି।



## କେବେ ଆସିବ ଫଳ

ଏଥର କରୋନା ମହାମାରୀ ଏବଂ ଅତ୍ୟଧିକ ମେଲ୍-ଇନ ଭୋଟିଂ ଯୋଗୁ କେତେକ ରାଜ୍ୟରେ ଭୋଟ ଗଣନା ବିଳମ୍ବ ହୋଇପାରେ। ନିର୍ବାଚନ ଫଳାଫଳ ନିର୍ଦ୍ଧାରଣ କରୁଥିବା ୬ଟି ପ୍ରମୁଖ ରାଜ୍ୟ ମଧ୍ୟରୁ ଫ୍ଲୋରିଡା, ନର୍ଥ କରୋଲିନା ଓ ଆରିଜୋନାରେ ଭୋଟଗ୍ରହଣ ପରେ ଅଧିକାଂଶ ଭୋଟ ଗଣତି କରାଯିବ। ତେବେ ପୋଷ୍ଟାଲ ବାଲଟ କେତେ ଆସିବ ଜଣା ନ ଥିବାରୁ ଗଣିବା ପାଇଁ ସମୟ ଲାଗିବ। ଗତ ନିର୍ବାଚନରେ ଟ୍ରମ୍ପଙ୍କ ବିଜୟରେ ମୁଖ୍ୟ ଭୂମିକା ନେଇଥିବା ପେନ୍‌ସିଲଭାନିଆ, ୱିସ୍‌କନସିନ୍ ଏବଂ ମିଶିଗାନରେ ଏଥର ଭିନ୍ନ ସ୍ଥିତି ରହିଛି। ସେଠାରେ ମେଲ୍ ବାଲଟ ଗଣନା ପାଇଁ ଥିବା ପୁରୁଣା ନୀତିରେ ପରିବର୍ତ୍ତନ ହୋଇ ନ ଥିବାରୁ ଗଣତି ଶେଷ ହେବାକୁ ଅନେକ ଦିନ ଲାଗିଯିବ ବୋଲି କୁହାଯାଉଛି।

# ଭାରତ ସହ ସମ୍ପର୍କ ଉପରେ ପ୍ରଭାବ

**ୱାଶିଂଟନ:** ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ଯାହା ହେଉନା କାହିଁକି ଭାରତ ସହ ଆମେରିକାର ସମ୍ପର୍କ ସୁଦୃଢ଼ ରହିବ ବୋଲି ଆଶା କରାଯାଉଛି। ଉଭୟ ପ୍ରାର୍ଥୀଙ୍କ ନୀତି ଇସ୍ତାହାର ଓ ପ୍ରଚାର ସମୟର ମନ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଛି। ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ ପର୍ଯ୍ୟାୟ ରାଷ୍ଟ୍ରପତିତ୍ୱ ସମୟରେ ହ୍ୱାଇଟ୍ ହାଉସ୍‌ରେ ଭାରତ ଶେଷ୍ଠ ବନ୍ଧୁର ପରିଚୟ ପାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତାଙ୍କର ବନ୍ଧୁତା ଓ ସମ୍ପର୍କ ଏକ ନୂତନ ସ୍ତରରେ ପହଞ୍ଚିଥିଲା। ଉଭୟ ନେତା ଆମେରିକା ଓ ଭାରତରେ ଦୁଇଟି ରାଲିରେ ଏକାଠି ଉଦ୍‌ବୋଧନ ଦେଇ ପରସ୍ପରକୁ ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟପକ୍ଷରେ ଡେମୋକ୍ରାଟିକ୍ ରାଷ୍ଟ୍ରପତି ପ୍ରାର୍ଥୀ ଜୋ ବାଇଡେନ ମଧ୍ୟ ସିନେଟର ଥିବା ସମୟରୁ ଭାରତ ସହ ଆମେରିକାର ଦୃଢ଼ ସମ୍ପର୍କ ଦାବି କରିଆସିଛନ୍ତି। ଭାରତ-ଆମେରିକା ବେସାମରିକ ଅଣୁ ଚୁକ୍ତିଠାରୁ ଆରମ୍ଭ କରି ୫୦୦ ବିଲିୟନ ଡଲାର ଦ୍ୱିପାକ୍ଷିକ ବାଣିଜ୍ୟ ଲକ୍ଷ୍ୟ ଧାର୍ଯ୍ୟ କରିବା ପର୍ଯ୍ୟନ୍ତ ବାଇଡେନଙ୍କର ପ୍ରମୁଖ ଭୂମିକା ଥିଲା। ବହୁସଂଖ୍ୟାରେ ଭାରତୀୟ-ଆମେରିକୀୟଙ୍କ ସହିତ ତାଙ୍କର ଘନିଷ୍ଠତା ରହିଛି। ଭାରତ ଓ ଆମେରିକା ସ୍ୱାଭାବିକ ସହଯୋଗୀ ବୋଲି ଜୁଲାଇରେ ପାଣ୍ଠି ସଂଗ୍ରହ ବେଳେ ବାଇଡେନ୍ କହିଥିଲେ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪,୭୫,୩୦,୩୩୪ | ୧୨,୧୪,୨୭୯ | ୩,୪୧,୬୪,୫୯୬ |
| ଭାରତ | ୮୩,୦୫,୨୬୭ | ୧,୨୩,୪୫୪ | ୭୬,୪୪,୯୨୬ |
| ଓଡ଼ିଶା | ୨,୯୪,୪୧୫ | ୧୩୫୨(+୫୩) | ୨,୮୦,୫୫୩ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଲାଞ୍ଚନେଇ ଫରେଷ୍ଟ ଗାର୍ଡ ଗିରଫ



ସମ୍ବଲପୁର,୩।୧୧(ବ୍ୟୁରୋ): ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ୍ ଯୁଯୁମୁରା ବନ ବିଭାଗ ଫରେଷ୍ଟଗାର୍ଡ ମଧୁସ୍ମିତା ମହାପାତ୍ରଙ୍କୁ ମଙ୍ଗଳବାର ଭିଜିଲାନ୍ସ ବିଭାଗ ଗିରଫ କରିଛି। ଚାରାରୋପଣ ଓ ବନ ସୁରକ୍ଷା ସମିତି ଗୃହ ନିର୍ମାଣ କାମର ବିଲ୍ କରିବା ପାଇଁ ସେ ୩୬ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡିଛନ୍ତି। ଏ ନେଇ ଭିଜିଲାନ୍ସ ବିଭାଗ ଏକ ମାମଲା (ନଂ.୨୮/୨୦) ରୁଜୁ କରି ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ସମ୍ବଲପୁର ସଦର ରେଞ୍ଜ ଅନ୍ତର୍ଗତ ବେହେରନବସା ଗ୍ରାମରେ ବନ ସୁରକ୍ଷା ସମିତି ଦ୍ୱାରା ଚାରାରୋପଣ ଓ ବନ ସୁରକ୍ଷା ସମିତି ଗୃହ ନିର୍ମାଣ କରାଯାଇଥିଲା। ୫୦ ହଜାର ଟଙ୍କା ଦେଲେ ଏହାର ବିଲ୍ ଭାଉଚର ଦସ୍ତଖତ କରିବା ପାଇଁ ଫରେଷ୍ଟଗାର୍ଡ ମହାପାତ୍ର ସମିତି ସଦସ୍ୟଙ୍କୁ କହିଥିଲେ। ବନ ସୁରକ୍ଷା ସମିତି କୋଷାଧକ୍ଷ ପର୍ଶୁରାମ ମିର୍ଦ୍ଧା ଏ ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ମଙ୍ଗଳବାର ଅପରାହ୍ନ ସାଢେ ୩ଟାରେ ପର୍ଶୁରାମ ଯୁଯୁମୁରା ବନ ବିଭାଗ ଅଫିସରେ ପହଞ୍ଚି ଫରେଷ୍ଟଗାର୍ଡ ମହାପାତ୍ରଙ୍କୁ ଉକ୍ତ ଟଙ୍କା ଦେଇଥିଲେ। ଟଙ୍କା ନେବାବେଳେ ସେଠାରେ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ସୂଚନାଯୋଗ୍ୟ, ମଧୁସ୍ମିତା ବନ ସୁରକ୍ଷା ସମିତିର ସଦସ୍ୟ ସଚିବ ରହିଛନ୍ତି। ପୂର୍ବରୁ ମଧ ତାଙ୍କ ନାମରେ ଅଭିଯୋଗ ହୋଇଆସୁଥିଲା।

# ବନ୍ୟପ୍ରାଣୀ ବୋର୍ଡ ପୁନର୍ଗଠିତ

### ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ, ପରିବେଶ ମନ୍ତ୍ରୀ ଉପାଧ୍ୟକ୍ଷ

ଭୁବନେଶ୍ୱର, ୩।୧୧(ବ୍ୟୁରୋ)

ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ମଙ୍ଗଳବାର ପୁନର୍ଗଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଅଧ୍ୟକ୍ଷ ଥିବାବେଳେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହାର ଉପାଧ୍ୟକ୍ଷ ରହିଛନ୍ତି। ସେହିପରି ବିଧାୟକ ରମେଶ ଚନ୍ଦ୍ର ସାଏ, ରାଜକିଶୋର ଦାସ, ଧ୍ରୁବଚରଣ ସାହୁ, ବେଙ୍ଗାଲୁରର ଏସିଆନ୍ ନେଚର କନ୍‌ଜରଭେଶନ୍ ଫାଉଣ୍ଡେଶନର ପ୍ରଫେସର ଆର୍. ସୁକୁମାର, ନେଚର ଆଣ୍ଡ ୱାଇଲ୍ଡ ଲାଇଫ୍ ସୋସାଇଟି ଅଫ୍ ଓଡ଼ିଶାର ସରୋଜ କୁମାର ପଟ୍ଟନାୟକ, ସେଭ୍ ଏଲିଫାଣ୍ଟ ଫାଉଣ୍ଡେଶନ୍ ଟ୍ରଷ୍ଟର ଡ. ରଜନୀକାନ୍ତ ଜେନା, ଭାରତ ସରକାରଙ୍କ ପୂର୍ବତନ ଜଙ୍ଗଲ ବିଭାଗ ମୁଖ୍ୟ ମହାନିର୍ଦ୍ଦେଶକ ପି. ଆର୍. ମହାନ୍ତି, ନ୍ୟାଶନାଲ୍ ଟାଇଗର କନ୍‌ଜରଭେଶନ୍ ଅଥରିଟିର ପୂର୍ବତନ ସଦସ୍ୟ ସଚିବ ଡ. ଅନୁପ କୁମାର ନାୟକ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ଡ. ପ୍ରିୟମ୍ବଦା ମହାନ୍ତି (ହେଜମାଦୀ), ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଣୀବିଜ୍ଞାନ ପ୍ରଫେସର ଡ. ସୁଶୀଲ କୁମାର ଦତ୍ତ, ୱାଇଲ୍ଡଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ବି. ସି. ଚୌଧୁରୀ, ଗଞ୍ଜାମ ଜିଲା ମୟୂର ସୁରକ୍ଷା କମିଟି ସଭାପତି ସମୀର କୁମାର ପ୍ରଧାନ, ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ଡ. ବିଭାସ ପାଣ୍ଡବ ଏହି ପୁନର୍ଗଠିତ ବୋର୍ଡର ସଦସ୍ୟ ରହିଛନ୍ତି। ସେହିପରି ମୟୂରଭଞ୍ଜ ଜିଲାର ଇଟାମୁଣ୍ଡିଆର ଗୋପୀନାଥ ସିଂହ, କନ୍ଧମାଳ ଜିଲା ଖଜୁରିପଡ଼ା ତହସିଲର ବରିକୁମ୍ପା ଗାଁ ନିବାସୀ ମଧୁସୂଦନ କହଁର, କେନ୍ଦୁଝର ଜିଲା ମଣ୍ଡୁଆ ନିବାସୀ ମାନସିଂ ଦୁର୍ଗାପ୍ରସାଦ ନାୟକ, ଜଙ୍ଗଲ ଓ ପରିବେଶ ବିଭାଗର ସଚିବ, ଓଡ଼ିଶା ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ସଚିବ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ(କ୍ରାଇମ୍‌ବ୍ରାଞ୍ଚ), ସୈନ୍ୟବାହିନୀର ପ୍ରତିନିଧି, ପ୍ରାଣୀପାଳନ ନିର୍ଦ୍ଦେଶକ, ମତ୍ସ୍ୟ ନିର୍ଦ୍ଦେଶକ, ଭାରତ ସରକାରଙ୍କ ବନ୍ୟପ୍ରାଣୀ ସଂରକ୍ଷଣ ନିର୍ଦ୍ଦେଶକ, ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ପ୍ରତିନିଧି, କୋଲକାତାସ୍ଥିତ ବଟାନିକାଲ ସର୍ଭେ ଅଫ୍ ଇଣ୍ଡିଆର ପ୍ରତିନିଧି ଏବଂ ଗୋପାଳପୁରସ୍ଥିତ ଜୁଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆର ପ୍ରତିନିଧି ମଧ ସଦସ୍ୟ ରୂପେ କାର୍ଯ୍ୟ କରିବେ।

ଏହି ବୋର୍ଡର ସଦସ୍ୟସଚିବ ରୂପେ ଓଡ଼ିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ) ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଦାୟିତ୍ୱ ତୁଲାଇବେ। ବୋର୍ଡର କାର୍ଯ୍ୟକାଳ ତିନି ବର୍ଷ ହେବ। ସୂଚନାଯୋଗ୍ୟ, ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ର ବିଭାଗ-୭ ଆଧାରରେ ବନ୍ୟପ୍ରାଣୀ (ସୁରକ୍ଷା) ସଂଶୋଧନ ଆଇନ, ୨୦୦୨ର ବିଭାଗ-୬ ଅନୁଯାୟୀ ଏହି ବୋର୍ଡ ପୁନର୍ଗଠିତ ହୋଇ ରାଜ୍ୟ ସରକାରଙ୍କ ମଞ୍ଜୁରୀ ଲାଭ କରିଛି ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କୁହାଯାଇଛି।

# ପୋଲିସ ଉପସ୍ଥିତିରେ ଗୋଷ୍ଠୀ ସଂଘର୍ଷ

### ୧୨ ଆହତ, ୯ ଗିରଫ

ବାଲିପାଟଣା,୩।୧୧(ଡି.ଏନ୍.ଏ.)

ବାଲିପାଟଣା ଥାନା ଅଧୀନ ମାର୍ଥାପୁର ଗ୍ରାମରେ ସୋମବାର ରାତିରେ ପୋଲିସ ଉପସ୍ଥିତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଆହତ ୧୨ଜଣଙ୍କୁ ଚିକିତ୍ସା ପାଇଁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତନ୍ମଧ୍ୟରୁ ୩ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୋଲିସ ମଙ୍ଗଳବାର ୯ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପ୍ରସନ୍ନ କୁମାର ଭୋଇ, ନବଘନ ଭୋଇ, ଛବି ଭୋଇ, ହେମନ୍ତ ଭୋଇ, ଦ୍ୱିଜ ଭୋଇ, ସଞ୍ଜୟ ଭୋଇ, ଭରତ ଭୋଇ, ବୁଲୁ ଭୋଇ ଏବଂ ଲୁନା ଭୋଇ। ସୂଚନା ଅନୁଯାୟୀ, ମାର୍ଥାପୁର ଗ୍ରାମର ସଞ୍ଜୟ ଓ ହେମନ୍ତ ଭୋଇଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ରହିଥିଲା। ଅନେକ ସମୟରେ ସମାଧାନ ହୋଇଥିଲେ ମଧ ବିବାଦ ତୁଟି ନ ଥିଲା। କୌଣସି କାରଣରୁ ପୁନର୍ବାର ବିବାଦ ଉପୁଜିବାରୁ ପୋଲିସ ଉଭୟ ପକ୍ଷଙ୍କୁ ଥାନାକୁ ଡ଼କାଇଥିଲେ। ଅନ୍ୟପକ୍ଷେ ହେମନ୍ତ ସଞ୍ଜୟଙ୍କ ପରିବାରକୁ ଆକ୍ରମଣ କରିବାକୁ ନେଇ ଧମକ ଦେଉଥିଲେ। ଫଳରେ ସଞ୍ଜୟ ଗ୍ରାମ ନିକଟ ସମ୍ପର୍କୀୟଙ୍କ ଘରେ ଲୁଚି ରହିଥିବା ବେଳେ ପୋଲିସ ସହାୟତାରେ ଗ୍ରାମକୁ ଆସିଥିଲେ। ଏହି ସମୟରେ ପୋଲିସ ଉପସ୍ଥିତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଏନେଇ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା (ନଂ.୩୩୬, ୩୩୭/୨୦)ରୁଜୁକରି ୯ଜଣଙ୍କୁ ଗିରଫ କରିଛି।

# ୨,୯୪,୪୧୫ ଛୁଇଁଲା କରୋନା ପଜିଟିଭ୍

ଭୁବନେଶ୍ୱର, ୩।୧୧(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଉଛି। ଓଡ଼ିଶାରେ ଏଯାବତ୍ ୪୬,୮୭,୨୭୨ ନମୁନା ପରୀକ୍ଷା ହୋଇଥିବାବେଳେ ୬.୨୮% ପଜିଟିଭ୍ ବାହାରିଛି। ଗତ ୨୪ଘଣ୍ଟାରେ ୪୨,୦୮୦ ନମୁନା ପରୀକ୍ଷା ହୋଇଥିଲା। ସେଥିମଧ୍ୟରୁ ୧,୨୦୧ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଦୀର୍ଘ ମାସ ପରେ ଦୈନିକ ସଂକ୍ରମଣରେ ମାତ୍ର ଗୋଟିଏ ଜିଲାରେ ଶହେ ଉପରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୩୨ଜଣ ଏବଂ ଗଜପତିରେ ସର୍ବନିମ୍ନ ୨ଜଣ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୯୪,୪୧୫ରେ ପହଞ୍ଚିଛି। ଅନ୍ୟପକ୍ଷରେ ରାଜ୍ୟରେ ଆଉ ୧୨ଜଣ ଆକ୍ରାନ୍ତଙ୍କ କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୩, ଢେଙ୍କାନାଳରୁ ୨, କଟକ, ନୂଆପଡ଼ା, ସୁନ୍ଦରଗଡ଼, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର, କଳାହାଣ୍ଡିରୁ ଜଣେ ଲେଖାଏ ରହିଛନ୍ତି।




# ସୁଶ୍ରୀ ଶୁଭସ୍ମିତା ନାୟକ ବେଷ୍ଟ ଗ୍ରାଜୁଏଟ୍

### ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ୟୁଜି, ପିଜି ଟପ୍ପର ତାଲିକା ପ୍ରକାଶ

ଭୁବନେଶ୍ୱର, ୩।୧୧(ବ୍ୟୁରୋ)

ରେମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୟୁଜି ଏବଂ ପିଜି ଟପ୍ପର ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ୟୁଜିରେ ସୁଶ୍ରୀ ଶୁଭସ୍ମିତା ନାୟକ ବେଷ୍ଟ ଗ୍ରାଜୁଏଟ୍ ହୋଇଛନ୍ତି। ଆନ୍ଥ୍ରୋପୋଲୋଜି ବିଭାଗରେ ଏଲିନା ଗାଏନ, ଅର୍ଥନୀତିରେ ଅଙ୍କିତା ମହାପାତ୍ର, ଶିକ୍ଷା ବିଭାଗରେ ଅପର୍ଣ୍ଣା ସାହୁ, ଇଂଲିଶରେ ପ୍ରାପ୍ତି ପଟ୍ଟନାୟକ, ହିନ୍ଦୀରେ ମୌସମ ତିୱାରୀ, ଇତିହାସରେ ଅର୍ପିତା, ହୋମ୍ ସାଇନ୍ସରେ ବୈଶାଳୀ ଭରଦ୍ୱାଜ ଦାଶ, ଲାଇବ୍ରେରି ଆଣ୍ଡ୍ ଇନ୍‌ଫର୍ମେଶନ ସାଇନ୍ସରେ ଦୀପ୍ତିମୟୀ ମଲେଇ ଟପ୍ପର ହୋଇଛନ୍ତି। ସେହିପରି ଓଡ଼ିଆରେ ରଜନୀଗନ୍ଧା ପରିଡ଼ା, ଫିଲୋଶଫିରେ ରଞ୍ଜିତା ସାମନ୍ତରାୟ, ରାଜନୀତି ବିଜ୍ଞାନରେ ସାଗରିକା ମହାରଣା, ସାଇକୋଲୋଜିରେ ବୈଷ୍ଣୋବୀ ରଥ, ସଂସ୍କୃତରେ ରଶ୍ମିତା ପଟ୍ଟନାୟକ, ସୋସିଓଲୋଜିରେ ଦେବୀଦତ୍ତ ମହାପାତ୍ର, ବାୟୋଟେକ୍ନୋଲୋଜିରେ ସୌମ୍ୟାଶ୍ରୀ ଦାଶ, ଉଦ୍ଭିଦ ବିଜ୍ଞାନରେ ଈପ୍‌ସିତା ପ୍ରିୟଦର୍ଶିନୀ, ରସାୟନ ବିଜ୍ଞାନରେ ଅର୍ପିତା ମହାରଣା, କମ୍ପ୍ୟୁଟର ସାଇନ୍ସରେ ଅର୍ପିତା ପ୍ରିୟଦର୍ଶିନୀ ସାମଲ, ଗଣିତରେ ବିଜୟଲକ୍ଷ୍ମୀ ସାହୁ, ପଦାର୍ଥ ବିଜ୍ଞାନରେ ଆୟେଶା ମହାନ୍ତି, ଷ୍ଟାଟିଷ୍ଟିକ୍ସରେ ସ୍ୱସ୍ତିକା ମୈତ୍ରୀ, ପ୍ରାଣୀବିଜ୍ଞାନରେ କନ୍ୟାକା ଜେନା ଓ ବାଣିଜ୍ୟରେ ଅନୀତା ଗଜେନ୍ଦ୍ର ଟପ୍ପର ହୋଇଛନ୍ତି।

ସେହିପରି ପିଜିରେ ବାୟୋଟେକ୍ନୋଲୋଜି ବିଭାଗରେ ପ୍ୟାରୀ ପାୟଲ୍ ବେଉରା ଟପ୍ପର ହୋଇଥିବାବେଳେ ବାଣିଜ୍ୟରେ ଲକ୍ଷ୍ମୀପ୍ରିୟା ସ୍ୱାଇଁ, କମ୍ପ୍ୟୁଟର ସାଇନ୍ସରେ ବିଶାଖା ବିଶ୍ୱଦର୍ଶିନୀ ଦାସ, ଅର୍ଥନୀତିରେ ସାଗରିକା ଦାସ, ଶିକ୍ଷା ବିଭାଗରେ ଆକାଂକ୍ଷା ପରିମାଣିକ, ଇଂଲିଶରେ ତନୟା ଦାସ, ଜେଣ୍ଡର୍ ଷ୍ଟଡିଜ୍‌ରେ ଶ୍ରେଷ୍ଠା ପାଣି, ହିନ୍ଦୀରେ ଚିନ୍ମୟୀ ରାଉତ, ହୋମ୍ ସାଇନ୍ସରେ ରୋଜା ଘୋଷ, ଲାଇଫ୍ ସାଇନ୍ସରେ ସ୍ୱରାଞ୍ଜଳି ଜେନା ଏବଂ ଓଡ଼ିଆରେ ସୋନାଲି ଦାସ ଟପ୍ପର ହୋଇଛନ୍ତି। ସୂଚନାଯୋଗ୍ୟ, ଅକ୍ଟୋବର ୩୦ରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୟୁଜି ଓ ପିଜି ପରୀକ୍ଷା ଫଳ ପ୍ରକାଶ ପାଇଥିଲା। କିନ୍ତୁ ଟପ୍ପର ତାଲିକା ପ୍ରକାଶ ପାଇ ନ ଥିବାରୁ ଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଏପରିକି ବିଭିନ୍ନ ଛାତ୍ର ସଂଘ ଏହାର ଦୃଢ଼ ପ୍ରତିବାଦ କରି ତୁରନ୍ତ ଟପ୍ପର ତାଲିକା ପ୍ରକାଶ କରିବା ପାଇଁ ଦାବି କରିଥିଲେ।



ଧରିତ୍ରୀ
DHARITRI
ବୁଧବାର, ୪ ନଭେମ୍ବର, ୨୦୨୦

ଆଜିର ମନ୍ତବ୍ୟ
"ମହାମାରୀ କରୋନା ପରେ ଭାରତ ବିଶ୍ୱ ଅର୍ଥନୀତିର ଶକ୍ତି ପାଲଟିବ।
–ଜିତେନ୍ଦ୍ର ସିଂ, କେନ୍ଦ୍ରମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସାଇ ଲକ୍ଷ୍ମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଏକାମ୍ରକାନନକୁ ଅଧିକ ବିକଶିତ କରାଯିବ: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

ଭୁବନେଶ୍ୱର ସ୍ଥିତ ଏକାମ୍ର କାନନର କିଛି ଜମି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଫେରାଇ ନେଇଛି ବୋଲି କେତେକ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହି ଖବର ତଥ୍ୟଭିତ୍ତିକ ନୁହେଁ। ଏକାମ୍ରକାନନ ଭୁବନେଶ୍ୱରର ଗର୍ବ। ଏହାକୁ ଆହୁରି ବିକଶିତ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି। ଏହି କାନନରେ ଥିବା ଆଞ୍ଚଳିକ ଉଦ୍ଭିଦ କେନ୍ଦ୍ରର ଗବେଷଣାତ୍ମକ କାର୍ଯ୍ୟ ଉଦ୍ୟାନ କୃଷି ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି।

ସୂଚନା ଯୋଗ୍ୟ, ଜୟଦେବ ବିହାର ଓ ପାଇକ ନଗର ମୌଜାରେ ଉଦ୍ୟାନ ବିଭାଗ ଅଧୀନରେ ଥିବା କିଛି ଅବ୍ୟବହୃତ ଜମି ଉକ୍ତ ବିଭାଗ ସାଧାରଣ ପ୍ରଶାସନ ବିଭାଗକୁ ଫେରାଇ ଦେଇଥିବାର ଜଣାପଡିଛି। ଏହି ଜମିର ଏକାମ୍ରକାନନ ସହିତ କୌଣସି ସମ୍ପର୍କ ନାହିଁ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

# ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

ସତ୍ୟନଗର ଓଭରବ୍ରିଜ ନିକଟରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ସେ ହେଲେ କଟକ ଜିଲା ବଡ଼ମ୍ବା ଥାନା ବଉଳ ସାହି ଅଞ୍ଚଳର ସୁଧାକର ଖୁଣ୍ଟିଆ(୨୨)। ଏ ନେଇ ପୋଲିସ ନଂ.୪୨/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୋମବାର ରାତି ସାଢ଼େ ୧୨ଟାବେଳକୁ ସତ୍ୟନଗର ରେଳଧରଣା ନିକଟରେ ଏକ ମୃତଦେହ ପଡ଼ିଥିଲା। ଖବରପାଇ ଜିଆରପି ପୋଲିସ ମୃତଦେହକୁ ଜବତ କରି ଯାଞ୍ଚ କରିବା ପରେ ପକେଟରେ ଥିବା ପରିଚୟପତ୍ରରୁ ପରିଚୟ ମିଳିଥିଲା। ମଙ୍ଗଳବାର ସକାଳୁ ଖବର ପାଇ ପରିବାର ଲୋକ ପହଞ୍ଚିଥିଲେ। ଯୁବକଙ୍କ ବାପା ଓ ମାଙ୍କର ପୂର୍ବରୁ ମୃତ୍ୟୁ ହୋଇଯାଇଥିବା ବେଳେ ସେ ମାମୁଘରେ ରହୁଥିଲେ। ସୋମବାର କୌଣସି କାମରେ ଭୁବନେଶ୍ୱର ଆସିଥିଲେ। ଏଥିସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଜିଆରପି ପକ୍ଷରୁ ସୂଚନା ଦିଆଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ନିଷ୍ପତ୍ତି ନେଲା...

ବାଛିବା ସକାଶେ ପ୍ରାଇମେରି ଓ କକ୍‌ସେସ୍‌ଗୁଡ଼ିକରେ ଫେବୃୟାରୀରୁ ଅଗଷ୍ଟ ମଧ୍ୟରେ ଭୋଟ ହୋଇଥିଲା। ଏଥର ନିର୍ବାଚନରେ କୋଭିଡ୍-୧୯, ଅର୍ଥନୀତି, ଜାତୀୟ ସୁରକ୍ଷା, ସ୍ୱାସ୍ଥ୍ୟ ସେବା, ଆପ୍ରବାସନ ଓ ବର୍ଣ୍ଣବୈଷମ୍ୟ ହେଉଛି ମୁଖ୍ୟ ପ୍ରସଙ୍ଗ। କରୋନା ସଂକ୍ରମଣ ଯୋଗୁ ଆମେରିକାରେ ଅଦ୍ୟାବଧି ୨ ଲକ୍ଷ ୩୦ ହଜାର ଜଣଙ୍କ ମୃତ୍ୟୁ ଘଟିସାରିଥିବାବେଳେ ମହାମାରୀର ମୁକାବିଲା ପାଇଁ ଟ୍ରମ୍ପ୍ ପ୍ରଶାସନର ବିଫଳତାକୁ ଚାରିଆଡ଼େ ସମାଲୋଚନା କରାଯାଉଛି। ସେହିପରି ଜର୍ଜ ଫ୍ଲୟଡ୍ ଓ ଅନ୍ୟ ଜଣେ ଆଫ୍ରିକୀୟ ଆମେରିକୀୟଙ୍କ ହତ୍ୟା ପରେ ଦେଶରେ ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଛି। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ରୁଥ୍ ବଡେର ଗିନ୍ସବର୍ଗଙ୍କ ମୃତ୍ୟୁ ପରେ ଆମି କୋନେୟ ବରେଟଙ୍କୁ ତାଙ୍କ ସ୍ଥାନରେ ଅବସ୍ଥାପିତ କରିବା, ସମସ୍ତଙ୍କୁ ସୁହାଇଲା ଭଳି କେୟାର ଆକ୍ଟ ଆଣିବା ଭଳି ପ୍ରସଙ୍ଗକୁ ନେଇ ମଧ୍ୟ ଦୁଇ ପ୍ରତିଦ୍ୱନ୍ଦ୍ୱୀ ମୁହାଁମୁହିଁ ହୋଇଛନ୍ତି। ଏହା ହେଉଛି ପ୍ରଥମ ରାଷ୍ଟ୍ରପତି ନିର୍ବାଚନ, ଯେଉଁଠି ଉଭୟ ପ୍ରମୁଖ ପ୍ରାର୍ଥୀଙ୍କ ବୟସ ୭୦ ବର୍ଷରୁ ଅଧିକ। ୭୭ ବର୍ଷୀୟ ବାଇଡେନ ନିର୍ବାଚିତ ହେଲେ ସେ ହେବେ ବରିଷ୍ଠତମ ରାଷ୍ଟ୍ରପତି ଏବଂ ୨୮ ବର୍ଷ ପରେ ଶାସକ ଦଳର ପ୍ରାର୍ଥୀଙ୍କୁ ହରାଇବାରେ ପ୍ରଥମ ପ୍ରାର୍ଥୀ। ପୂର୍ବରୁ ୧୯୯୨ ନିର୍ବାଚନରେ ଡେମୋକ୍ରାଟ୍ ବିଲ୍ କ୍ଲିଣ୍ଟନ ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଏଚ୍.ଡବ୍ଲ୍ୟୁ ବୁଶ୍‌ଙ୍କୁ ପରାଜିତ କରିଥିଲେ। ସେହିପରି କମଲା ହାରିସ୍ ବିଜୟୀ ହେଲେ ସେ ହେବେ ଆମେରିକାର ପ୍ରଥମ ମହିଳା ଉପରାଷ୍ଟ୍ରପତି।

ସେପଟେ ପୂର୍ବରୁ ପ୍ରାୟ ୧୦ କୋଟି ଭୋଟର ମତଦାନ କରିସାରିଥିବାବେଳେ କଡ଼ା ସୁରକ୍ଷା ବନ୍ଦୋବସ୍ତ ମଧ୍ୟରେ ମଙ୍ଗଳବାର ସକାଳେ ଭୋଟ ଗ୍ରହଣ ଆରମ୍ଭ ହୋଇଛି। ଡେମୋକ୍ରାଟିକ୍ ପାର୍ଟିର ଗଡ଼ ଭାବେ ପରିଚିତ ପୂର୍ବାଞ୍ଚଳ ରାଜ୍ୟ ଭର୍ମୋଣ୍ଟରେ ସର୍ବପ୍ରଥମେ ମତଦାନ ଆରମ୍ଭ ହୋଇଥିଲା। ବୈଷମ୍ୟ ବିରୋଧୀ ଆନ୍ଦୋଳନ ଓ ହିଂସାକୁ ଦୃଷ୍ଟିରେ ରଖି ପ୍ରମୁଖ ବ୍ୟବସାୟିକ ଅଞ୍ଚଳରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଲାଗି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ୱାଶିଂଟନ ଡିସିସ୍ଥିତ ହ୍ୱାଇଟ୍ ହାଉସ୍ ଓ ସରକାରୀ ସଂସ୍ଥାଗୁଡ଼ିକୁ ହାଇ ଆଲର୍ଟରେ ରଖାଯାଇ ସେନା ଛାଉଣୀରେ ପରିଣତ କରାଯାଇଥିବା ସିକ୍ରେଟ୍ ସର୍ଭିସ ସୂଚନା ଦେଇଛି। ମତଦାନ ଦିବସ ପୂର୍ବରୁ ପ୍ରେସିଡେନ୍ସିଆଲ କମ୍ପ୍ଲେକ୍ସକୁ ଘେରି ଏକ ଅସ୍ଥାୟୀ ଅଭେଦ୍ୟ ପ୍ରାଚୀର ନିର୍ମାଣ କରାଯାଇଛି। ସାରା ଦେଶରେ ୬୦୦ ନ୍ୟାଶନାଲ ଗାର୍ଡ ଗ୍ରୁପ୍‌କୁ ମୁତୟନ କରାଯାଇଛି। ଶେଷ ଦିନ ପ୍ରଚାର ବେଳେ ରାଷ୍ଟ୍ରପତି ଟ୍ରମ୍ପ୍ ଓ ଚ୍ୟାଲେଞ୍ଜର ବାଇଡେନ କୌଣସି ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁ ନାହାନ୍ତି। ବାଇଡେନ ପେନ୍‌ସିଲଭାନିଆ ଓହିଓରେ ସବୁ ପ୍ରକାର ଉଦ୍ୟମ କରିଥିବାବେଳେ ଟ୍ରମ୍ପ୍ ନର୍ଥ କାରୋଲି, ମିଶିଗାନ ଓ ୱିସ୍କୋନସିନରେ ୫ଟି ରାଲି କରିଥିଲେ। ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ବାଇଡେନଙ୍କ ପାଇଁ ଜର୍ଜିଆ ଓ ଫ୍ଲୋରିଡାରେ ପ୍ରଚାର କରି କରୋନା ଭାଇରସ୍ ମୁକାବିଲା କ୍ଷେତ୍ରରେ ଟ୍ରମ୍ପ୍‌ଙ୍କ ବିଫଳତା ଓ ବର୍ଣ୍ଣବୈଷମ୍ୟ ପ୍ରସଙ୍ଗରେ ତାଙ୍କ ଆଭିମୁଖ୍ୟକୁ ନେଇ ସମାଲୋଚନା କରିଥିଲେ। ଅନ୍ୟପକ୍ଷରେ ଭୋଟ ଗ୍ରହଣ ପରେ ବାଲଟ ଆସିଲେ ତା'ର ଟାବୁଲେଶନକୁ ବନ୍ଦ କରିବା ପାଇଁ ଆଇନଗତ ପଦକ୍ଷେପ ନେବେ ବୋଲି ଟ୍ରମ୍ପ୍ ସଙ୍କେତ ଦେଇଛନ୍ତି।

ଅଧିକାଂଶ ନିର୍ବାଚନୀ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଡେମୋକ୍ରାଟିକ୍ ପ୍ରାର୍ଥୀ ବାଇଡେନ ଆଗରେ ରହିଛନ୍ତି। ତେବେ ସ୍ୱିଙ୍ଗ୍ ଷ୍ଟେଟ୍ ବା ଝୁଲା ରାଜ୍ୟଗୁଡ଼ିକରେ ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ଚାଲିଛି। ଏହି ଝୁଲା ରାଜ୍ୟଗୁଡ଼ିକୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଫ୍ଲୋରିଡା, ପେନ୍‌ସିଲଭାନିଆ, ଜର୍ଜିଆ, ମିଶିଗାନ ଓ ୱିସ୍କୋନ୍‌ସିନ ଭଳି ରାଜ୍ୟ ପରବର୍ତ୍ତୀ ୪ ବର୍ଷ ପାଇଁ ଆମେରିକାର ଭାଗ୍ୟ ନିର୍ଦ୍ଧାରଣ କରିବ। ଆରିଜୋନାରେ ମଧ୍ୟ ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ହେଉଥିବା ଜଣାପଡ଼ିଛି।

## ବିକ୍ରି, ଫୁଟାଇବା...

ରୋକିବା ପାଇଁ ଲକ୍‌ଡାଉନ ତଥା ଅନ୍ୟ କଠୋର ପଦକ୍ଷେପ ନେବାକୁ ବାଧ୍ୟ ହେଉଛନ୍ତି। ଅନ୍ତର୍ଜାତୀୟ ଅଭିଜ୍ଞତାରୁ ଜଣାପଡେ ଯେ, ଆସନ୍ତା ଶୀତ ଋତୁରେ ମହାମାରୀ ଅଧିକ ବ୍ୟାପିବାର ସମ୍ଭାବନା ରହିଛି। ଏଥିରେ ବୈଜ୍ଞାନିକମାନେ ସହମତ ହୋଇଛନ୍ତି। ସାଧାରଣ ଭାବେ ଶୀତଦିନେ ବୟସ୍କ, ପିଲା, ଅନ୍ୟରୋଗ ଥିବା ବ୍ୟକ୍ତିଙ୍କର ଶ୍ୱାସଜନିତ ସମସ୍ୟା ବୃଦ୍ଧି ଘଟେ। ପୁଣି ବାୟୁ ପ୍ରଦୂଷଣ ସାଙ୍ଗକୁ ବାୟୁମଣ୍ଡଳର ଭାସମାନ କଣିକାର ଅଧିକ ମିଶ୍ରଣ ଯୋଗୁ ଶ୍ୱାସଜନିତ ସମସ୍ୟା ଆହୁରି ଗୁରୁତର ହୋଇପଡିବା ଆଶଙ୍କା ରହିଛି। ଏସବୁକୁ ଦୃଷ୍ଟିରେ ରଖି ବାଣ ବିକ୍ରି ଓ ଫୁଟାଇବାକୁ ବାରଣ କରାଯାଇଛି।

## ରେଟ୍ କଣ୍ଟ୍ରାକ୍ଟକୁ ଅଣଦେଖା:...

କୋରାପୁଟ ଏବଂ ମାଲକାନଗିରି ଭଳି ଅଞ୍ଚଳର କ୍ଷୁଦ୍ରଶିଳ୍ପ କିଭଳି ନୂଆ ବ୍ୟବସ୍ଥାର ଲାଭ ଉଠାଇପାରିବେ ବୋଲି କ୍ଷୁଦ୍ର ଶିଳ୍ପ ସଂଘ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି। ବର୍ତ୍ତମାନ ଜିଇଏମ୍‌ରେ ପଞ୍ଜୀକରଣ କଷ୍ଟକର ହେଉଛି। ଅଂଶୀଦାରଙ୍କୁ ମାନ୍ୟୁଫାକ୍‌ଚରର ପରିବର୍ତ୍ତେ ରିଟେଲର ଭାବେ ପଞ୍ଜୀକରଣ ମିଳୁଛି। ଫଳରେ ସମାନ ସୁବିଧା ସୁଯୋଗ ଅଂଶୀଦାରଙ୍କୁ ମିଳିପାରୁନାହିଁ। ୧୫ ହଜାର ଟଙ୍କା ଦେଇ ଅନ୍‌ଲାଇନ ଆସେସ୍‌ମେଣ୍ଟ କରାଇବାର ଯେଉଁ ବ୍ୟବସ୍ଥା ରହିଛି ତାହା ମଧ୍ୟ ଅସୁବିଧା ସୃଷ୍ଟି କରୁଛି। ସେହିଭଳି ଜିଇଏମ୍‌ରେ ସଂଗ୍ରହ ହୋଇଥିବା ସାମଗ୍ରୀର ଗୁଣବତ୍ତା ପରୀକ୍ଷଣ ଠିକ୍ ଭାବେ ହେଉ ନ ଥିବା ବେଳେ ମୂଲ୍ୟ ମଧ୍ୟ ଅଧିକ ରହୁଛି। ରେଟ୍ କଣ୍ଟ୍ରାକ୍ଟରେ କୌଣସି କଣ୍ଟ୍ରାକ୍ଟ ଅର୍ଡର ଆସିଲେ ୟୁନିଟ୍‌ଗୁଡିକ ମଧ୍ୟରେ ବାଣ୍ଟି ଦିଆଯାଉଥିଲା। ମାତ୍ର ଜିଇଏମ୍‌ରେ ଏହା ଗୋଟିଏ ୟୁନିଟ୍ ସପକ୍ଷରେ ଯାଉଛି। ଫଳରେ ଅନ୍ୟ ୟୁନିଟ କାମ ନ ପାଇବାର ଚିନ୍ତା ଉପୁଜିଛି।

ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘର ସଭାପତି ସ୍ୱରଜିତ ମହାନ୍ତି କହିଛନ୍ତି, ସରକାରଙ୍କ ଏଭଳି ପଦକ୍ଷେପ ଦ୍ୱାରା କ୍ଷୁଦ୍ରଶିଳ୍ପର ସମସ୍ୟା ବଢ଼ିଯିବ। ଲକ୍‌ଡାଉନ ଜନିତ ସମସ୍ୟାରେ ପଡ଼ିଥିବା କ୍ଷୁଦ୍ର ଶିଳ୍ପଗୁଡିକୁ ସହାୟତା କରିବା ପରିବର୍ତ୍ତେ ସରକାର ବର୍ତ୍ତମାନ ଶିଳ୍ପ ବିରୋଧୀ ନୀତି କାର୍ଯ୍ୟକାରୀ କରାଇବା ଅତ୍ୟନ୍ତ ଦୁଃଖର ବିଷୟ। ରେଟ୍ କଣ୍ଟ୍ରାକ୍ଟ ଅଧୀନରେ ରହିଥିବା ସାମଗ୍ରୀ ପୂର୍ବ ଧାରାରେ କିଣାଯିବାର ଆବଶ୍ୟକତା ରହିଛି। ଅନ୍ୟ ସାମଗ୍ରୀଗୁଡିକୁ ଜିଇଏମ୍ ଦ୍ୱାରା କ୍ରୟ କରାଯାଇପାରିବ। ଏଭଳି ପ୍ରସଙ୍ଗକୁ ସରକାର ବିଚାର କରିବା ଉପରେ ଧ୍ୟାନ ଦେବା ଆବଶ୍ୟକ। ଶିଳ୍ପ ସଂଘ ଓସ୍‌ମେ ମହାସଚିବ ସାତ୍ତ୍ୱିକ ସ୍ୱାଇଁ କହିଛନ୍ତି, ଜିଇଏମ୍ ବ୍ୟବସ୍ଥାକୁ ବିରୋଧ କରୁନାହୁଁ। ରେଟ୍ କଣ୍ଟ୍ରାକ୍ଟକୁ ଅଣଦେଖା କରିବା ମାନେ ସରକାର 'ଭୋକାଲ ଫର୍ ଲୋକାଲ'କୁ ଧ୍ୟାନ ଦେଉନାହାନ୍ତି। ଏକାଥରକେ ୨ଟି ବ୍ୟବସ୍ଥାରେ ସାମଗ୍ରୀ ସଂଗ୍ରହ ନେଇ ଯେଉଁ ନିୟମ ସରକାର କାର୍ଯ୍ୟକାରୀ କରାଉଛନ୍ତି ସେଥିରେ ସ୍ୱଷ୍ଟତା ଦେଖାଯାଉନାହିଁ। ଫଳରେ ବିଭିନ୍ନ ବିଭାଗ ଜାଣିଶୁଣି ରେଟ୍ କଣ୍ଟ୍ରାଣ୍ଟକୁ ଗୌଣ କରୁଛନ୍ତି। ରେଟ୍ କଣ୍ଟ୍ରାକ୍ଟରେ ଭାଲ୍ୟୁ ଫର୍ ମନି ଉପଲବ୍ଧ ହେଉଥିଲା। ମାତ୍ର ଜିଇଏମ୍ ଆସିବା ଦ୍ୱାରା ସରକାରଙ୍କୁ ସମାନ ସାମଗ୍ରୀକୁ ଅଧିକ ମୂଲ୍ୟ ଦେଇ କିଣିବାକୁ ପଡ଼ିବ। ସ୍ଥାନୀୟ ଶିଳ୍ପସଂସ୍ଥାଗୁଡିକର ସ୍ୱାର୍ଥକୁ ସରକାର ଧ୍ୟାନଦେବାର ଆବଶ୍ୟକତା ରହିଛି।

# କନ୍ଦରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭଙ୍ଗାରୁଜା

**କଟକ ସଦର,୩।୧୧ (ଡି.ଏନ.ଏ.)**

କଟକ ସଦର ବ୍ଲକ ଅଧୀନ କନ୍ଦରପୁର ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରିକୁ ସୋମବାର ରାତିରେ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି। ଫାର୍ମାସିଷ୍ଟ ଦେବରାଜ ବିଶ୍ୱାଳ ମଙ୍ଗଳବାର ଏ ନେଇ କନ୍ଦରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିଥିବା ୨ଟି ଲାଇଟ୍‌କୁ ନେଇଯିବା ସହ ପାଣିଟ୍ୟାପ ଓ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା କରିଛନ୍ତି। ଏଭଳି ଘଟଣାକୁ କନ୍ଦରପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ଭୋଇ ନିନ୍ଦା କରିବା ସହ ରାତିବେଳା ଡାକଘର, ଟେଲିଫୋନ୍ ଏକ୍ସଚେଞ୍ଜ, ସ୍ୱାସ୍ଥ୍ୟକେନ୍ଦ୍ର ଓ ହାଇସ୍କୁଲ ଥିବା ସ୍ଥାନରେ ପୋଲିସ ପାଟ୍ରୋଲିଂ ପାଇଁ ଦାବି କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – କୌଣସି କାମ କରିବା ସକାଶେ ମନ ଚାହୁଁଥିଲେ ମଧ୍ୟ ପରିବର୍ତ୍ତିତ ପରିସ୍ଥିତି ତାହା କରାଇଦେଇ ନ ପାରେ। କିନ୍ତୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ନିକଟ ସମ୍ପର୍କୀୟମାନଙ୍କ ସହାନୁଭୂତି ଲାଭ କରିବେ। କଳ କାରଖାନା, ତୈଳ କିମ୍ବା ବିଦ୍ୟୁତ ବ୍ୟବସାୟରୁ ଲାଭବାନ ହେବେ। ରାଜନୀତିରେ କୂଟନୀତି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବେ।

**ବୃଷ** – ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ ଓ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ। ଭାଇ, ଭଉଣୀଙ୍କ କୌଣସି କାମ ହାସଲ ସକାଶେ ଘରେ କଳହ କରିପାରନ୍ତି।

**ମିଥୁନ** – ଆଜି ଯାହା କଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ। ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରରେ ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି। ଜମିଜମା ବିବାଦ କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟଓ ପରିବହନରେ ସଫଳତା ହାସଲ କରିପାରିବେ।

**କର୍କଟ** – ନିଜ ପରିସରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି କାର୍ଯ୍ୟ ହାସଲ କରିବେ। ପାରିବାରିକ କ୍ଷେତ୍ରରେ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରନ୍ତି। ବିବାଦୀୟ ଘଟଣାରେ ଆପଣଙ୍କ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, ଯାହା କି ବନ୍ଧୁ ଗହଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯିବ।

**ସିଂହ** – ଆଜି ଆର୍ଥିକ ସମସ୍ୟା ମଧ୍ୟରେ ପିଲାମାନଙ୍କ କୌଣସି ଅଭିଯୋଗକୁ ନେଇ ମନ ଅସ୍ଥିର ରହିବ। ବାଧ୍ୟବାଧକତାରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହୋଇପାରନ୍ତି। ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ପରିସ୍ଥିତି ସ୍ୱାଭାବିକ ହେବାରୁ ଆଶ୍ୱସ୍ତି ଲାଭ କରିବେ।

**କନ୍ୟା** – ଆଜି ସକାଳୁ ସକାଳୁ କୌଣସି ଶୁଭ ଖବର ପାଇ ମନଟି ଏକପ୍ରକାର ଖୁସୀ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ନିର୍ମାଣ କାମରୁ ଲାଭବାନ୍ ହେବେ। ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବା ହେତୁ ବିରକ୍ତି ଅନୁଭବ କରିପାରନ୍ତି। ଶିଳ୍ପ ଓ ବାଣିଜ୍ୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଉତ୍କଟ ହେବ ନାହିଁ।

**ତୁଳା** – ଆଜି ଯାହା ଓ ଯେମିତି ଚାହୁଁଛନ୍ତି ସେମିତି କାମ କରନ୍ତୁ କିନ୍ତୁ ବିବାଦରୁ ଦୂରେଇ ରହିବା ଭଲ ହେବ। ପିଲାମାନଙ୍କର ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉ ଥିବାରୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦୀର୍ଘ ଦିନରୁ ପ୍ରଶାସନିକ ସ୍ତରରେ ରହିଥିବା ସମସ୍ୟାର ସମାଧାନ ହୋଇଯିବ।

**ବିଛା** – ପାରିବାରିକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ଆନୁଷ୍ଠାନିକ କାମରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସାଧାରଣ କଥାରେ ପ୍ରତିବାଦ କରି ଟେନ୍‌ସନ୍‌କୁ ନିମନ୍ତ୍ରଣ କରିପାରନ୍ତି।

**ଧନୁ** – ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଚଳିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଗୁପ୍ତକଥା, କଳାଧନ, କଚେରି ମାମଲା, ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ସମ୍ପର୍କୀୟ ଅଯଥା ଚିନ୍ତା କରିପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡିଥିବା ସମ୍ପର୍କ ପୁଣି ଯୋଡିବା ସକାଶେ ପ୍ରଯତ୍ନ କରିପାରନ୍ତି।

**ମକର** – ଆପଣଙ୍କ ମୂଲ୍ୟହୀନ କଥାରେ ତର୍କ ବିତର୍କ କରି ପରିବାରରେ କଳହ ଲାଗିପାରେ। ଆପଣ ପ୍ରତ୍ୟେକ କ୍ଷେତ୍ରରେ ବିଶେଷ ଖର୍ଚ୍ଚାନ୍ତ ହେବେ ସିନା କାମ ଅଟକିବ ନାହିଁ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**କୁମ୍ଭ** – ନିଜ ପରିସରରେ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ,ଏଣୁ ସତର୍କ ରହିବା ଭଲ। କଠୋର ପରିଶ୍ରମ କାରଣରୁ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପଡା, ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମୀନ** – କୌଣସି ବନ୍ଧୁଙ୍କ ସାହାଯ୍ୟରୁ ଯାନବାହନ, ନୂତନ ମେଶିନାରି ଜିନିଷ କିଣିପାରନ୍ତି। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ଏଣୁ ମନ ହାଲୁକା ହୋଇଯିବ। ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ଆର୍ଥିକ ସ୍ଥିତିରେ ସୁଧାର ଆସିବାର ସମ୍ଭାବନା ରହିଛି।

ଆଜି କାର୍ତ୍ତିକ କୃଷ୍ଣ ଚତୁର୍ଥୀ ବୁଧବାର, ନଭେମ୍ବର ୪ ତାରିଖ, ରାଶି ନକ୍ଷତ୍ର–ମୃଗଶିରା/ବୃଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୫୩ମି. ଗତେ ଘ.୦୬.୩୮ମି. ମଧ୍ୟେ, ଘ.୦୭.୨୨ମି. ଗତେ ଘ.୦୮.୦୭ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୨.୩୭ମି. ମଧ୍ୟେ, ସନ୍ଧ୍ୟା ଘ.୦୫.୫୮ମି. ଗତେ ଘ.୦୬.୪୯ମି. ମଧ୍ୟେ, ରାତ୍ରି ଘ.୦୮.୩୧ମି. ଗତେ ଘ.୦୩.୨୦ମି. ମଧ୍ୟେ, ଘ.୦୪.୧୧ମି. ଗତେ ଘ.୦୫.୫୩ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୬.୩୮ମି. ଗତେ ଘ.୦୭.୨୨ମି. ମଧ୍ୟେ, ଘ.୦୧.୨୨ମି. ଗତେ ଘ.୦୩.୩୭ମି.ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୩୦ମି. ଗତେ ଘ.୧୨.୫୪ମି.ମଧ୍ୟେ ରାହୁକାଳ।

**classifieds Everyday**
0674-2580101, 2549302


MATRIMONIAL

**BRIDE WANTED**

Match for Brahmin Boy SWE Bangalore/ 1984/ 16L. Contact: 9437110595 D-18756

29 ବୟସ୍କ କରଣ 40,000 ଦରମା unmarried ପୁଅଙ୍କୁ any caste ଝିଅ ଦରକାର 7008080967. D-67961

**GROOM WANTED**

Brahmin girl (divorcee) 1984/ 5'3", B.Tech, Software, Bangalore 10 Lakhs, caste-no-bar 8249079431 D-69351

46 ବର୍ଷର ବିଧବା ମହିଳା, Food & Safety Departmentରେ Accountant ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ଯୋଗାଯୋଗ କରନ୍ତୁ। ଅବିବାହିତ ବ୍ୟକ୍ତି ଗ୍ରହଣୀୟ ନୁହନ୍ତି। 9078166327. D-68845

Age-30 divorcee Bhubaneswar ସ୍ଥିତ Railway Job କରୁଥିବା ସୁନ୍ଦର କରଣ ଝିଅଙ୍କ ପାଇଁ ପୁଅ ଦରକାର । Contact- 8114342603 D-18803

automobile

**HIRE**

Required 30Nos of Hyva(10 wheels) for mines project at Joda & Barbil having long term basis. Trip wise billing per month estimate bill 4.5L -5L Call - 9439856856, 9776001000. D-18734

real estate

**SALE**

CV Raman College ପାଖରେ Roadକୁ ଲାଗି 27500sqft. plot ବିକ୍ରିହେବ। Contact- 9937910363 D-68391

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348232008, 9776974912 D-69189

**30'Road residential gated community advanced boundarywall gharabari plot sale Gudiapokhari near KEC College. 7992736330, 9238902929** D-69191

NH side gharabari plot Hanspal, Pahal, Balianta. Bank loan available. 9337259012 D-18755

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft Road ଏବଂ ବାସଉପଯୋଗୀ plot ଦିଆଯାଉଅଛି Sqft.650/- 7008045582, 9692003948 D-18775

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Sale plots of land at (a) Sunderpur Mouza, A yellow zone, 2000 sqft. in area, 2-3 km away from Mathematical Institute near Chandaka (boundary wall given) (under Chandaka R.I) (b) Rakat Mouza 1½ km from Patia Big Bazar, nearby Patia Railway Station- A maroon zone 2600 sqft. (approx) in area (under Billipada R.I) (boundary wall given) (2) Flat for sale- 2nd floor 3BHK flat area- 1595 sqft. with lift and car parking in Gouri Enclave near Nuagaon Indian Oil Petrol Pump near Samantarapur, Bhubaneswar. Brokers are welcome to contact for these properties. Contact- 9938138185 D-69027

**PURCHASE**

Want to purchase by the side of main road between Chalisbatia, Dist.- Puri to Baliput, Dist.- Puri. 1 or 2 acres of clean land (high land preferable) and also near Sakhigopal by the side main road or near Sarangjodi, Dist.- Puri. Interested land owners contact- 9938138185 D-69028

to-let

ଝାଁଜ୍ଜା ରାସ୍ତାକଡ଼େ ତିନିମହଲା ମାର୍ବଲଘର ଅଫିସ ପାଇଁ, ଗୋଦାମ ପାଇଁ, ସ୍କୁଲ ପାଇଁ, ରହିବାପାଇଁ– 9337065883, 7609836849 D-67762

**Godown space available near Puri bypass area 18000/-, open space 15000/-. 9938125254** D-18598

healthcare

Swarna SPA newly open positively health benefits with expert therapist. 7873794731. D-70010

Newly open full body massage SPA in Bhubaneswar. Contact: 7205058838. D-70003

Rejuvenate and Ayurvedic full body massage by smart therapist. 9348123330. D-70004

Refreshing your mind & body with best therapy at Lotus Spa. 8018234866 D-69571

Get refreshment body massage by expert therapist contact for 7205084157. D-70011

business

JEMAA SALOON (Infront of Lallan coaching centre, GMU) Newly opened, A/C, Skilled hairstylist, Hair/face treatment/ therapies. (Men's Only) # Great hair doesn't happen by chance, it happens by appointment# Call/ WhatsApp/SMS:+91-9778792959. D-18808

ଓଡ଼ିଆ, ହିନ୍ଦି, ଇଂରାଜୀ ଭାଷାରେ ଜାତକ, ଲାଲକିତାବ, ମୁହୂର୍ତ୍ତ, ଡେଲି ଏକ୍ସପ୍ଲୋରର, କୁଣ୍ଡଳୀ, ବିବାହ ମିଳନ, କାଳସର୍ପ ଏବଂ ମାଙ୍ଗଳିକ ଦୋଷ ମିଳେ। **Contact: Bhubaneswar- 9040151899** D-69929

astrology

୨ଘଣ୍ଟାରେ ସବୁ ସମସ୍ୟାର ସମାଧାନ। ବଶୀକରଣ, ପ୍ରେମବିବାହ, ଶତ୍ରୁଦମନ ଇତ୍ୟାଦି। 8114853025 D-59969

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ମଧୁସୂଦନ ଦତ୍ତ**
ରଘୁଆଗୋରଡ଼ା, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୧୩।୦୯।୧୯୨୫
ତିରୋଧାନ: ୨୫।୧୦।୨୦୨୦
(ବିଜୟା ଦଶମୀ)
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଶୃଙ୍ଖଳା ଓ ମାର୍ଗଦର୍ଶନ ଆମ୍ଭମାନଙ୍କୁ ଜୀବନର ଚଲାପଥରେ ଆଗେଇ ନେଇଛି। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀବୋହୂ, ନାତୁଣୀ, ନାତୁଣୀ ଜ୍ୱାଇଁ, ଅଣନାତି, ଅଣନାତୁଣୀ ଓ ଦତ୍ତ ପରିବାର ।
ଧ-୧୮୭୯୮

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ସଂକ୍ଷେପରେ

### ୬ରୁ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା'

ଭୁବନେଶ୍ୱର,୩।୧୧(ବ୍ୟୁରୋ)- ଦୀପାବଳୀ ଉପଲକ୍ଷେ ପ୍ରତିବର୍ଷ ଭଳି ଚଳିତବର୍ଷ ସ୍ଥାନୀୟ ୟୁନିଟ୍-୩ସ୍ଥିତ ଇଡ୍କୋ ପ୍ରଦର୍ଶନୀ ପଡ଼ିଆରେ ବାର୍ଷିକ ହସ୍ତଶିଳ୍ପ(ଟେରାକୋଟା) ପ୍ରଦର୍ଶନୀ 'ମୃତ୍ତିକା' ଆୟୋଜନ ହେବ। ରାଜ୍ୟ ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଆସନ୍ତା ୬ରୁ ୧୨ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ପ୍ରଦର୍ଶନୀ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହେବାସହ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। ଏହି ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ୫୦ରୁ ଊର୍ଦ୍ଧ୍ୱ ଷ୍ଟଲ୍‌ରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କାରିଗର ନିଜ ନିଜର ସାମଗ୍ରୀ ପ୍ରଦର୍ଶନ କରିବେ। କେନ୍ଦୁଝର, ଯାଜପୁର, ବାଲେଶ୍ୱର, ସୁବର୍ଣ୍ଣପୁର, ବରଗଡ଼, ରାୟଗଡ଼ା, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ, ମୟୂରଭଞ୍ଜ, ଜଗତ୍‌ସିଂହପୁର, ଭଦ୍ରକ, କଟକ, ନବରଙ୍ଗପୁର, ସମ୍ବଲପୁର, ବଲାଙ୍ଗୀର, କେନ୍ଦ୍ରାପଡ଼ା, କନ୍ଧମାଳ, ସୁନ୍ଦରଗଡ଼ ଓ କୋରାପୁଟ ପ୍ରଭୃତି ଜିଲାର କାରିଗରମାନେ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିବେ। ବିଭିନ୍ନ ଡିଜାଇନ୍‌ର ଦୀପ ସହ ଫୁଲକୁଣ୍ଡ, ଫୁଲଦାନି, ଗୃହସଜ୍ଜା ଓ ଘରକରଣା ସାମଗ୍ରୀ ପ୍ରଦର୍ଶନୀର ପ୍ରମୁଖ ଆକର୍ଷଣ ରହିବ।

### ଭୋଟ କେନ୍ଦ୍ରକୁ ଗଲାବେଳେ ବୃଦ୍ଧା ମୃତ

**ରଘୁନାଥପୁର,୩।୧୧(ଡି.ଏନ୍.ଏ.):** ରଘୁନାଥପୁର ବ୍ଲକର ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ମତଦାନ କେନ୍ଦ୍ରକୁ ଯାଉଥିବା ବେଳେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ବଣୁଆ ସାହିର ଅପର୍ତ୍ତି ସେଠୀଙ୍କ ସ୍ତ୍ରୀ ନାଗରୀ ସେଠୀ(୭୦)। ପୂର୍ବାହ୍ନ ସମୟରେ ଘରୁ ଭୋଟ ଦେବା ପାଇଁ ସେ ଚାଲି ଚାଲି ଆସୁଥିବା ବେଳେ ନିକଟରେ ଥିବା ହନୁମାନ ମନ୍ଦିର ନିକଟରେ ହଠାତ୍ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ନାଗରୀଙ୍କୁ ମୃତ ଘୋଷଣା କରିଛନ୍ତି।

### ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ଶିକ୍ଷକ ଗିରଫ

**ସୁନ୍ଦରଗଡ଼, ୩।୧୧(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ କୁରେଡ଼େଗା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଶିକ୍ଷକ ନାବାଳିକା ଛାତ୍ରୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ମଙ୍ଗଳବାର ଅଭିଯୁକ୍ତ ଶିକ୍ଷକ ଡୁମନ ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶିକ୍ଷକଙ୍କ ଘର ଭସ୍ମା ଥାନା ଅନ୍ତର୍ଗତ ସୁର୍ଡ଼ା ଗ୍ରାମରେ। ପୀଡ଼ିତା ଛାତ୍ରୀ ଜଣକ ନବମ ଶ୍ରେଣୀରେ ପାଠପଢୁଥିବାବେଳେ ଅଭିଯୁକ୍ତ ଶିକ୍ଷକ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଛାତ୍ରୀ ସାବାଳିକା ହେବା ପରେ ତାଙ୍କୁ ବିବାହ କରିବେ କହି ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ବର୍ତ୍ତମାନ ଛାତ୍ରୀ ଜଣକ ଦ୍ୱାଦଶ ଶ୍ରେଣୀରେ ପାଠପଢୁଥିବାବେଳେ ଶିକ୍ଷକ ତାଙ୍କୁ ବିବାହ କରିବାକୁ ମନା କରୁଛନ୍ତି। ଫଳରେ ଛାତ୍ରୀ ଜଣକ ହେମଗିର ଥାନାରେ ଶିକ୍ଷକଙ୍କ ନାମରେ ବଳାତ୍କାର ଅଭିଯୋଗ ଆଣିଛନ୍ତି। ପୋଲିସ ଏକ ମାମଲା ରୁଜୁକରି ଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ପରିବହନରେ ଜିପିଏସ୍ ବ୍ୟବସ୍ଥା ବାଟବଣା

ଯାଜପୁର ଅଫିସ,୩।୧୧



- ଅନିୟନ୍ତ୍ରିତ ହେଉଛି ସୁନିୟନ୍ତ୍ରିତ ବ୍ୟବସ୍ଥା
- ଗଳାବାଟ ଦେଇ ଖଣିଜ ଚୋରାଚାଲାଣ
- ସୁରାକ୍ ପାଉନି ଖଣି ବିଭାଗ

ଯାଜପୁର ଓ କେନ୍ଦୁଝର ଜିଲାରେ ମୂଲ୍ୟବାନ ଖଣିଜ ପଦାର୍ଥ ପରିବହନକୁ ସୁନିୟନ୍ତ୍ରିତ କରିବାକୁ ଜିପିଏସ୍ (ଗ୍ଲୋବାଲ ପୋଜିଶନିଂ ସିଷ୍ଟମ) ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ୨୦୧୪-୧୫ ଆର୍ଥିକ ବର୍ଷରେ ସ୍ୱତନ୍ତ୍ର କମ୍ପାନୀ ଜରିଆରେ ଖଣି ପରିବହନରେ ନିୟୋଜିତ ପ୍ରତ୍ୟେକ ଗାଡ଼ିରେ ଜିପିଏସ୍ ଯନ୍ତ୍ର ବ୍ୟବସ୍ଥା ଲଗାଇଥିଲେ। ଏପରି କି ଏଥିରେ ଇଣ୍ଟିଗ୍ରେଟେଡ୍ ମାଇନ୍ସ, ମିନେରାଲ୍ସ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍‌କୁ ତ୍ୟାଗ କରାଯାଇଛି, ଯାହାଫଳରେ ଖଣି ଖାଦାନରୁ ଉତ୍ପାଦିତ ଖଣିଜ ପଦାର୍ଥ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିଲା କି ନାହିଁ ସେ ନେଇ ଠିକ୍ ତଥ୍ୟ ଜଣାପଡ଼ିଥାଏ। ଖଣିଜ ପରିବହନ କରୁଥିବା ଟ୍ରକ୍‌ର ସମ୍ପୂର୍ଣ୍ଣ ଗତିବିଧି ଉପରେ ନିରୀକ୍ଷଣ ରଖାଯାଇପାରିବ। ହେଲେ ବିଭାଗୀୟ ଅଧିକାରୀଙ୍କ ସହ କେତେକ ଖଣି କମ୍ପାନୀ, ପରିବହନ ସଂସ୍ଥା ଏହି ଜିପିଏସ୍ ବ୍ୟବସ୍ଥାକୁ ଠିକ୍‌ଭାବେ କାର୍ଯ୍ୟକାରୀ କରୁ ନାହାନ୍ତି। ଫଳରେ ଖଣିଜ ପରିବହନରେ ବ୍ୟାପକ ଲୁଟ୍ ହେଉଛି। ଗତ ଶନିବାର ଯାଜପୁରରୋଡ ଖଣି ଉପନିର୍ଦ୍ଦେଶାଳୟ ପକ୍ଷରୁ ଧର୍ମଶାଳା ତହସିଲ୍ ଅନ୍ତର୍ଗତ ନେଉଳପୁର ପାହାଡ଼ ଅଞ୍ଚଳରେ ପ୍ରାୟ ୨୦୦ ଟନ୍ ଚୋରା ଲୁହାପଥର ଜବତ ଏହାର ଜ୍ୱଳନ୍ତ ଉଦାହରଣ। ଏବେ ବି କାଏମା ପେଟ୍ରୋଲ ପମ୍ପ ନିକଟସ୍ଥ ବିଭିନ୍ନ ସ୍ଥାନରେ ଆହୁରି ପ୍ରାୟ ୨୦୦ଟନ୍ ଲୁହାପଥର ଗଦା ହୋଇଥିବା ଅଞ୍ଚଳବାସୀଙ୍କ ଠାରୁ ସୂଚନା ମିଳିଥିଲେ ହେଁ ଏନେଇ ଖଣି ବିଭାଗ ନିକଟରେ କୌଣସି ଖବର ନାହିଁ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଉଛନ୍ତି।

୧୦ବର୍ଷ ପୂର୍ବେ ଶାହା କମିଶନଙ୍କ ରିପୋର୍ଟ ଆଧାରରେ ଏଭଳି ଭାବେ ଲକ୍ଷାଧିକ କୋଟି ଟଙ୍କାର ଲୁହାପଥର ଚୋରି ମାମଲାରେ ଏକାଧିକ ଖଣି କମ୍ପାନୀକୁ ଦାୟୀ କରାଯାଇ ଜରିମାନା ଆଦାୟ କରାଯାଇଛି। ଏଭଳିସ୍ଥିତିରେ ପୁଣି ଲୁହାପଥର ଚୋରା କାରବାର ଉପରେ ସମ୍ପୃକ୍ତ ଖଣି ବିଭାଗର କାର୍ଯ୍ୟ ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଛି। ୨୦୦୦ ରୁ ୨୦୧୦ ମଧ୍ୟରେ ଓଡ଼ିଶାର ବିଭିନ୍ନ ଖଣିରୁ ଲିଜ୍‌ଧାରୀମାନେ ଅନୁମତିଠାରୁ ଢେର ଅଧିକ ଖଣିଜ ଦ୍ରବ୍ୟ ଲୁଟ କରିଥିବା ସମ୍ପର୍କରେ ଶାହା କମିଶନ ସୁପ୍ରିମକୋର୍ଟକୁ ରିପୋର୍ଟ ଦେଇଥିଲେ। ଏହାପରେ ରାଜ୍ୟ ସରକାର ପରିବହନ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବାକୁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ତଥାପି ୧୦ ବର୍ଷ ପୂର୍ବେ ଚୋରା କାରବାରର ମିଠା ପାଇଥିବା କେତେକ ପ୍ରଭାବଶାଳୀ ବ୍ୟକ୍ତି ସମ୍ପୃକ୍ତ ଖଣି ବିଭାଗର କେତେକ ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କୁ ହାତ କରି ପୁଣି ଲୁହାପଥର କାରବାର କରୁଛନ୍ତି। ବିଶେଷକରି କେନ୍ଦୁଝର ଯୋଡ଼ା ଅଞ୍ଚଳରୁ ଯାଜପୁର ଜିଲାଦେଇ ବିପୁଳ ପରିମାଣର ଚୋରା ଲୁହାପଥର ପରିବହନ କରାଯାଉଛି। ଏସଂକ୍ରାନ୍ତରେ ଯାଜପୁରରୋଡ ଖଣି ଉପନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ପ୍ରିୟଦର୍ଶୀ ସନ୍ଦୀପ ବଳଙ୍କୁ ପଚାରିବାରେ ସେ କହିଛନ୍ତି, ଜବତ ଲୁହାପଥର ସମ୍ପର୍କରେ ତଦନ୍ତ ଚାଲିଛି। ଏପରି କି ଯୋଡ଼ା ଖଣି ବିଭାଗର ଯୁଗ୍ମ ନିର୍ଦ୍ଦେଶକଙ୍କୁ ସୂଚନା ଦିଆଯାଇ ସାରିଛି। ଜିପିଏସ୍ ଓ କ୍ୟୁଆର୍ କୋଡ୍ ଉପରେ ମଧ୍ୟ ତନଖି ଚାଲିଛି। ଖୁବଶୀଘ୍ର ଲୁହାପଥର ଚୋରା କାରବାର ଉପରେ ପର୍ଦ୍ଦାଫାଶ ହେବ ବୋଲି ସେ କହିଛନ୍ତି।

# ଖାଉଟି ଅଦାଲତରେ ପୋଷ୍ଟମାଷ୍ଟର ଦଣ୍ଡିତ

ଦେବଗଡ଼,୩।୧୧(ଡ଼ି.ଏନ୍.ଏ.)

**ସେବା ପ୍ରଦାନରେ ଅବହେଳା**

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଧୀନ କରଲଗା ଶାଖା ପୋଷ୍ଟ ମାଷ୍ଟର ସେବା ପ୍ରଦାନରେ ଅବହେଳା ପ୍ରଦର୍ଶନ କରି ଜିଲା ଖାଉଟୀ ଅଦାଲତରେ ଦଣ୍ଡିତ ହୋଇଛନ୍ତି। କରଲଗା ଗ୍ରାମର ହୃଷିକେଶ ନାୟକ ନୟାଗଡ ଜିଲାଜଜଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଜୁନିୟର ଟାଇପିଷ୍ଟ ପଦବୀ ନିମନ୍ତେ ଆବେଦନ କରିଥିଲେ। ଲିଖିତ ପରୀକ୍ଷା ନିମନ୍ତେ ଗତ ଜାନୁୟାରୀ ୫ ତାରିଖ ଦିନ ଧାର୍ଯ୍ୟ କରାଯାଇ ନାୟକଙ୍କ ପାଖକୁ ରେଜଷ୍ଟ୍ରି ପୋଷ୍ଟରେ ଆଡମିଟ କାର୍ଡ ପଠାଯାଇଥିଲା। ହେଲେ ୬ ତାରିଖ ଦିନ ନାୟକଙ୍କ ପାଖରେ ତାଙ୍କ ଆଡମିଟ କାର୍ଡ ପହଞ୍ଚିଥିଲା। ଫଳରେ ନାୟକ ପରୀକ୍ଷା ଦେବାକୁ ବଞ୍ଚିତ ହୋଇଥିଲେ। ଡାକ ଯୋଗେ ଆସିଥିବା ଉପରୋକ୍ତ ଆଡମିଟ କାର୍ଡଟିକୁ ପୋଷ୍ଟମାଷ୍ଟରଙ୍କ ସ୍ୱାମୀ ନାୟକଙ୍କୁ ପ୍ରଦାନ କରିଥିଲେ। ପଚରାଉଚରା ସମୟରେ ନୟାଗଡ ଜଜ୍‌ସିପ୍ ପକ୍ଷରୁ ୨୦୧୯ ମସିହା ଡିସେମ୍ବର ୧୬ରେ ଉପରୋକ୍ତ ଆଡମିଟ କାର୍ଡ ପଠାଇଥିଲା। ଏ କଥା ଜାଣିବାପରେ ନାୟକ ଦେବଗଡ ଜିଲା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ମାମଲା ନମ୍ବର ୦୬/୨୦୨୦। ଦେବଗଡ଼ ଜିଲା ଖାଉଟୀ ଅଦାଲତର ସଭାପତି ଦୀପକ କୁମାର ମହାପାତ୍ର ,ସଦସ୍ୟା ଆରତୀ ଦାସ ଓ ଜୟନ୍ତୀ ପ୍ରଧାନ ମିଳିତ ଭାବେ ଉକ୍ତ ମାମଲାର ବିଚାର କରି ପୋଷ୍ଟମାଷ୍ଟରଙ୍କୁ ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମାନସିକ ଅଶାନ୍ତି ପାଇଁ କ୍ଷତିପୂରଣ ବାବଦକୁ ୩୦ ହଜାର ଟଙ୍କା ଓ ମକଦ୍ଦମା ପରିଚାଳନା ବାବଦକୁ ୨ହଜାର ଟଙ୍କା ପ୍ରଦାନ କରିବାକୁ ଶାଖା ପୋଷ୍ଟ ମାଷ୍ଟରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ନାୟକଙ୍କୁ ଆଗାମୀ ୧ ମାସ ମଧ୍ୟରେ ଏହି ଅର୍ଥ ପ୍ରଦାନ ପାଇଁ ଜିଲା ଖାଉଟି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

WANTED
RECEPTIONIST for a UNISEX BEAUTY SALOON at Paradip. Candidate having minimum one year experience. Both Male & Female can contact.
Mobile No.
9938389945, 6371325588

Service Engineer/ Technician required for applied Engineering Services, Bhubaneswar
Preferably ITI Mechanical, Diploma in Electrical/ Mechanical having work experience in hydraulics shall be preferred. Kindly send your resume to info@appliedengg.in.
You can contact us on
+91-9437679795 or 0674-2430093

WANTED
Covid-19 ଯୋଗୁଁ Jobless ଥିବା Candidatesଙ୍କୁ ଏକ MNC ତାର Cuttack Branch ରେ ସ୍ଥାୟୀ ନିଯୁକ୍ତି ଦେଉଛି।
Qualification : +2/Above
Age : 18-30yrs
Monthly : Rs 9000/- to Rs.20000/-
Contact-7978772624

ଆବଶ୍ୟକ
ଘର କାମ ପାଇଁ ଝିଅ ପିଲା ଦରକାର। ରହିବା, ଖାଇବା ମାଗଣା।
ଦରମା: କାମ ଦେଖି ଦିଆଯିବ।
7016330321, 6371887781

# ୨୨ ବାଇକ ଜବତ, ୫ ଗିରଫ





କଟକ ଅଫିସ,୩।୧୧

**ବାଇକ ଚୋରି ଗ୍ୟାଙ୍ଗ୍ ଠାବ**

ବାଦାମବାଡି ପୋଲିସ ଏକ ବାଇକ ଚୋରି ଗ୍ୟାଙ୍ଗକୁ ଠାବ କରିଛି। ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଜଇପୁରର ସୌମେନ୍ଦ୍ର ଦାସ ଓରଫ ସିଲୁ, କେନ୍ଦ୍ରାପଡା ଜିଲା ପାଟକୁରା ଥାନା ଅନ୍ତର୍ଗତ ପ୍ରଧାନ ପ୍ରତିକିରା ଗାଁର କୁଞ୍ଜବିହାରୀ ନାୟକ ଓରଫ ରିଙ୍କୁ, ତିର୍ତ୍ତୋଲ ଥାନା ଆୟର ଅମ୍ବଦରାଦ ଗାଁର ସୂର୍ଯ୍ୟକାନ୍ତ ଖଟୁଆ ଓରଫ ଦୋଳିଆ, ଜଟଣୀ ଥାନା ଅନ୍ତର୍ଗତ ଚିନ୍ତାମଣି ନଗରର ତାଜୁ ଖାନ୍ ଏବଂ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ବୁଦ୍ଧନଗର ପିଡବ୍ଲ୍ୟୁଡି ବସ୍ତିର ନିରଞ୍ଜନ ବେହେରା ଓରଫ କାଳିଆ। ସେମାନଙ୍କ ଠାରୁ ୨୨ଟି ଚୋରି ବାଇକ ପୋଲିସ ଜବତ କରିଥିବା ବାଦାମବାଡି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

ଡିସିପିଙ୍କ ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୧୪ରେ ଜଗତପୁର ପୋଡାବର ଗାଁର ସରୋଜ କୁମାର ବେହେରା ବ୍ୟକ୍ତିଗତ କାର୍ଯ୍ୟରେ ବାଦାମବାଡି ଆସିଥିଲେ। ସେ ତାଙ୍କ ବାଇକ(ଓଡି୦୫ଡି-୭୪୨୯)କୁ ନିକଟସ୍ଥ ଭରତିଆ ଟାୱାର ସମ୍ମୁଖରେ ରଖି ଭିତରକୁ ଯାଇଥିଲେ। ସେଠାରୁ ଫେରିବା ପରେ ବାଇକ ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ବାଦାମବାଡି ଥାନାରେ ଏତଲା ଦେବାପରେ ପୋଲିସ ଏକ ମାମଲା(ନଂ.୨୦୨/୨୦) ରୁଜୁ କରିଥିଲା। ପରେ ସିସିଟିଭି ଫୁଟେଜ ଯାଞ୍ଚ କରି ରିଙ୍କୁ ଓ ସିଲୁ ବାଇକ ଚୋରି କରିଥିବା ଜାଣିବାକୁ ପାଇଥିଲା। ଏହାପରେ ସେମାନଙ୍କୁ ଭିନ୍ନ ଭିନ୍ନ ସ୍ଥାନରୁ ଗିରଫ କରାଯାଇଥିଲା। ପଚରାଉଚରା ପରେ ବାଇକ୍ ଚୋରି ଗ୍ୟାଙ୍ଗ ବିଷୟରେ ପୋଲିସ ସୂଚନା ପାଇଥିଲା। ରିଙ୍କୁ ଓ ସିଲୁ ହେଉଛନ୍ତି ପେସାଦାର ଚୋର। କିଛିମାସ ହେବ ଦୁହେଁ ସହରର ବିଭିନ୍ନ ସ୍ଥାନରୁ ବାଇକ ଚୋରି କରୁଥିଲେ। ପରେ ଏହି ଚୋରି ବାଇକର ଯନ୍ତ୍ରାଂଶଗୁଡିକୁ ଖୋଲି ବିକ୍ରି କରୁଥିଲେ। ଏହାବାଦ ଆଉ କିଛି ବାଇକର ରଙ୍ଗ ଓ ନମ୍ବର ପ୍ଲେଟ ବଦଳାଇ କଟକ, ଜଗତ୍‌ସିଂହପୁର, ତିର୍ତ୍ତୋଲ, କେନ୍ଦ୍ରାପଡା, ଭୁବନେଶ୍ୱର ଓ ଖୋର୍ଦ୍ଧାରେ ବିକ୍ରି କରୁଥିଲେ। ଏହି କାରବାରରେ ସେମାନଙ୍କୁ ଦୋଳିଆ, ତାଜୁ ଓ କାଳିଆ ସହଯୋଗ କରୁଥିଲେ। ପରେ ପୋଲିସ ଏମାନଙ୍କୁ ଗିରଫ କରିବା ସହ ଏମାନଙ୍କଠାରୁ ୨୨ଟି ବାଇକ ଜବତ କରିଛି। ତେବେ ଅଭିଯୁକ୍ତମାନେ ରାଜ୍ୟର ବିଭିନ୍ନ ଜିଲାରେ ବାଇକ ଚୋରି କରୁଥିବା ଜଣାପଡିଛି। ସେମାନଙ୍କ ନାଁରେ ବିଭିନ୍ନ ଥାନାରେ ଅନେକ ମାମଲା ରହିଥିବା ଡିସିପି କହିଛନ୍ତି।

### ନାବାଳକଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ଉଦ୍ୟମ, ଯୁବକ ଗିରଫ

ପୁରୁଷୋତ୍ତମପୁର,୩।୧୧(ଡି.ଏନ୍.ଏ.)

ଜଣେ ୮ବର୍ଷର ନାବାଳକଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ସ୍ଥାପନ ଉଦ୍ୟମ ଅଭିଯୋଗରେ ପୁରୁଷୋତ୍ତମପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟକୁ ଚାଲାଣ କରିଛି। ସେ ହେଲେ ପିଣ୍ଟୁ ବିଷୋଇ (୨୩)। ନାବାଳକଙ୍କ ଅଜାଙ୍କ ଅଭିଯୋଗ କ୍ରମେ ନଂ.୨୯୬/୨୦ରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ରବିବାର ରାତିରେ ପିଣ୍ଟୁ ନାବାଳକଙ୍କୁ ଧମକ ଦେଇ ଗ୍ରାମ ଠାକୁରାଣୀ ମନ୍ଦିର ନିକଟକୁ ନେଇଥିଲେ। ସେଠାରେ ଅପ୍ରାକୃତିକ ଯୌନ ସମ୍ପର୍କ ଲାଗି ଉଦ୍ୟମ କରିବାବେଳେ କୌଶଳକ୍ରମେ ନାବାଳକ ଖସିଆସି ଘରେ ଜଣାଇଥିଲେ। ଅଭିଯୁକ୍ତ ଯୁବକଙ୍କୁ ପରିବାର ଲୋକେ ପଚାରିବାରୁ ସେ ଗାଳିଗୁଲଜ କରିଥିଲେ। ନାବାଳକଙ୍କ ଅଜା ସୋମବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ପିଣ୍ଟୁଙ୍କୁ ଗିରଫ କରିବା ସହ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ପିଣ୍ଟୁ ୨୦୧୬ ନଭେମ୍ବରରେ ମଧ୍ୟ ଗ୍ରାମର ଜଣେ ନାବାଳକଙ୍କ ସହ ଏଭଳି କାଣ୍ଡ ଘଟାଇବା ସହ ହତ୍ୟା କରି ପରିତ୍ୟକ୍ତ ଶୌଚାଳୟ ଟାଙ୍କିରେ ପକାଇବା ଅଭିଯୋଗରେ ଜେଲ ଯାଇଥିଲେ।

**SISHU SEVA ASHRAM, CHILDREN HOME (CCI)**
Regd. Office: Deobhubanpur, Dist.- Sundargarh
CCI, At: Balijori, Dist.- Sundargarh, Odisha
**ADVERTISEMENT**
Sishu Seva Ashram (CCI), Children Home Recognised and Grant-in-Aid by Government of Odisha, W&CD and Mission Shakti Department, inviting application for filling up the following contractual post urgently. Interested candidates requisite qualification may apply on email ID: **sisuasa@gmail.com** only within 15 days from date of publication of this advertisement.

| Sl. No. | Name of the Post | No. of Post | Age Limit 21 - 45 yrs. age as on 01.10.2020 | Eligibility/ Qualification | Remuneration P.M. |
|---|---|---|---|---|---|
| 1 | Child Welfare Officer/ Case Workder/ Probation Officer | 1 (One) | 21-45 Yrs. age on 01.10.2020 | Master Degree in Social Work/ Sociology/ Anthropology/ Psychology or any other related filed of Humanaties or MBA (HR) or any other Master Degree and Familiarity with Computer | 17500/- P.M. or as per ICPS Guide Line |
| 2 | Counsellor | 1 (One) | 21-45 Yrs. age on 01.10.2020 | Post Graduate preferably in Sociology/ Psychology (Child Psychology)/ Social Work/Social Science with Computer Skills | 17500/- P.M. or as per ICPS Guide Line |
| 3 | Store Keeper-cum-Accountant | 1 (One) | 21-45 Yrs. age on 01.10.2020 | PG preferably in Commerce/ MBA (Finance) | 14000/- P.M. or as per ICPS Guide Line |
| 4 | Paramedical Staff | 1 (One) | 21-45 Yrs. age on 01.10.2020 | Compunder/ Pharmacist having Diploma in Ayurvedic/ Homeopathic/ Uni Ani from Institutions recognised by Govt. of India | 9000/- P.M. or as per ICPS Guide Line |

- The following documents have to be attached with the application/ Bio-Data form and send to above E-mail address in PDF format. (1. Self attested Photo Copy of Secondary, Higher Secondary, Graduation, Post Graduation any other professional qualification certificate & marksheet, 2. One recent self attested colour photograph (3.5 × 4.5") should be affixed to the application / Bio-Data form, 3. Certificate of experience issued from previous employer, 4. Self declaration regarding Non involvement in any criminal activities especially child related offences.)
- The recruitment shall be on the basis of career marking only.
- The Bio-data/application received after due date summarily rejected, Negotiable salary will be paid to the selected candidate until the gia received from the Govt.
- The authority reserves the right to cancel the advertisement without citing any reason decision of authority will be final in this regard.

**Sd./- Secretary, Sishu Seva Ashram**

# ୨ କାର୍ ସହ ୧୪ କେଜି ଗଞ୍ଜେଇ ଜବତ

ଭୁବନେଶ୍ୱର, ୩।୧୧(ବ୍ୟୁରୋ)

କନ୍ଧମାଳରୁ ରାଜଧାନୀକୁ କାର୍‌ରେ ଗଞ୍ଜେଇ ଚୋରା ଚାଲାଣ ର୍‍ୟାକେଟରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର ଶହୀଦନଗର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲା ଖଜୁରିପଦା ଥାନା ଅଞ୍ଚଳର ସତୀଶ କୁମାର ପ୍ରଧାନ ଓରଫ ଲିଟୁ ଏବଂ କେନ୍ଦୁଝର ଜିଲା ଘଷିପୁରା ଥାନା ଅଞ୍ଚଳର ସୁଶାନ୍ତ କୁମାର ସାହୁ। ଏମାନଙ୍କଠାରୁ ୨ଟି କାର୍ ସମେତ ୧୪ କେଜି ଗଞ୍ଜେଇ ଜବତ କରାଯାଇଛି। ଅଭିଯୁକ୍ତ ସତୀଶ ବଡ଼ଗଡ଼ ଓ ସୁଶାନ୍ତ ଶହୀଦନଗର ଥାନା ଅଞ୍ଚଳରେ ରହି ଭୁବନେଶ୍ୱର ଏବଂ ଉପକଣ୍ଠ ଅଞ୍ଚଳରେ ଗଞ୍ଜେଇ ବେପାର ଚଳାଇ ଥିଲେ। ମଙ୍ଗଳବାର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ପୋଲିସକୁ ଖବର ମିଳିଥିଲା। କାର୍ ଦୁଇଟିରୁ ୧୪ କେଜି ଗଞ୍ଜେଇ ମିଳିଥିଲା। ପୋଲିସ ଏହି ଗଞ୍ଜେଇ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ କେସ୍ ନଂ. ୪୬୬/୨୦ ରୁଜୁ କରାଯାଇଛି।

# ୧୬ ସୁଦ୍ଧା ପଞ୍ଜୀକରଣ ନ କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୩।୧୧(ବ୍ୟୁରୋ)

**ପୋଷା ଜୀବଜନ୍ତୁ ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ନିର୍ଦ୍ଦେଶନାମା**

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଜୀବେ ନିଷ୍ଠୁରତା ନିରୋଧ(କୁକୁର ପ୍ରଜନନ ଏବଂ ବିପଣନ) ଅଧିନିୟମ ୨୦୧୭ ଏବଂ ଜୀବେ ନିଷ୍ଠୁରତା ନିରୋଧ(ପୋଷା ଜୀବଜନ୍ତୁ ଦୋକାନ) ଅଧିନିୟମ ୨୦୧୮କୁ ରାଜ୍ୟରେ ପ୍ରଚଳନ କରାଯାଇଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଅଧିସୂଚନା ଜରିଆରେ ସମଗ୍ର ରାଜ୍ୟରେ ତତ୍କାଳ ପ୍ରଚଳନ କରାଯାଇଛି। ଏହି ଦୁଇ ଅଧିନିୟମ ଅନୁଯାୟୀ ରାଜ୍ୟର ସମସ୍ତ କୁକୁର ପ୍ରଜନନ ଓ ବିପଣନ ଏବଂ ପୋଷା ଜୀବଜନ୍ତୁ ଦୋକାନ/ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଅଧିସୂଚନା ପ୍ରକାଶ ପାଇବାର ୬୦ଦିନ ମଧ୍ୟରେ ରାଜ୍ୟ ପଶୁକଲ୍ୟାଣ ପରିଷଦଙ୍କ ଦ୍ୱାରା ପଞ୍ଜୀକୃତ ହେବା ବାଧ୍ୟତାମୂଳକ ବୋଲି କୁହାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ସମୟସୀମାକୁ ଆଉ ୬୦ ଦିନ ବୃଦ୍ଧି କରାଯାଇ ୨୦୨୦ ନଭେମ୍ବର ୧୬ ତାରିଖ ସୁଦ୍ଧା ସମସ୍ତ କୁକୁର ପ୍ରଜନନ ଓ ବିପଣନ ଏବଂ ପୋଷା ଜୀବଜନ୍ତୁ ଦୋକାନ/ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ପଞ୍ଜୀକୃତ ହେବାକୁ କୁହାଯାଇଛି। ଏହି ସମୟ ମଧ୍ୟରେ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ନାମ ପଞ୍ଜୀକରଣ ନ କରି ବ୍ୟବସାୟ ଚଳାନ୍ତି, ସମ୍ପୃକ୍ତ ପ୍ରତିଷ୍ଠାନ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପଞ୍ଜୀକରଣ ପାଇଁ ଏହି ପ୍ରତିଷ୍ଠାନଗୁଡ଼ିକ ସମ୍ପୃକ୍ତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ(ସିଡିଭିଓ)ଙ୍କ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନ ଫର୍ମ ଏବଂ ପଞ୍ଜୀକରଣ ସମ୍ବନ୍ଧୀୟ ସମସ୍ତ ସୂଚନା ସମ୍ପୃକ୍ତ ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ୱେବ୍‌ସାଇଟ୍ www.odishaahvs.nic.inରେ ଉପଲବ୍ଧ ଅଛି।

**DEPARTMENT OF SHIKSHASHASTRI - B.Ed**
**SHRI JAGANNATH SANSKRIT UNIVERSITY**
SHRI VIHAR, PURI
No. 1478/2020/SS/SJSV, Puri Dt.03.11.2020
**ADMISSION NOTICE**
Department of Shikshashastri - B.Ed., Shri Jagannath Sanskrit University, Shri Vihar, Puri invites application into **Two years Shikshashastri - B.Ed Course (2020-2022).** Last date of application is **25.11.2020**. Other details are available in the University website **www.sjsv.nic.in**.
**Important Notice:** Admission will be made through Entrance Examination. Hence, it is requested to go through the details given in the website.
By order of Vice Chancellor
**Sd./- Principal I/C**
**Shikshashastri - B.Ed**

**OFFICE OF THE CHAIRMAN, P.G. COUNCIL**
**SHRI JAGANNATH SANSKRIT VISHVAVIDYALAYA**
Shri Vihar, Puri - 3, Odisha
No. 2158/PGC Dt.02.11.2020
**ADMISSION NOTICE**
Admission is open for one year Visistacharya (M.Phil) Course in Sahitya, Vyakarana, Veda, Sarvadarshan, Dharmashastra, Nyaya, Advaita Vedanta & Jyotrivigyan in the P.G. Teaching Department of Shri Jagannath Sanskrti Vishvavidyalaya, Puri for the year 2021. Last date of application is 30.11.2020. Other details are available in the University website i.e. **www.sjsv.nic.in**.
**Important Notice:** Admission will be made through Entrance Examination. Hence, it is requested to go through the details given in the website.
**Sd./- Prof. N.R.S. Tatachariar**
**Chairman, PGC**



“ଦାରିଦ୍ର୍ୟବରଣ ଏକ ମହତ ବ୍ରତ ହୋଇପାରେ –ଏପରି କି କୌଣସି ବ୍ୟକ୍ତି ବା ଶ୍ରେଣୀ ପକ୍ଷରେ ଉପକାରୀ ହୋଇପାରେ। ଦାରିଦ୍ର୍ୟକୁ ଯଦି ଏକ ଜାତୀୟ ବା ସର୍ବସାଧାରଣ ଆଦର୍ଶ ରୂପେ ବିକୃତ ଭାବେ ସଂଗଠିତ କରାଯାଏ ତା'ହେଲେ ଏହା ହୋଇଉଠେ ମାରାତ୍ମକ। –ଶ୍ରୀଅରବିନ୍ଦ

# ପ୍ରାସଙ୍ଗିକତା ହ୍ରାସ

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ୩ ନଭେମ୍ବରରେ ଅନୁଷ୍ଠିତ ହୋଇଛି। ଏଥିସହିତ ମଧ୍ୟପ୍ରଦେଶର ୨୮, ଓଡ଼ିଶାର ୨ଟି ସହ ୧୦ ରାଜ୍ୟର ୫୪ ବିଧାନସଭା ଆସନର ଉପନିର୍ବାଚନ ଲାଗି ମତଦାନ ହୋଇଯାଇଛି। କୋଭିଡ୍‌-୧୯ ନିୟମ ପାଳନ କରି ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ନିର୍ଦ୍ଦେଶ ଥିଲା। ଗଣମାଧ୍ୟମ, ସ୍ୱାସ୍ଥ୍ୟକର୍ମୀ ଏବଂ ସର୍ବୋପରେ ସରକାର ବିଭିନ୍ନ ଅଭିଯାନ ମାଧ୍ୟମରେ ସାମାଜିକ ଦୂରତ୍ୱ ବଜାୟ ରଖିବା ଓ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରିଥିଲେ ମଧ୍ୟ ତାହା ବିହାର ନିର୍ବାଚନ ଶୋଭାଯାତ୍ରାରୁ ଆଦୌ ଦେଖିବାକୁ ମିଳି ନାହିଁ। ସେହିପରି ଓଡ଼ିଶା ସମେତ ଅନ୍ୟାନ୍ୟ ରାଜ୍ୟରେ ହୋଇଥିବା ଉପନିର୍ବାଚନରେ ସମାନ ସ୍ଥିତି ଦେଖିବାକୁ ମିଳିଛି। ଭାରତରେ ଯେବେ କୋଭିଡ୍‌-୧୯ ମାର୍ଚ୍ଚରେ କାୟା ବିସ୍ତାର କଲା, ସେତେବେଳେ ନିର୍ବାଚନ ବିଷୟକୁ ଆଖି ଆଗରେ ରଖି ବିଶେଷଜ୍ଞମାନେ ମତ ରଖିଥିଲେ ଯେ, ଶାରୀରିକ ଦୃଷ୍ଟିରୁ ନେତାମାନେ ପ୍ରଚାର କରିବାରେ ସଫଳ ହେବେ ନାହିଁ। ସୋସିଆଲ ମିଡିଆ ଓ ପାରମ୍ପରିକ ଗଣମାଧ୍ୟମ ଶୋଭାଯାତ୍ରା ଓ ମଞ୍ଚର ସ୍ଥାନ ନେବ। କିନ୍ତୁ ନେତାମାନେ ବଡ଼ ବଡ଼ ରାଲି କରି କୋଭିଡ୍‌-୧୯ ନିୟମକୁ ସିଧାସଳଖ ଭାଙ୍ଗିଦେଇଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ନିକଟରେ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ମଧ୍ୟ ଦେଖିବାକୁ ମିଳିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଚାର ଅଭିଯାନ ସମୟରେ ଅନେକ ରାଲି ଅନୁଷ୍ଠିତ ହୋଇଥିଲା, ଯାହାକୁ ଏବେ ସୁପରସ୍ପ୍ରେଡର ଆଖ୍ୟା ଦିଆଯାଉଛି। ଟ୍ରମ୍ପଙ୍କ ବିଭିନ୍ନ ଶୋଭାଯାତ୍ରାରେ ଯୋଗ ଦେଇଥିବା ଅନେକ ଲକ୍ଷ ଲୋକଙ୍କ ମଧ୍ୟରୁ ୫୪ ହଜାର ଲୋକ କୋଭିଡ୍ ସଂକ୍ରମିତ ହୋଇଥିବା ବେଳେ ୭ ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ଏହାର ମୁଖ୍ୟ କାରଣ ହେଲା ରାଷ୍ଟ୍ରପତି ଟ୍ରମ୍ପ ନିଜେ ଏହି ରୋଗକୁ ଗୌଣ ଭାବେ ଆରମ୍ଭରୁ ଦେଖିଆସୁଥିଲେ। ସେଥିଯୋଗୁ ସମଗ୍ର ଯୁକ୍ତରାଷ୍ଟ୍ର ଆମେରିକାରେ ସମୁଦାୟ ୯୦ ଲକ୍ଷ ୩୮ ହଜାର ସଂକ୍ରମିତ ହୋଇଥିବା ବେଳେ ୨ ଲକ୍ଷ ୩୨ ହଜାର ଲୋକଙ୍କ ମୃତ୍ୟୁ ଘଟିଛି। ଏଠାରେ ସ୍ୱୀକାର କରିବାକୁ ହେବ ଯେ, ଅନ୍ୟ ଦେଶ ତୁଳନାରେ ଆମେରିକାର ମେଡିକାଲ ସୁବିଧା ଅଧିକ ଓ ଉନ୍ନତ। ତଥାପି କୋଭିଡ୍‌-୧୯କୁ ସମ୍ମୁଖୀନ ହେବାର ଅସଫଳତା ପାଇଁ ଦେଶର ଶାସକମାନଙ୍କୁ, ବିଶେଷକରି ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଦୋଷ ଦିଆଯାଉଛି। ସେହିପରି ଭାରତର ବିହାର ନିର୍ବାଚନରେ ଅସଂଖ୍ୟ ଶୋଭାଯାତ୍ରା ଓ ଭିଡ଼ ହେଉଥିବାର ପରିଲକ୍ଷିତ ହେଉଛି। କିନ୍ତୁ ଆମେରିକା ଭଳି ଭାରତରେ କେହି ତଥ୍ୟରେ ବିଶ୍ୱାସ କରୁ ନ ଥିବା ହେତୁ ବିହାରରେ ନିର୍ବାଚନ ପ୍ରଚାର ଯୋଗୁ କେତେ ସଂକ୍ରମିତ ହେଲେ ଓ ତନ୍ମଧ୍ୟରୁ କେତେ ମୃତ୍ୟୁମୁଖରେ ପଡ଼ିଲେ, ତାହା ଜାଣିବା ସମ୍ଭବପର ହେବ ନାହିଁ। କାହିଁ ଇସି ସେସବୁକୁ ନିୟନ୍ତ୍ରଣ ତ କରିପାରିଲେ ନାହିଁ ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥଙ୍କୁ 'ତାରକା ପ୍ରଚାରକ' ତାଲିକାରୁ ହଟାଇବା କାମରେ ଲାଗି ପଡ଼ିଲେ। କେବଳ ସେତିକି ନୁହେଁ, ମାଗଣା 'କୋଭିଡ୍‌-୧୯ ଟିକା' ଦିଆଯିବାକୁ ନେଇ ଯେଉଁ ପ୍ରଚାର ଭାଜପା ତରଫରୁ କରାଗଲା ତାହା କୌଣସି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁନାହିଁ ବୋଲି ଇସି କହି ବିବାଦୀୟ ହୋଇପଡ଼ିଛନ୍ତି।

ମଧ୍ୟପ୍ରଦେଶରେ ଉପନିର୍ବାଚନ ପ୍ରଚାର ବେଳେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥଙ୍କୁ ଇସି ଷ୍ଟାର ପ୍ରଚାରକ ତାଲିକାରୁ ବାଦ୍ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ପୂର୍ବରୁ ଗ୍ୱାଲିଅର ଜିଲାର ଡାବ୍‌ରା ନିର୍ବାଚନୀ ଶୋଭାଯାତ୍ରାରେ କମଲ ନାଥ ମଧ୍ୟପ୍ରଦେଶର ଶିବରାଜ ସିଂ ଚୌହାନ ସରକାରରେ କ୍ୟାବିନେଟ ମନ୍ତ୍ରୀ ଥିବା ଇମର୍ତ୍ତୀ ଦେବୀଙ୍କୁ 'ଏକ ଆଇଟମ୍' ବୋଲି କହିଥିଲେ। ଇମର୍ତ୍ତୀ ପୂର୍ବରୁ କମଲ ନାଥଙ୍କ ସରକାରରେ ମନ୍ତ୍ରୀ ଥିଲେ। ଜ୍ୟୋତିରାଦିତ୍ୟ ସିନ୍ଧିଆ ମଧ୍ୟପ୍ରଦେଶ ରାଜନୀତିରେ ଝଡ଼ ସୃଷ୍ଟି କରି ଯେଉଁ ୨୨ ଜଣ ସମର୍ଥକଙ୍କୁ ଧରି ଭାଜପାରେ ମିଶିଥିଲେ ତାଙ୍କ ଭିତରୁ ଇମର୍ତ୍ତୀ ଅନ୍ୟତମ। କିନ୍ତୁ କମଲ ନାଥ ବ୍ୟବହାର କରିଥିବା ଶବ୍ଦ 'ଆଇଟମ୍' ନିହାତି ଅଶୋଭନୀୟ ବୋଲି ମନେହୁଏ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଇସିଙ୍କ କମଲ ନାଥ ବିରୋଧୀ ନିଷ୍ପତ୍ତିକୁ ସୁପ୍ରିମକୋର୍ଟ (ଏସ୍‌ସି) ଖାରଜ କରିଦେଇଛନ୍ତି। ମାତ୍ର ଏହି ନିଷ୍ପତ୍ତି ଶୁଣାଇବାର ସମୟ ଅତ୍ୟନ୍ତ କୌତୂହଳପୂର୍ଣ୍ଣ। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ କହିଛନ୍ତି ଯେ, ଗୋଟେ ପାର୍ଟିରେ କିଏ ତାରକା ପ୍ରଚାରକ ହେବେ ତାହା ଇସି ସ୍ଥିର କରିବାର ଅଧିକାର ନାହିଁ। ନିର୍ବାଚନ ପ୍ରଚାର ଶେଷ ହେବା ପରେ ଏଭଳି ନିର୍ଦ୍ଦେଶ ପ୍ରକାଶ କରାଯିବା କୋର୍ଟଙ୍କ ଲକ୍ଷ୍ୟକୁ ନିଷ୍ଫଳ କରିଦେଇଛି।

ଆଜିର ସ୍ଥିତିକୁ ଦେଖିଲେ ନିର୍ବାଚନ କମିଶନ ଭଳି ସାମ୍ବିଧାନିକ ସଂସ୍ଥା ଶାସକ ଦଳ ପ୍ରତି ଢଳି ରହୁଛନ୍ତି। ତାହା ନ ହୋଇଥିଲେ କୋଭିଡ୍‌-୧୯ ମାଗଣା ଟିକାକୁ ନିର୍ବାଚନୀ ପ୍ରଚାରରେ ଅନୁମତି ଦେଇ ନ ଥାଆନ୍ତେ। ଅନ୍ୟପକ୍ଷରେ ନିର୍ବାଚନ ପ୍ରଚାର ବେଳେ ନେତା ଓ ଲୋକେ କୋଭିଡ୍‌-୧୯ ନିୟମକୁ ବାରମ୍ବାର ଉଲ୍ଲଂଘନ କରିଥିଲେ ମଧ୍ୟ ସେ ନେଇ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି। ସର୍ବୋଚ୍ଚ ଅଦାଲତଙ୍କ କଥା ଦେଖିଲେ ଅନେକ କ୍ଷେତ୍ରରେ ବ୍ୟତିକ୍ରମ ହେଉଥିବା ଲକ୍ଷ୍ୟ କରାଯାଉଛି। ବାସ୍ତବରେ ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଯଥା–ଇସି ଓ ଏସ୍‌ସି ସାମାଜିକ ମଙ୍ଗଳକୁ ଅଗ୍ରାଧିକାର ଦେବା ପରିବର୍ତ୍ତେ ଅସମୟରେ ଓ ଅସ୍ୱାଭାବିକ ଭାବେ କେବଳ ନିର୍ଦ୍ଦେଶ ଦେଉଥିବାରୁ ସେଗୁଡ଼ିକର ପ୍ରାସଙ୍ଗିକତା ହ୍ରାସ ପାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୪ ନଭେମ୍ବର ୧୯୯୫

- କଲମ୍ବିଆ ରାଷ୍ଟ୍ରପତି ଏରୋନେଷ୍ଟ ସାମ୍ପଲଙ୍କ ତୀବ୍ର ସମାଲୋଚକ ଆଲଭାରୋ ଗୋମେଜ ହୁରଟାଡୋଙ୍କୁ ଦିବାଲୋକରେ ହତ୍ୟା କରାଯିବା ପରେ ଦେଶରେ ଜରୁରୀ ପରିସ୍ଥିତି ଜାରି।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶିଲା କାଉଲଙ୍କୁ ହିମାଚଳ ପ୍ରଦେଶର ରାଜ୍ୟପାଳ ରୂପେ ନିଯୁକ୍ତି ଦିଆଯାଇଛି।
- ଦେଶରେ ଶ୍ରମିକମାନଙ୍କ ସୁରକ୍ଷା ଓ କଲ୍ୟାଣାର୍ଥେ ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମା ୨ଟି ଅଧ୍ୟାଦେଶ ଜାରି କରିଛନ୍ତି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 9 | | | | A | | 7 | | | | | | | |
| | | | 0 | | | 4 | | 5 | | | E | | 2 | |
| | 4 | | | | | | 1 | A | 0 | | | | C | D |
| C | | | 9 | | | | | D | 8 | | | B | 0 | E |
| E | | 0 | | B | | | | 8 | A | 6 | | | 1 | |
| | | | | | | A | | | E | | | 3 | | B |
| 1 | | | | | | | 0 | | | 3 | | | | 4 |
| 8 | D | | 3 | | | 5 | C | | 7 | | | E | 9 | |
| 4 | | | | 1 | 7 | | 6 | | D | | | 2 | | |
| | | | D | | | | 9 | B | C | | 4 | 1 | 7 | 8 |
| | | | | 6 | C | 7 | | 0 | 9 | | | | | 2 |
| | B | | | | | | 8 | | 2 | | | | | 3 |
| | A | E | | 3 | 1 | | | | | C | | 9 | 4 | |
| 6 | 2 | | B | | 9 | | | 3 | 4 | | | D | | |
| | | | | | | 1 | | | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 5 | D | 2 | E | 1 | 4 | 8 | 7 | 3 | B | 9 | 6 | A | C |
| 6 | 3 | E | B | 5 | 8 | 0 | 9 | A | 2 | C | D | 4 | 7 | 1 |
| 4 | A | 2 | C | 9 | 7 | D | 3 | B | 8 | 6 | 1 | 0 | E | 5 |
| B | C | 7 | D | A | 6 | 1 | 2 | E | 0 | 4 | 5 | 9 | 3 | 8 |
| 1 | 8 | 9 | 4 | 3 | 0 | 6 | 5 | C | E | 7 | A | B | 2 | D |
| D | B | 1 | 8 | 2 | 5 | E | 7 | 6 | 9 | 3 | 4 | A | C | 0 |
| 5 | 7 | 4 | E | C | A | 2 | 0 | 3 | D | 8 | B | 1 | 9 | 6 |
| E | 0 | 8 | 3 | 6 | 9 | A | B | 4 | C | 1 | 2 | D | 5 | 7 |
| 3 | 2 | 6 | 1 | D | 4 | 9 | C | 5 | A | 0 | 7 | 8 | B | E |
| C | 9 | A | 0 | 7 | B | 8 | D | 1 | 6 | 5 | E | 2 | 4 | 3 |
| 9 | 4 | 3 | 5 | 0 | D | C | A | 8 | 7 | 2 | 6 | E | 1 | B |
| 8 | 1 | B | 9 | 4 | 3 | 7 | 6 | 2 | 5 | E | 0 | C | D | A |
| 7 | 6 | 5 | A | 8 | E | B | 1 | D | 4 | 9 | C | 3 | 0 | 2 |
| 2 | D | 0 | 6 | B | C | 5 | E | 9 | 1 | A | 3 | 7 | 8 | 4 |
| A | E | C | 7 | 1 | 2 | 3 | 4 | 0 | B | D | 8 | 5 | 6 | 9 |

ଗତ କାଲିର ଉତ୍ତର

# କରୋନା ପରବର୍ତ୍ତୀ ବିଶ୍ୱ ଅର୍ଥନୀତିର ସ୍ୱରୂପ



ଡ. ଚିତ୍ତରଞ୍ଜନ ମିଶ୍ର

କୋଭିଡ୍‌-୧୯ ବୈଶ୍ୱିକ ମହାମାରୀକୁ ନେଇ ଯେତେବେଳେ ସମଗ୍ର ବିଶ୍ୱ ଅତ୍ୟନ୍ତ ଭୀତତ୍ରସ୍ତ ହୋଇଉଠିଛି ସେତେବେଳେ ଆଲୋଚନା ଓ ପ୍ରତିଆଲୋଚନା ମୁଣ୍ଡ ଟେକିଉଠୁଛି ଯେ, ଆଗାମୀ ଦିନରେ କେଉଁ ଦେଶର ଅର୍ଥନୀତି ସୁଦୃଢ଼ ହେବ ଏବଂ କେଉଁ ଦେଶର ଅର୍ଥନୀତି ରସାତଳଗାମୀ ହେବ। ଏ ଆଲୋଚନାକୁ ନେଇ କୌଣସି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଆମକୁ ପ୍ରଥମେ ଯେ କୌଣସି ଏକ ସମୟରେ ବିଶ୍ୱ ଅର୍ଥନୈତିକ ପରିବେଶ ସମ୍ପର୍କରେ ଅବଗତ ହେବାକୁ ପଡ଼ିବ, ତାହାଲେ ଯାଇଁ ଆମେ ହୃଦୟଙ୍ଗମ କରିବା ଯେ କେଉଁ ଅର୍ଥନୈତିକ ନିୟମ କୋଭିଡ୍‌-୧୯ ପରବର୍ତ୍ତୀ ବିଶ୍ୱ ବ୍ୟବସ୍ଥାରେ ଅତ୍ୟନ୍ତ କ୍ରିଟିକାଲ ସାବ୍ୟସ୍ତ ହେବ।

କରୋନା ମହାମାରୀ ଏକ ଅନ୍ତର୍ମୁଖୀ ପ୍ରଶସ୍ତ ମୋଡକୁ ତ୍ୱରାନ୍ୱିତ କରିବାରେ ସହାୟକ ହେଉଅଛି, ଯାହାକି ୨୦୦୮ ମସିହାର ବିଶ୍ୱ ଅର୍ଥନୈତିକ ସଙ୍କଟର ଠିକ୍ ପରେ ପରେ ହିଁ ଆରମ୍ଭ ହୋଇଥିଲା। ଭାରତ ଓ ଚାଇନା ସମେତ ଯେଉଁ ରାଷ୍ଟ୍ରମାନେ ଜଗତୀକରଣର ସର୍ବବୃହତ୍ ହିତାଧିକାରୀ ଭାବେ ସାବ୍ୟସ୍ତ ହୋଇଥିଲେ ସେହି ରାଷ୍ଟ୍ରଗୁଡ଼ିକରେ ନେତୃସ୍ଥାନୀୟ ବ୍ୟକ୍ତିମାନେ 'ଆତ୍ମ ନିର୍ଭର' ଉପରେ ଏବେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରୁଛନ୍ତି।

ବିଭିନ୍ନ ରାଷ୍ଟ୍ରର ସରକାରମାନେ ଅର୍ଥନୀତି ଉପରେ ନିଜର ଦୃଢ ନିୟନ୍ତ୍ରଣ ଜାହିର କରୁଛନ୍ତି, ସଟଡାଉନ୍ ଉପରେ ପ୍ରଭୁତ୍ୱ ପ୍ରଦର୍ଶନ କରୁଛନ୍ତି ଏବଂ ବ୍ୟାବସାୟିକ ପେ-ରୋଲକୁ ଏଭଳି ଭାବେ ଜାତୀୟକରଣ କରି ଦେଉଛନ୍ତି ଯାହାକି ୬ ମାସ ପୂର୍ବରୁ ଆଦୌ ଚିନ୍ତା କରାଯାଇ ପାରୁନଥିଲା। ଏକାଧିକ ରାଷ୍ଟ୍ରରେ ସର୍ବସାଧାରଣ ଋଣ ଏବଂ ନିଅଣ୍ଟିଆ ବଜେଟ ବ୍ୟବସ୍ଥା ଦ୍ରୁତ ଗତିରେ ବୃଦ୍ଧି ହେଉଛି। ଜଗତୀକରଣର ଶେଷ ସୁରକ୍ଷା ଦୁର୍ଗ ହେଲା 'ଭର୍ଚୁଆଲ ଇକୋନୋମି', ଯାହାକି ଲକ୍‌ଡାଉନ ସମୟରେ ଯଥେଷ୍ଟ ତ୍ୱରାନ୍ୱିତ ହୋଇଅଛି। କରୋନା ମହାମାରୀ ସମୟରେ ଲୋକେ ନିଜର ସୁରକ୍ଷା ପାଇଁ ଘରେ ବାନ୍ଧି ହୋଇ ରହିଲେ ଏବଂ 'ୱାର୍କ ଫ୍ରମ୍ ହୋମ୍' ଅର୍ଥାତ୍ ଘରୁ ଅଫିସ କାମ କଲେ। ଖେଳକୁଦ, ଦୋକାନ ବଜାରରୁ କିଣାକଟା ଏବଂ ପଢ଼ାଶୁଣା ସବୁ ଘରୁ କରିବାକୁ ପଡ଼ିଲା, ଯାହାଫଳରେ କି ଲୋକମାନଙ୍କର ନୂଆ ଅଭ୍ୟାସ ସୃଷ୍ଟି ହେଲା। କରୋନା ମହାମାରୀ ପରେ ଏହି ଅଭ୍ୟାସ ଭର୍ଚୁଆଲ ଏଣ୍ଟରପ୍ରାଇଜେସ୍‌ମାନଙ୍କୁ ସେମାନଙ୍କର ଦ୍ରୁତ ଅଭିବୃଦ୍ଧିରେ ଅତ୍ୟନ୍ତ ସହାୟକ ହେବ।

ଚାରୋଟି ପ୍ରମୁଖ ଶକ୍ତି ଉତ୍ସ :–ଏକ ବଳିଷ୍ଠ ଘରୋଇ ବଜାର (କିମ୍ବା ଅସାଧାରଣ ରପ୍ତାନି ଦକ୍ଷତା) ;ଏକ ଦକ୍ଷ ସରକାର (ସାମ୍ପ୍ରତିକ ପରିସ୍ଥିତିରେ, ଯାହାକି ଅତ୍ୟନ୍ତ ମୂଲ୍ୟ ରଖିଥାଏ ତାକୁ ମାପିବା ପାଇଁ ବ୍ୟବହୃତ ହେଉଥିବା ସୂଚକ ଯଥା- କୋଭିଡ୍‌-୧୯ ଦ୍ୱାରା ନିୟୁତ ପିଛା ସଂକ୍ରମିତ ଓ ମୃତ୍ୟୁବରଣ କରିଥିବା ଲୋକମାନଙ୍କ ସଂଖ୍ୟା) ; ସରକାରୀ ଋଣ ପରିମାଣ ଏବଂ ନିଅଣ୍ଟିଆ ପରିସ୍ଥିତି ଏବଂ ଡିଜିଟାଲ ସୋଫିଷ୍ଟିକେଶନ ବା ଡିଜିଟାଲ ବ୍ୟବହାର ସହିତ ଗବେଷଣା ଓ ଉନ୍ନୟନରେ ବହୁଳ ପୁଞ୍ଜି ନିବେଶ। ଏହି ୪ଟି ପ୍ରମୁଖ ଶକ୍ତିଉତ୍ସ ଆଧାରରେ ବିକଶିତ ବା ଉଦ୍‌ଭାସିତ ଅର୍ଥନୀତି ସମୃଦ୍ଧ ରାଷ୍ଟ୍ରଗୁଡ଼ିକୁ ସ୍କ୍ରିନିଂ କଲେ ଏକ ଆଶ୍ଚର୍ଯ୍ୟଜନକ ତାଲିକା ଦୃଷ୍ଟିଗୋଚର ହୋଇଥାଏ। ବିଶ୍ୱର ଦୁଇ ଅର୍ଥନୈତିକ ମହାଶକ୍ତି ଆମେରିକା ଓ ଚାଇନା ଏହି ତାଲିକାରେ ନିଜର ନାଁ ସାମିଲ କରିପାରିନାହାନ୍ତି। ଅତ୍ୟଧିକ ଋଣ ଏବଂ କୋଭିଡ୍‌-୧୯ ମହାମାରୀକୁ ସେମାନଙ୍କର ସରକାର ଯେଭଳି ଭାବେ ପରିଚାଳନା କଲେ ସେ ନେଇ ସନ୍ଦେହର କୁହେଳିକା ବେଶ୍ ଘନୀଭୂତ ହେବାରେ ଲାଗିଛି। ଏହି ପ୍ରମୁଖ ବିଜେତାଙ୍କ ତାଲିକାରେ ଭାରତର ନାଁ ମଧ୍ୟ ନାହିଁ। କୋଭିଡ୍‌-୧୯ ପରବର୍ତ୍ତୀ ବିଶ୍ୱ ବ୍ୟବସ୍ଥାରେ ୨୫ଟି ବୃହତ ବିକଶିତ ରାଷ୍ଟ୍ରଙ୍କ ତାଲିକାରେ ଭାରତ ୧୩ତମ ସ୍ଥାନ ଅଧିକାର କରିଛି ଏବଂ ୪ଟି ପ୍ରମୁଖ ଶ୍ରେଣୀ ମଧ୍ୟରୁ ଗୋଟିକରେ ୧୦ତମ ସ୍ଥାନ ଅଧିକାର କରିଛି। ଡିଗ୍ଲୋବାଲାଇଜେନର ଶକ୍ତି ପାଖରେ ଭାରତ ଅପେକ୍ଷାକୃତ କମ୍ ଅସୁରକ୍ଷିତ ଏବଂ ଆମେ ସେଥିପାଇଁ ଧନ୍ୟବାଦ ଦେବା ଭାରତବର୍ଷର ବିଶାଳ ଖାଉଟି ବଜାରକୁ।

ସରକାରୀ ଦକ୍ଷତା କ୍ଷେତ୍ରରେ ଭାରତବର୍ଷର ସ୍କୋର ଏବେ ୧୩ତମ ସ୍ଥାନ ଅଧିକାର କରିଛି ଏବଂ ଏକ ନିୟୁତ ଲୋକଙ୍କ ମଧ୍ୟରୁ ପ୍ରାୟ ୩୩୦୦ଜଣ କରୋନାରେ ସଂକ୍ରମଣ ହେଉଥିଲାବେଳେ ୫୫ଜଣ ମୃତ୍ୟୁବରଣ କରୁଛନ୍ତି। ସରକାରୀ ଋଣ ଏବଂ ନିଅଣ୍ଟିଆ ପରିସ୍ଥିତିକୁ ବିଚାରକୁ ନେଲେ ଭାରତର ସ୍କୋର ୧୯। ଶେଷରେ ଏବଂ ଅପ୍ରତ୍ୟାଶିତ ଭାବରେ ଡିଜିଟାଲ ବ୍ୟବହାର, ମାର୍ଜିତ ରୁଚି ଏବଂ ଭାବକୁ ବିଚାରକୁ ନେଲେ ଭାରତ ଉଦ୍‌ଭାସିତ ବିଶ୍ୱ ବ୍ୟବସ୍ଥାରେ ୧୬ତମ ସ୍ଥାନ ଅଧିକାର କରିଛି। ଭାରତ ତା'ର ମୋଟ ଘରୋଇ ଉତ୍ପାଦର ମାତ୍ର ୦.୫ପ୍ରତିଶତ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ବିନିଯୋଗ କରିଥାଏ, ଯାହାକି ଅତ୍ୟନ୍ତ ସ୍ୱଳ୍ପ।

ଇତିମଧ୍ୟରେ କରୋନା ମହାମାରୀ ପରବର୍ତ୍ତୀ ବିଶ୍ୱ ଅର୍ଥ ବ୍ୟବସ୍ଥାରେ ରାଷ୍ଟ୍ରଗୁଡ଼ିକର ସଫଳତାର ବିବରଣୀକୁ ପର୍ଯ୍ୟାଲୋଚନା କରିବା। ଜର୍ମାନୀ କରୋନା ମହାମାରୀ ସହ ମୁହାଁମୁହିଁ ହୋଇଥିଲା ସେତିକିବେଳେ ଯେତେବେଳେ କି ରାଷ୍ଟ୍ରର ମୁଣ୍ଡ ଉପରେ ବହୁତ କମ୍ ପରିମାଣର ଋଣ ବୋଝ ଲଦା ହୋଇଥିଲା। ଜର୍ମାନୀ ସରକାର ଲୋକମାନଙ୍କୁ ବୃହତ୍ ଘରୋଇ ପ୍ରୋତ୍ସାହନ ପ୍ୟାକେଜ ପ୍ରଦାନ ମାଧ୍ୟମରେ ସେମାନଙ୍କର ନିକଟତର ହୋଇପାରିଲା। ଜର୍ମାନୀ ମଧ୍ୟ ଅନ୍ୟ ୟୁରୋପୀୟ ରାଷ୍ଟ୍ରଗୁଡ଼ିକୁ ଏଭଳି ପ୍ରୋତ୍ସାହନ ପ୍ୟାକେଜ ପ୍ରଦାନ କଲା। ତା' ସତ୍ତ୍ୱେ ମଧ୍ୟ ଜର୍ମାନୀ ସର୍ବସାଧାରଣ ଋଣ କ୍ଷେତ୍ରରେ ସର୍ବନିମ୍ନ ସ୍ଥାନ ଅଧିକାର କରି ବିଶ୍ୱରେ ନିଜକୁ ଏକ ମହାଶକ୍ତି ଭାବେ ପ୍ରତିପାଦନ କରିପାରିଲା। ଜର୍ମାନୀର ଚାନସେଲର ମର୍କେଲ ଏକ 'ୟୁରୋପିଆନ ରିକଭରି ଫଣ୍ଡ୍' ସୃଷ୍ଟି କରିବା ପାଇଁ ନେତୃତ୍ୱ ନେଉଛନ୍ତି, ଯାହାକି ୟୁରୋପୀୟ ଉପମହାଦେଶର ଉତ୍ତର–ଦକ୍ଷିଣ ବିଭେଦକୁ ହ୍ରାସ କରାଇବାରେ ସହାୟକ ହୋଇପାରିବ। ଏହା ଫଳପ୍ରଦ ହେଲେ ତାଙ୍କ ପ୍ରଚେଷ୍ଟା ଏକ 'ୟୁରୋପୀୟ ରେନାସାଁ' ବା 'ୟୁରୋପୀୟ ପୁନରଭ୍ୟୁଦୟ' ଭଳି ଏହି ମହତ୍ତର ପଦକ୍ଷେପ ହେବ। ଆଇଏମ୍‌ଡି ଅନୁଯାୟୀ ଫିନ୍‌ଲାଣ୍ଡ ଏବେ ବିଶ୍ୱର 'ଶ୍ରେଷ୍ଠ ୧୦ ଟେକ୍ନୋଲୋଜି ପାୱାର' ଭାବେ ପରିଗଣିତ ହେଉଅଛି। ସୁଦକ୍ଷ ଅମଲାତନ୍ତ୍ର, ସ୍ୱଳ୍ପ ଘରୋଇ ଋଣ ଏବଂ ପରିଚାଳନୀୟ ବା ନିର୍ବାହଯୋଗ୍ୟ ସର୍ବସାଧାରଣ ଋଣକୁ ଆଖିଆଗରେ ରଖିଲେ ଏହା ଅନୁମାନ କରାଯାଇପାରେ ଯେ କରୋନା ପରବର୍ତ୍ତୀ ବିଶ୍ୱ ବ୍ୟବସ୍ଥାରେ ଦଣ୍ଡାୟମାନ ହେବାକୁ ଯାଉଥିବା ନାନାବିଧ ଚ୍ୟାଲେଞ୍ଜକୁ ସଫଳ ଭାବେ ପ୍ରତିହତ କରିବାର କ୍ଷମତା ଫିନଲାଣ୍ଡ ପାଖରେ ଅଛି।

କୋଭିଡ୍ ସଂକ୍ରମଣ ଜନିତ ମୃତ୍ୟୁକୁ ପ୍ରାୟତଃ ଶୂନ୍ୟ ସ୍ତରକୁ ଆଣିବାରେ ସଫଳ ହେବା ସଙ୍ଗେ ସଙ୍ଗେ ସୁଇଜରଲାଣ୍ଡ ଏକ 'ଇକୋନୋମିକ ରିଲିଫ୍ ଏଜେନ୍ସି' ସୃଷ୍ଟି କରିଛି, ଯାହାକି ଛୋଟ ଛୋଟ ବ୍ୟବସାୟୀମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଛି ଏବଂ ଏହି ଏଜେନ୍ସି ମାଧ୍ୟମରେ ଖୁବ୍ ଅଳ୍ପ ସମୟରେ ଆବଶ୍ୟକ ସହାୟକ ଋଣ ପ୍ରଦାନ କରୁଅଛି। ମୁଣ୍ଡ ପିଛା ଅଧିକ ପେଟେଣ୍ଟ ଫାଇଲ କରିବାରେ ସୁଇଜରଲାଣ୍ଡ ସମଗ୍ର ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଛି। ସୁଇଜରଲାଣ୍ଡ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ମଧ୍ୟ ପ୍ରଚୁର ପରିମାଣରେ ପୁଞ୍ଜି ଲଗାଣ କରିଥାଏ। ଏ ସମସ୍ତ କାରଣରୁ ସୁଇଜରଲାଣ୍ଡ ବିଶ୍ୱର ଶ୍ରେଷ୍ଠ ୫ଟି 'ଟେକ୍ନୋଲୋଜି ସୁପର ପାୱାର' ମଧ୍ୟରେ ପରିଗଣିତ ହୋଇଥାଏ। ଭିଏତ୍‌ନାମ ନିଜକୁ 'ଦ୍ୱିତୀୟ ଚାଇନା' ବୋଲି ବିବେଚନା କରି ଏକ ବଳିଷ୍ଠ ରପ୍ତାନି ରାଷ୍ଟ୍ରଭାବେ ଉଭା ହେବାକୁ ଲାଗିଲାଣି। ଭିଏତନାମ କୋଭିଡ୍‌-୧୯ ବୈଶ୍ୱିକ ମହାମାରୀକୁ ପ୍ରତିହତ କରିବାରେ ଅନନ୍ୟ ସଫଳତା ଲାଭ କରିପାରିଛି। ଇମିଗ୍ରେଶନ ଏବଂ ଟ୍ରେଡ ବିରୋଧରେ ସମଗ୍ର ବିଶ୍ୱ ଅଣ୍ଟା ଭିଡି ଲାଗିପଡ଼ିଥିଲା ବେଳେ ଭିଏତ୍‌ନାମ ଦିନକୁ ଦିନ ନିଜକୁ ବିସ୍ତାରିତ କରି ଗତ ଦଶକରେ ୧୫ଟି ମୁକ୍ତ ବାଣିଜ୍ୟିକ ରାଜିନାମାରେ ଦସ୍ତଖତ କରିଛି। ଭିଏତନାମ ବିଶ୍ୱର ସର୍ବଶ୍ରେଷ୍ଠ ଦ୍ରୁତ ଅଭିବୃଦ୍ଧିକାରକ ଅର୍ଥନୀତି ସମୃଦ୍ଧ ରାଷ୍ଟ୍ର ଭାବେ ୨୦୨୦ ମସିହାକୁ ବିଦାୟ ଦେବା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ କରିସାରିଲାଣି। ଦକ୍ଷିଣ କୋରିଆ ସହ ପାଦରେ ପାଦ ମିଶାଇ କ୍ରମାଗତଭାବେ ବିଗତ ୫ ଦଶନ୍ଧି ଧରି ତାଇୱାନ ଦ୍ରୁତ ଅଭିବୃଦ୍ଧିଧର୍ମୀ ରାଷ୍ଟ୍ର ଭାବେ ସଫଳତାର ଶୀର୍ଷ ଦେଶରେ ଅଧିଷ୍ଠିତ ହୋଇପାରିଛି। ଉଭୟ ଦକ୍ଷିଣ କୋରିଆ ଏବଂ ତାଇୱାନ ସମସ୍ତ ୪ଟି ପୋଷ୍ଟ– ପାଣ୍ଡେମିକ୍ ଫ୍ୟାକ୍ଟର ଆଧାରରେ 'ଇମର୍ଜିଂ ମାର୍କେଟ' ବିଶିଷ୍ଟ ଶ୍ରେଷ୍ଠ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପରିଗଣିତ ହୋଇଛନ୍ତି।

'ଡାର୍କ ହର୍ସ' ରୁଷିଆ ବିଶ୍ୱର ୫ଟି ପ୍ରମୁଖ ରାଷ୍ଟ୍ରଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରିନାହିଁ। ଏହାର ପ୍ରମୁଖ କାରଣ ହେଲା ରୁଷିଆ ନିଜକୁ ଏକ ଅଭେଦ୍ୟ ଅର୍ଥନୈତିକ ଦୁର୍ଗ ଭିତରେ ସୁରକ୍ଷିତ କରି ରଖିଛି ଏବଂ ବିଶ୍ୱ ବଜାର ବ୍ୟବସ୍ଥା ସହ ଆଦୌ କୌଣସି ଦେଣ ନେଣ ରଖିନାହିଁ। ରୁଷିଆ ପାଖରେ ଉନ୍ନତ ଧରଣର 'ଡିଜିଟାଲ ଇକୋନୋମି' ରହିଛି ଏବଂ ଘରୋଇ ଇଣ୍ଟରନେଟ୍ କମ୍ପାନୀ ସ୍ଥାପନା କରିବାରେ କେତେକ ହାତଗଣତି ଦେଶ ମଧ୍ୟରେ ରୁଷିଆ ଅନ୍ୟତମ। ଏହି ଘରୋଇ ଇଣ୍ଟରନେଟ୍ କମ୍ପାନୀଗୁଡ଼ିକ ଆମେରିକା ଓ ଚାଇନାର ବୃହତ ଇଣ୍ଟରନେଟ କମ୍ପାନୀଗୁଡ଼ିକର ଚ୍ୟାଲେଞ୍ଜକୁ ପ୍ରତିହତ କରିବାର ଯଥେଷ୍ଟ କ୍ଷମତା ମଧ୍ୟ ପୋଷଣ କରିଛନ୍ତି।

ଏ ସମସ୍ତ ରାଷ୍ଟ୍ର ବିଭିନ୍ନ ଅନୁପାତ ଅନୁସାରେ ଓ ଇତିହାସର ବିପରୀତ ପଟରେ ଦଣ୍ଡାୟମାନ ହେଲେ ମଧ୍ୟ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବା ପାଇଁ ଏକାଧିକ ଯୁକ୍ତଭାବାପନ୍ନତାର ଶକ୍ତି ଓ ସାମର୍ଥ୍ୟ ବହନ କରି ଭବିଷ୍ୟତକୁ ଲମ୍ଫ ପ୍ରଦାନ କରିବା ପାଇଁ ଆଗଭର ଅଟନ୍ତି। ଏକ ଅତ୍ୟନ୍ତ କଠିନ କୋଭିଡ୍‌-୧୯ ବୈଶ୍ୱିକ ମହାମାରୀ ପରବର୍ତ୍ତୀ ବିଶ୍ୱ ବ୍ୟବସ୍ଥାରେ ସେମାନଙ୍କର ପ୍ରାଧାନ୍ୟ ନିଶ୍ଚିତ ରୂପେ ଅନୁଭୂତ ହେବ।

ବି/୩, ଏଚ୍‌ଆଇଜି କଲୋନୀ, ବରମୁଣ୍ଡା
ହାଉସିଂ ବୋର୍ଡ, ଭୁବନେଶ୍ୱର
ମୋ–୯୩୩୮୨୦୪୯୯୩

# ବିକାଶର ଅନ୍ୟ ନାମ ପିପିପି



ଡ.ଅରୁନ୍ଧତୀ ଦେବୀ

ଭାରତରେ ଅର୍ଥନୈତିକ ସଂସ୍କାର କହିଲେ ସମ୍ଭବତଃ ସରକାରୀ ବିଭାଗ ଓ ବେସରକାରୀ ସଂସ୍ଥା ସହଯୋଗରେ ସାମାଜିକ ବିକାଶ ଓ ଲୋକମାନଙ୍କୁ ସେବା ପ୍ରଦାନକୁ ବୁଝାଏ। ସାଧାରଣ ଜନତାଙ୍କୁ ଯେଉଁ ସେବା ସରକାରୀ କର୍ମଚାରୀମାନେ ପ୍ରଦାନ କରିବା କଥା, ସେହି ସେବା ପ୍ରଦାନ କରିଥାନ୍ତି ବେସରକାରୀ ସଂସ୍ଥା। ତେବେ ସରକାରୀ କର୍ମଚାରୀମାନଙ୍କ ନୈତିକ କର୍ତ୍ତବ୍ୟ କ'ଣ ହେବ ? ସେମାନେ କ'ଣ ହାତ ଯୋଡ଼ି ନୀରବରେ ବସି ରାଜକୋଷରୁ ଦରମା ନେବେ ? ବୋଧହୁଏ ନା। ସେମାନେ ବେସରକାରୀ ସଂସ୍ଥା ବା ପ୍ରତିଷ୍ଠାନମାନଙ୍କର କାର୍ଯ୍ୟଧାରାକୁ ନିରୀକ୍ଷଣ କରିବେ। ଲୋକମାନଙ୍କୁ ସରକାରୀ ସେବା ପ୍ରଦାନ କରିବା ନିମିତ୍ତ ଯୋଗ୍ୟ ବେସରକାରୀ ସଂସ୍ଥା ବା ପ୍ରତିଷ୍ଠାନଠାରୁ ପ୍ରସ୍ତାବମାନ ବିଜ୍ଞାପନ ଜରିଆରେ ସଂଗ୍ରହ କରାଯାଏ। ସେମାନଙ୍କ କର୍ମଚାରୀ ସଂଖ୍ୟା ଓ ସେବା ପ୍ରକ୍ରିୟା ସମୀକ୍ଷା କରିବା ପରେ ସରକାରୀ ବିଶେଷଜ୍ଞମଣ୍ଡଳୀ ରାଜିନାମା ପର୍ଯ୍ୟାୟକୁ ଯାଇଥାନ୍ତି।

ପ୍ରଥମେ ପ୍ରଥମେ ଏହି ପ୍ରକ୍ରିୟାଟି ଲୋକମାନଙ୍କୁ ସୁହାଇଲା। ସାଧାରଣ ଜନତା ତତ୍କାଳ ଭିତ୍ତିରେ ସରକାରୀ ସେବା ପାଇଲେ। ସର୍ବପ୍ରଥମେ ତତ୍କାଳୀନ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଶୀଲା ଦୀକ୍ଷିତ ସରକାର ପବ୍ଲିକ୍ ପ୍ରାଇଭେଟ ପାର୍ଟନରଶିପ୍ (ପିପିପି) ମଡେଲ ସ୍ୱାଗତ କରିନେଲେ। ପବ୍ଲିକ ପ୍ରାଇଭେଟ ପାର୍ଟନରଶିପ୍ (ସରକାରୀ– ବେସରକାରୀ ସହଭାଗିତା) ଯୋଜନା ଲାଗୁ କରି ମୁଖ୍ୟମନ୍ତ୍ରୀ ଶୀଲା ବେଶ୍ ଲୋକପ୍ରିୟତା ଲାଭ କଲେ। କେବଳ ଶୀଲା କାହିଁକି, ଓଡ଼ିଶା ଓ ଗୁଜରାଟରେ ମଧ୍ୟ ପିପିପି ମଡେଲକୁ ସ୍ୱୀକୃତି ଦେଇ ଅର୍ଥନୈତିକ ସଂସ୍କାର ପର୍ବର ମୂଳଦୁଆ ପକାଯାଇଥିଲେ। ଲୋକମାନେ ଏହି ମଡେଲ ସେବାକୁ ସହଜରେ ଗ୍ରହଣ କରିନେଲେ କାରଣ ସେମାନଙ୍କୁ ସାମାନ୍ୟ ସରକାରୀ ସେବା ପାଇବା ପାଇଁ ସରକାରୀ ଅଧିକାରୀମାନଙ୍କ ନିକଟରେ ଘଣ୍ଟା ଘଣ୍ଟା ଧରି ଠିଆ ହେବାକୁ ପଡ଼ିଲାନି। ସେମାନଙ୍କୁ ସରକାରୀ ଅଧିକାରୀମାନଙ୍କ କଦର୍ଯ୍ୟ ବ୍ୟବହାର ବା ନାସ୍ତିବାଣୀ ଶୁଣିବାକୁ ପଡ଼ିଲାନି। ଉଦାହରଣ ଭାବେ ଡ୍ରାଇଭିଂ ଲାଇସେନ୍ସ ବା ପିଲାଙ୍କ ଜନ୍ମ ପ୍ରମାଣ ପତ୍ର ପ୍ରକ୍ରିୟାକୁ ଧରି ନିଆଯାଉ। ସାମାନ୍ୟ ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ସାଧାରଣ ଜନତାକୁ ସରକାରୀ କାର୍ଯ୍ୟାଳୟକୁ ଏକାଧିକବାର ଧାଇଁବାକୁ ପଡ଼େ। ସରକାରୀ ଅଧିକାରୀଙ୍କ ଇଚ୍ଛା ହେଲେ ଲାଇସେନ୍ସ ମିଳେ ନଚେତ ଖାଲି ହାତରେ ଫେରିବାକୁ ପଡ଼େ। ପ୍ରଶାସନିକ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ହେଉ କି କିରାଣିଙ୍କ ଅସହଯୋଗ କାରଣରୁ ହେଉ ସାଧାରଣ ଜନତାଟିର ଉଭୟ ସମୟ ଓ ଅର୍ଥ ବରବାଦ ହୁଏ। ହେଲେ ବେସରକାରୀ ପ୍ରତିଷ୍ଠାନମାନଙ୍କ ସକ୍ରିୟ ସହଯୋଗ ଫଳରେ ସହଜରେ ସରକାରୀ ସେବା ମିଳିଲା। ଏଇଠି ଅର୍ଥନୈତିକ ସଂସ୍କାର ଆଳରେ ଭିନ୍ନ ପ୍ରକ୍ରିୟା ଜନ୍ମ ହେଲା। ସରଳ ପ୍ରଶ୍ନଟିଏ ସମସ୍ତଙ୍କ ମନରେ ଉଠିବା ସ୍ୱାଭାବିକ କ'ଣ ନା ଯେଉଁ ସେବା ପ୍ରଦାନ ପାଇଁ ସରକାରୀ ଅଧିକାରୀମାନେ ଇଚ୍ଛାଶକ୍ତି ହରାଇଥିଲେ, ସେମାନେ କିପରି ଇଚ୍ଛାଶକ୍ତି ଫେରିପାଇଲେ ? ଯେଉଁ କିରାଣିମାନେ ସାଧାରଣ ଜନତାଟିକୁ ସେବା ଦେବା ପାଇଁ ଧରାଛୁଆଁ ଦେଉ ନ ଥିଲେ ସେମାନେ ଚଉକିରୁ ଉଠିବା ନାଁ ଧରୁନାହାନ୍ତି। ଘଟଣା କ'ଣ ? ସରକାରଙ୍କ ସହ ରାଜିନାମାରେ ବନ୍ଧା ବେସରକାରୀ ପ୍ରତିଷ୍ଠାନମାନେ ସରକାରୀ ଅଧିକାରୀ ବା କିରାଣିମାନଙ୍କ ବିନା ସହାୟତାରେ କେବେ ବି ଡ୍ରାଇଭିଂ ଲାଇସେନ୍ସ କି ଶିଶୁର ଜନ୍ମଗତ ପ୍ରମାଣପତ୍ର ଦେଇପାରିବେ ନାହିଁ। ତେବେ ଚମତ୍କାର ହେଲା କେମିତି ? ଏଇଠି ଜନ୍ମ ହେଲା ପିପିପି ମଡେଲରେ ଦୁର୍ନୀତି। ଦିଲ୍ଲୀ ସରକାର ୫ ବର୍ଷ ପାଇଁ ଅଣବାଣିଜ୍ୟିକ ଡ୍ରାଇଭିଂ ଲାଇସେନ୍ସ ବାବଦକୁ ମାତ୍ର ୨୭୦ ଟଙ୍କା ଦେୟ ନେଇଥାନ୍ତି। ସେହିପରି ବୈଦେଶିକ ମନ୍ତ୍ରଣାଳୟ ୧୦ ବର୍ଷ ପାଇଁ ୩୬ ପୃଷ୍ଠା ବିଶିଷ୍ଟ ପାସପୋର୍ଟ ଦେବାକୁ ୧୫୦୦ ଟଙ୍କା ଦେୟ ନେଇଥାନ୍ତି। ଏହି ଦେୟ ଦଲାଲ୍ ତଥା ସେବା ପ୍ରଦାନ କରିବାକୁ ଅଙ୍ଗୀକାରବଦ୍ଧ ବେସରକାରୀ ସଂସ୍ଥାକୁ ଅନୀତିପୂର୍ଣ୍ଣ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ଦେଇଥାଏ। ଆପଣ ଦଲାଲ୍ କି ବେସରକାରୀ ସଂସ୍ଥାକୁ ନିର୍ଦ୍ଧାରିତ ସରକାରୀ ଦେୟ ସମେତ କିଛି ଅଧିକ ଟଙ୍କା ପ୍ରଦାନ କଲେ, ସହଜରେ ସବୁ ସରକାରୀ ବାଧା ହଟିଯିବ। ଅବିଳମ୍ବେ ଡ୍ରାଇଭିଂ ଲାଇସେନ୍ସ କି ପାସ୍‌ପୋର୍ଟ ମିଳିଯିବ।

ପିପିପି ମଡେଲଭିତ୍ତିକ ଦୁର୍ନୀତିକୁ ରୋକା ନ ଗଲେ, ରାଜକୋଷକୁ ସରକାର ନିର୍ଦ୍ଧାରିତ ଅର୍ଥ ମିଳିବ ସତ ; ତା' ସହ ଦଲାଲ୍ ତଥା ବେସରକାରୀ ସଂସ୍ଥାମାନଙ୍କ ହାତକୁ ଅଧିକ ଅର୍ଥ ଚାଲିଯିବ ଅର୍ଥାତ୍ ଶୋଷକବର୍ଗ ହାତରେ ସାଧାରଣ ଜନତାଙ୍କ ଭାଗ୍ୟ ବନ୍ଧା ପଡ଼ିଯିବ। ସରକାରଙ୍କ ଦ୍ୱାହିଦେଇ ବେସରକାରୀ କମ୍ପାନୀଗୁଡ଼ିକ ମାଲାମାଲ୍ ହୋଇ ରାଜନେତାଙ୍କ ଜରିଆରେ ସାଧାରଣ ଜନତାଙ୍କୁ ଲୁଟିଚାଲିବେ, ଯାହା ଆମ ରାଜ୍ୟର ବିଦ୍ୟୁତ୍ ଆବଣ୍ଟନ କ୍ଷେତ୍ରରେ ଘଟିଛି। ଏକଦା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼ ସରକାରଙ୍କ ନିୟନ୍ତ୍ରଣରେ ଥିବାବେଳେ ବିପୁଳ କ୍ଷତିଗ୍ରସ୍ତ ହେଲା। ଏହାର ଘରୋଇକରଣ ହେଲେ ଉଭୟ କମ୍ପାନୀ ଓ ସରକାର ଲାଭଜନକ ସ୍ଥିତିରେ ରହିବେ ବୋଲି ପ୍ରଚାର କରାଗଲା। ହେଲେ ଏବେ ଦେଖାଯାଉଛି ଯେ, ସରକାର ବିଦ୍ୟୁତ୍ ଉତ୍ପାଦନକାରୀ କମ୍ପାନୀଠାରୁ ଅଧିକ ମୂଲ୍ୟରେ ବିଦ୍ୟୁତ୍ କିଣି ଆବଣ୍ଟନକାରୀ ଘରୋଇ କମ୍ପାନୀକୁ କମ୍ ମୂଲ୍ୟରେ ବିକି ଗୋଟିଏ ପକ୍ଷରେ କ୍ଷତି ସହୁଥିବାବେଳେ ଅନ୍ୟ ପକ୍ଷରେ ପୁଞ୍ଜିବିନିଯୋଗ ନ କରି ଉପଭୋକ୍ତାଙ୍କଠାରୁ ଖୁଣ୍ଟପୋତାଠାରୁ ବିଦ୍ୟୁତ୍ ସଂଯୋଗ ପର୍ଯ୍ୟନ୍ତ ପ୍ରତ୍ୟେକ ପର୍ଯ୍ୟାୟରେ ଅର୍ଥ ଆଦାୟ କରି ଘରୋଇ କମ୍ପାନୀମାନେ ମାଲାମାଲ୍ ହେଉଛନ୍ତି। କେବଳ ସେତିକି ନୁହେଁ, ବିଭିନ୍ନ ସମୟରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରି ଉପଭୋକ୍ତାଙ୍କ ତଣ୍ଟି ଚିପି ବିତରଣ କମ୍ପାନୀ ମାଲାମାଲ୍ ହେଉଛନ୍ତି। ଅର୍ଥନୈତିକ ସଂସ୍କାର ଆଳରେ ପିପିପି ମଡେଲ ଦୁର୍ନୀତିକୁ ଜନ୍ମ ଦେଇ ସରକାରଙ୍କ ବିକାଶ ରଥ କାଗଜକଲମରେ ରହିବା ନିଶ୍ଚିତ।

ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର
ମୋ –୯୯୩୭୧୭୨୮୧୦

## ଏଇ ଭାରତରେ

ସବୁ କାର୍ଯ୍ୟ ପାଇଁ ସରକାରଙ୍କ ଉପରେ ନିର୍ଭର ନ କରି ନିଜସ୍ୱ ଉଦ୍ୟମରେ ତାହାକୁ ଏକ ନୂତନ ରୂପ ଦେଇଛନ୍ତି ସିଭିଲ୍ ସର୍ଭିସ୍ ଅଧିକାରୀମାନେ। ଅରୁଣାଚଳପ୍ରଦେଶର ଏହି ଅଧିକାରୀମାନେ 'ପ୍ରୋଜେକ୍ଟ ୩୭' ମାଧ୍ୟମରେ ଜରାଜୀର୍ଣ୍ଣ ସ୍କୁଲ, ଲାଇବ୍ରେରି, ରାସ୍ତା ଓ ସାଇନ୍‌ପୋଷ୍ଟଗୁଡ଼ିକୁ ମରାମତି କରୁଛନ୍ତି। କରୋନା ସଂକ୍ରମଣ ଆରମ୍ଭ ହେବାପରେ ସେମାନେ ଏଭଳି କାର୍ଯ୍ୟ କରୁଛନ୍ତି। ଆଇଏଏସ୍ ଅଫିସର ଟୁଡକ୍‌ଙ୍କ ନେତୃତ୍ୱରେ ଏହା କରାଯାଇଛି। ସେ ପ୍ରଥମେ ତାଙ୍କ ଚେଷ୍ଟାରେ ହେଡ୍‌କ୍ୱାର୍ଟରଠାରୁ ୩୬ କିମି ଦୂର ଏକ ସ୍କୁଲର ମରାମତି କରିଥିଲେ। ଏଥିରେ ଯେଉଁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା ତାହାକୁ ଟୁଡକ୍ ଏବଂ ତାଙ୍କ କ୍ୟାଡରର ବ୍ୟାଚ୍‌ମେଟମାନେ ହିଁ ଦେଇଥିଲେ। ଏହାପରଠାରୁ ସେମାନେ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ 'ପ୍ରୋଜେକ୍ଟ ୩୭' ଆରମ୍ଭ କରିଥିଲେ। ଅଧିକାରୀମାନେ ଅରୁଣାଚଳପ୍ରଦେଶରେ ନିଯୁକ୍ତି ପାଇବା ପରେ ଉନ୍ନୟନମୂଳକ କାର୍ଯ୍ୟ ଲାଗି ପାଣ୍ଠିର ଅଭାବ ହେଉଥିବାରୁ ସେମାନେ ଏଭଳି ଏକ ଯୋଜନା କରିଛନ୍ତି ବୋଲି କହନ୍ତି ଟୁଡକ୍। 'ପ୍ରୋଜେକ୍ଟ ୩୭' ମାଧ୍ୟମରେ ସେମାନେ ମାସକୁ ୧୫୦୦ ଟଙ୍କା ଜମା କରୁଛନ୍ତି ଓ ଏହା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ କଟୁଛି। ପରେ ଏହାକୁ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟୟ କରୁଛନ୍ତି। ସେମାନେ ୨ ମାସରେ ଥରେ ନିଜ ଅଞ୍ଚଳରେ ଥିବା ପ୍ରସ୍ତାବିତ କାର୍ଯ୍ୟଗୁଡ଼ିକୁ ଲଟେରି ଦ୍ୱାରା ଚୟନ କରୁଛନ୍ତି ଓ କେଉଁ କାର୍ଯ୍ୟ ପ୍ରଥମେ କରାଯିବ ତାହାର ନିଷ୍ପତ୍ତି ନେଉଛନ୍ତି ଅଧିକାରୀମାନେ ଭୋଟିଂ ପଦ୍ଧତିରେ। ଏଭଳି କାର୍ଯ୍ୟକୁ ଦେଖିବା ପରେ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ବି ଏଥିପାଇଁ ଆର୍ଥିକ ସହାୟତା ଦେଉଛନ୍ତି। ଯେଉଁ କାର୍ଯ୍ୟଶେଷ ହେଉଛି ସେଠାରେ (ସ୍କୁଲ କିମ୍ବା ରାସ୍ତାକଡ଼) ଲୋକମାନେ ଗଛ ଲଗାଇବା ସହ ସେହି ଜାଗାକୁ ସଫା କରୁଛନ୍ତି। ଏବେ ସିଭିଲ୍ ସର୍ଭିସ ଅଧିକାରୀମାନେ ଏକ ଗାର୍ଲ୍ସ ହଷ୍ଟେଲ୍‌ର ମରାମତି ତଥା ପିଲାମାନଙ୍କ ପାଇଁ କମ୍ପ୍ୟୁଟର କିଣିବା ଭଳି କାର୍ଯ୍ୟ ହାତକୁ ନେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାସ୍ଥ୍ୟସେବା ଠପ୍

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅଳଗୁମ ସି.ଏଚ.ସି. ଅଧୀନସ୍ଥ ବିଦ୍ୟାଧରପୁର ଗ୍ରାମରେ ଥିବା ସରକାରୀ ହୋମିଓ ଚିକିତ୍ସାଳୟର ସ୍ୱାସ୍ଥ୍ୟ ଅଧିକାରୀ ଅବସର ନେବା ପରେ ଏଠାରେ ଆଉ କେହି ଯୋଗଦାନ କରିନାହାନ୍ତି। ପୂର୍ବରୁ ଏଠାରେ ଡିଷ୍ଟ୍ରିବ୍ୟୁଟର ପଦବୀଟି ଶୂନ୍ୟ ପଡ଼ିଥିବାରୁ ଜଗୁଆଳି ଡାକ୍ତରଖାନା ଜଗିଛନ୍ତି। ଏଠାରେ ରୋଗୀମାନେ ରକ୍ତଚାପ ମାପି ପାରୁଥିଲେ। ସେମାନେ ବର୍ତ୍ତମାନ କ୍ୱାକଙ୍କ ନିକଟରେ ଅର୍ଥ ଦେଇ ପରଖ କରୁଛନ୍ତି। ଦୁଃଖ ଲାଗେ ଏଠାରେ ପୂର୍ବରୁ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସହିତ ପ୍ରସୂତି କେନ୍ଦ୍ର ମଞ୍ଜୁରୀ ଥିଲେ ମଧ୍ୟ ସ୍ୱାସ୍ଥ୍ୟସେବା ପୂର୍ଣ୍ଣତଃ ଠପ୍ ହୋଇଯାଇଛି। ଏ ବିଷୟରେ ମାନ୍ୟବର ମୁଖ୍ୟ ଚିକିତ୍ସା ଅଧିକାରୀ, ପୁରୀ ଜିଲା/ଉପ ନିର୍ଦ୍ଦେଶକ, ହୋମିଓପ୍ୟାଥ ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କୁ ଜଣାଇ ମଧ୍ୟ କିଛି ପ୍ରତିକାର ନ ହେବାରୁ ତା୨୧।୦୯।୨୦୨୦ ରିଖରେ ଏକ ମିଳିତ ସ୍ୱାକ୍ଷରିତ ଦରଖାସ୍ତ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ, ଓଡିଶା, ଭୁବନେଶ୍ୱରଙ୍କୁ ପ୍ରେରଣ କରାଯାଇଛି।

–ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦେଖରେ ବନ, ଦେଖରେ ଗିରି
ତୁମରି କବି କି ହତଶିରୀ
ଭୁବନ ତାକୁ ଦୂରକୁ ଠେଲି
ଯାତନାଦାଗ ଦେଇଛି ଚିରି।
–(କବିର ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ବ୍ୟାଙ୍କ ସମ୍ମୁଖରୁ ୪ ଲକ୍ଷ ଟଙ୍କା ଲୁଟ୍

ଲୋଇସିଂହା, (ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଭାରତୀୟ ଷ୍ଟେଟବ୍ୟାଙ୍କ ସମ୍ମୁଖରୁ ଏକ ବାଇକ ଡିକିରୁ ୪ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଲୋଇସିଂହା ଜଡାମୁଣ୍ଡା ବସ୍ତିର ଗୋପାଳ ପଧାନ ଓ ତାଙ୍କ ପୁଅ ଲୋଇସିଂହା ଏସବିଆଇକୁ ଆସି ୪ଲକ୍ଷ ଟଙ୍କା ଉଠାଇଥିଲେ। ଟଙ୍କା ବ୍ୟାଗ ନେଇ ସେ ବ୍ୟାଙ୍କ ଆଗରେ ଥିବା ବାଇକ ଡିକିରେ ଟଙ୍କା ରଖି ନିକଟସ୍ଥ ଚା ଦୋକାନରେ ବାପପୁଅ ଚା ପିଉଥିଲେ। ସେଠାରୁ ଆସିଲା ପରେ ଡିକି ତାଡି କେହି ଟଙ୍କା ଲୁଟି ନେଇଥିବା ସେମାନେ ଦେଖି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରୁଛି।

**ସଂକ୍ଷେପରେ**

## କରୋନାକୁ ହରାଇଲେ ୯୫ ବର୍ଷୀୟ ପୁରୁଷ

ଦେଓଗାଁ, ୩।୧୧ (ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲିର ୯୫ ବର୍ଷୀୟ ଗିରାଧର ନାଏକ କରୋନା ସଂକ୍ରମଣରୁ ସୁସ୍ଥ ହୋଇଛନ୍ତି। ଏ ନେଇ ସୂଚନା ଦେଇଛନ୍ତି ତାଙ୍କ ପୁଅ ଧବଳେଶ୍ୱର ନାଏକ ଓ କପିଳେଶ୍ୱର ନାଏକ। ଏଇ ପରିଣତ ବୟସରେ କରୋନା ସଂକ୍ରମଣରୁ ସୁସ୍ଥ ହେବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## କୁଣ୍ଡେଇଗୋଳା ସାପ୍ତାହିକ ବଜାର ଅନ୍ୟତ୍ର ସ୍ଥାନାନ୍ତର ଦାବି

ରିଆମାଳ, ୩।୧୧(ଡି.ଏନ.ଏ.) : ଦେବଗଡ ଜିଲା ରିଆମାଳ ବ୍ଲକ କୁଣ୍ଡେଇଗୋଳା ସାପ୍ତାହିକ ବଜାର ରବିବାର ୫୩ନମ୍ବର ଜାତୀୟ ରାଜପଥର ଉଭୟପାର୍ଶ୍ୱରେ ବସିଥାଏ। ଏଥିଯୋଗୁ ବଜାର ଦିନ ଯାନବାହନ ଚଳାଚଳରେ ଅସୁବିଧା ହୋଇଥାଏ। ତେଣୁ ସାପ୍ତାହିକ ବଜାରକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ବୋଲି ଦାବି ହେଉଛି। ଆଜକୁ ୨୦ବର୍ଷ ହେବ ପଞ୍ଚାୟତ ଅଧୀନରେ ସାପ୍ତାହିକ ବଜାର ଆରମ୍ଭ ହୋଇଥିଲା। ସମୟକ୍ରମେ ବଜାର ବଢିବା ସହିତ ପଡୋଶୀ ଜିଲାରୁ ବେପାରୀମାନେ ଏଠାକୁ ଆସିଥାନ୍ତି। ଏପରିକି ବେପାରୀମାନଙ୍କ ଚାରିଚକିଆ ଯାନଗୁଡିକ ରଖିବା ପାଇଁ ସ୍ଥାନ ମିଳି ନ ଥାଏ। ଉକ୍ତ ସ୍ଥାନରେ ଟ୍ରାଫିକ ସମସ୍ୟା ଦେଖାଦେଇଥାଏ। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ବଜାରକୁ ଅନ୍ୟତ୍ର ସ୍ଥାପନ କରିବାକୁ ସାଧାରଣରେ ଦାବି ହୋଇଛି।

## ଯୁକ୍ତ ୩ ବିଜ୍ଞାନ ପରୀକ୍ଷାରେ କଳାହାଣ୍ଡି ଛାତ୍ରୀଙ୍କ ସଫଳତା

ଭବାନୀପାଟଣା,୩।୧୧ (ଡି.ଏନ୍.ଏ.): ଭୁବନେଶ୍ୱର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ବିଜ୍ଞାନ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଏଥିରେ କଳାହାଣ୍ଡି ଛାତ୍ରୀ ପଲ୍ଲବୀ ଯୋଷୀ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ଷଷ୍ଠସ୍ଥାନ ଅଧିକାର କରି ସଫଳତା ହାସଲ କରିଛନ୍ତି। ସେ ଅର୍ନସ୍ ଓ ଡିଷ୍ଟିନ୍‌ଶନ୍ ମଧ ପାଇଛନ୍ତି। ଏବେ ସେ ବେଙ୍ଗଲୋରସ୍ଥିତ ଖ୍ରୀଷ୍ଟ ୟୁନିଭରସିଟିରେ ଏମ୍ଏସ୍‌ସି ଅଧ୍ୟୟନ କରିବେ ବୋଲି କହିଛନ୍ତି। ଏଥିପୂର୍ବରୁ ସେ ବିଶାଖାପାଟଣାର ବିକାଶ ଶିକ୍ଷା ଅନୁଷ୍ଠାନରେ ଶିକ୍ଷା ଲାଭ କରୁଥିଲେ। ପଲ୍ଲବୀ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ମଧ୍ୟ ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ କରିଥିଲେ। ପଲ୍ଲବୀ ଭବାନୀପାଟଣାର ରାମସାଗରପଡାର ବାସିନ୍ଦା ସଞ୍ଜୀବ କୁମାର ଯୋଷୀ ଓ ଶିକ୍ଷୟିତ୍ରୀ ଅପର୍ଣ୍ଣା ହୋତାଙ୍କ ଏକମାତ୍ର କନ୍ୟା ଅଟନ୍ତି।

## ବାଇକ ଦୁର୍ଘଟଣାଗ୍ରସ୍ତ, ଆରୋହୀ ମୃତ

ରେଢ଼ାଖୋଲ ୩।୧୧ (ଡି.ଏନ.ଏ.): ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ବନ୍ଧଲି ଗ୍ରାମ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରେ କନ୍ଧରା ଗ୍ରାମର ଦଶରଥ ପ୍ରଧାନ(୪୦)ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ରେଢ଼ାଖୋଲ ପୋଲିସ ମୃତଦେହ ଜବତ କରିଛି। ବୁଧବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି। ଦଶରଥ ବାଇକ ନଂ. ଓଡି୩୧ଏ-୬୪୨୦ରେ ଏହି ଥାନା ଅଧୀନ ରାହାନ ଗ୍ରାମରୁ ଫେରୁଥିବା ବେଳେ ବନ୍ଧଲି ଗ୍ରାମ ନିକଟରେ ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ଧର୍ମ ପରାୟଣା ମହଳାଙ୍କ ପରଲୋକ

ବିନିକା,୩।୧୧(ଡି.ଏନ.ଏ.): ବିନିକା ବ୍ଲକ ସିଂଘିଯୁବା ଗ୍ରାମର ବୈଦ୍ୟରାଜ ସ୍ୱର୍ଗତ ରାହାସ ବିହାରୀ ଶର୍ମାଙ୍କ ସ୍ତ୍ରୀ ବିନୋଦିନୀ ଶର୍ମା(୭୪)ଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ୪ ପୁଅ, ବୋହୁ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଭାବେ ସେ ଜଣାଶୁଣା ଥିଲେ। ବିନିକା ବ୍ଲକ ଅଧକ୍ଷ ଅଶୋକ କୁମାର ନନ୍ଦ, ସାମାଜିକ କର୍ମୀ ମନୋଜ ସାହୁ, ଆଶିଷ ରଞ୍ଜନ ଦାଶଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଖଇରମାଳ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ପ୍ରଫୁଲ୍ଲ ମୁଖାଗ୍ନି ଦେଇଥିଲେ।

# ଚାଷୀଙ୍କୁ ମିଳିବ ଟୋକନ୍, ଅବଧି ୩୦ଦିନ

ସୋନପୁର,୩।୧୧(ନି.ପ୍ର.)



ପି-ପାସ୍ ସମ୍ପର୍କିତ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ସମବାୟ ଓ ଯୋଗାଣ ବିଭାଗର ଅଧିକାରୀ।

ସୁବର୍ଣ୍ଣପୁର ଜିଲାରେ ୨୦୨୦-୨୧ ଖରିଫ ଧାନ ସଂଗ୍ରହକୁ ତ୍ରୁଟିଶୂନ୍ୟ କରିବା ପାଇଁ ପଦକ୍ଷେପ ନିଆଯାଉଛି । ଏହି କ୍ରମରେ ଧାନ କ୍ରୟରେ ସାମିଲ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ର କର୍ମକର୍ତ୍ତାଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟା ଓ ପେଡି ପ୍ରକ୍ୟୁରମେଣ୍ଟ ଅଟୋମେଶନ ସିଷ୍ଟମ(ପି-ପାସ୍) ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଉଛି । ମଙ୍ଗଳବାର ଡୁଙ୍ଗୁରିପାଲି ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଏଥିପାଇଁ ସୋନପୁର ଏନ୍‌ଜିଓସିସି ହଲଠାରେ ଏକ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ସୋନପୁର ଓ ତରଭା ବ୍ଲକର ସମସ୍ତ ୨୨ଟି ପ୍ୟାକ୍ସର ସମ୍ପାଦକ, ଡାଟା ଏଣ୍ଟ୍ରି ଅପରେଟର ଏବଂ ଧାନ କ୍ରୟରେ ସାମିଲ ଥିବା ମହିଳା ଏସ୍ଏଚ୍‌ଜିର ସଭାନେତ୍ରୀ, ସମ୍ପାଦିକା ଓ ଡାଟା ଏଣ୍ଟ୍ରି ଅପରେଟର ଅଂଶଗ୍ରହଣ କରିଥିଲେ । ସହକାରୀ ସିଏସଓ ସୁବୋଧ ହୋତା ଏହି ଶିବିରରେ ଯୋଗଦେଇ କୋଭିଡ ଗାଇଡ୍ ଲାଇନ୍ ଅନୁଯାୟୀ ଚାଷୀଙ୍କ ଠାରୁ ଚଳିତ ଥର କୁଇଣ୍ଟାଲ ପ୍ରତି ୧୮୬୮ଟଙ୍କା ଦରରେ ସରକାର ଧାନ କ୍ରୟ କରିବେ ବୋଲି କହିଥିଲେ । ସରକାରଙ୍କ ଠାରୁ ଅନଲାଇନ୍ ଟୋକନ୍ ପାଇଥିବା ଚାଷୀ ହିଁ ଧାନ ବିକ୍ରି କରିପାରିବେ। ପୂର୍ବ ତ୍ରୁଟିକୁ ଦୃଷ୍ଟିରେ ରଖି ଚଳିତ ଥର ଟୋକନ୍ ଅବଧିକୁ ୩୦ ଦିନ କରାଯାଇଛି। ଏହି ସମୟରେ ହିଁ ଚାଷୀ ଧାନ ବିକ୍ରି କରିପାରିବେ ବୋଲି ହୋତା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମବାୟ ସମିତି ଉପନିବନ୍ଧକ(ଏଆରସିଏସ) ଗିରିଶ ଚନ୍ଦ୍ର ପୁରୋହିତ, ଏସିଏସଓ ତ୍ରିପାଠ ଭୋଇ, ଡୁଙ୍ଗୁରିପାଲି ଆରଏମ୍‌ସି ସମ୍ପାଦକ ଉଦିତ କୁମାର ବାବୁ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ କାର୍ତ୍ତିକ ଚନ୍ଦ୍ର ନାୟକ, ସମବାୟ ନିରୀକ୍ଷକ ଧରଣୀଧର ପୁରୋହିତ, ଅକ୍ଷୟ କୁମାର ମେହେର, ଚାଷୀ ପ୍ରତିନିଧି ସଜ୍ଜନ କୁମାର ପଣ୍ଡା ଓ ରାମଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ । ପ୍ରୋଜେକ୍ଟର ମାଧ୍ୟମରେ ପି-ପାସ ସମ୍ବନ୍ଧୀୟ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ କରା ଯାଇଥିଲା ।

# ତହସିଲଦାରଙ୍କୁ ଭେଟିଲେ ବିସ୍ଥାପିତ

**ଅର୍ଥନୈତିକ ଅବରୋଧ ଚେତାବନୀ**

ରେଙ୍ଗାଲି, ୩।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରା ୨ ଓ ୩ କୋଇଲା ଖଣି ଖନନ କାର୍ଯ୍ୟ କରୁଥିବା ଏନଏଲସି କମ୍ପାନୀ ଏବଂ ତାର ଠିକା ସଂସ୍ଥା ଆଦାନୀର ମାନମୁଖୀ କାର୍ଯ୍ୟକଳାପରେ ବିସ୍ଥାପିତ ଗ୍ରାମବାସୀ ଅତିଷ୍ଠ ହୋଇଗଲେଣି। କମ୍ପାନୀ ପ୍ରଶାସନକୁ ହାତବାରିସୀ କରି ମାନମୁଖୀ କାର୍ଯ୍ୟ କରିଚାଲିଛି। କମ୍ପାନୀ ସ୍ଥାନୀୟ ନିଯୁକ୍ତି ନାମରେ ଲୋକଙ୍କୁ ଠକୁଛି। ସ୍ଥାନୀୟ ନିଯୁକ୍ତି ପାଇଁ ଗ୍ରାମବାସୀ ଆନ୍ଦୋଳନ କଲେ ପ୍ରଶାସନକୁ ହାତେଇ କମ୍ପାନୀ କିଛିଦିନର ମହଲତ ନେଇ ଚୁପ୍ ବସି ଯାଉଛି। ବିସ୍ଥାପିତଙ୍କୁ କ୍ଷତିପୂରଣ ନଦେଇ କମ୍ପାନୀ କୋଇଲା ଉତ୍ତୋଳନ ଏବଂ ପରିବହନ କଲାଣି। ମଙ୍ଗଳବାର ବିସ୍ଥାପିତ ତଥା ପ୍ରଭାବିତ ଗ୍ରାମବାସୀ କମ୍ପାନୀ ବିରୋଧରେ ରେଙ୍ଗାଲି ତହସିଲଦାର ସୁନୀଲ ମେହେରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ୨୦୨୦ ଅଗଷ୍ଟ ୩୧ତାରିଖରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କୋଭିଡ-୧୯ ପାଇଁ ତହସିଲଦାରଙ୍କ ଅନୁରୋଧ କ୍ରମେ ଗ୍ରାମବାସୀ ସ୍ଥାନୀୟ ନିଯୁକ୍ତି ପାଇଁ ଦେଇଥିବା ଆନ୍ଦୋଳନ ଡାକରାକୁ ୧ ମାସ ଘୁଞ୍ଚାଇ ଦେଇଥିଲେ। ଏହି ଏକ ମାସରେ କମ୍ପାନୀ ଯଥା ସମ୍ଭବ ସ୍ଥାନୀୟ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଉକ୍ତ ବୈଠକକୁ ୨ମାସ ହୋଇଯାଇଥିଲେ ମଧ କମ୍ପାନୀ ସ୍ଥାନୀୟ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିନାହିଁ। ନିଜ ସର୍ବସ୍ୱ କମ୍ପାନୀକୁ ଦେବା ପରେ ନିଯୁକ୍ତି ପାଇଁ ଗ୍ରାମବାସୀଙ୍କୁ ହଇରାଣ କରୁଥିବାରୁ କମ୍ପାନୀ ବିରୋଧରେ ଜନ ଅସନ୍ତୋଷ ବଢିବାରେ ଲାଗିଛି। ବିବୁଲୁ ରାଉତ, ସୁବ୍ରତ ବୁଦ୍ଧିଆ, ଲଳିତ ମେହେର, ମିଶ୍ର ମୁଣ୍ଡା, ତରୁଣ ବୁଦ୍ଧିଆ, ବିଶ୍ୱଜିତ ପ୍ରଧାନ, ସୁବଳ ପ୍ରଧାନଙ୍କ ସହ ବହୁ ଗ୍ରାମବାସୀ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଆସନ୍ତା ୮ତାରିଖ ମଧ୍ୟରେ ଦାବି ପୂରଣ ନହେଲେ ଗ୍ରାମବାସୀ ଖନନ କାର୍ଯ୍ୟ ବନ୍ଦ କରିବା ସହ ଅର୍ଥନୈତିକ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି।

# ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି, ପାଣି ସମସ୍ୟା ନେଇ ରାସ୍ତାରୋକୋ

ବ୍ରଜରାଜନଗର, ୩।୧୧ (ଡି.ଏନ.ଏ.)



ମଧୁବନନଗର ବାଇପାସ ରାସ୍ତାକୁ ଲୋକେ ଅବରୋଧ କରିଛନ୍ତି ।

ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଏବଂ ପାଣି ସମସ୍ୟା ନେଇ ବ୍ରଜରାଜନଗର ପୌରାଞ୍ଚଳର ମଧୁବନନଗର ବାଇପାସ ରାସ୍ତାକୁ ଲୋକେ ଦୁଇ ଘଣ୍ଟା ଧରି ଅବରୋଧ କରିଥିଲେ । ଖବର ପାଇ ସ୍ଥାନୀୟ ପ୍ରଶାସନ ଓ ଏମସିଏଲ ପଦାଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ମଧୁବନନଗର ଗ୍ରାମକୁ ଲାଗି ଯାଇଥିବା ବାଇପାସ ରାସ୍ତା ଉକ୍ତ ଅଞ୍ଚଳର ଗ୍ରାମବାସୀଙ୍କର ଥିଲା । ଏମସିଏଲର ସୁବିଧା ଲାଗି ୧୦ ବର୍ଷ ପୂର୍ବରୁ ଗ୍ରାମବାସୀ ରାସ୍ତା ଛାଡିଥିଲେ । ହେଲେ ଦୀର୍ଘ ବର୍ଷ ହେବ ଗ୍ରାମବାସୀ ପାଣି ଟିକିଏ ବି ପାଇଲେ ନାହିଁ। ଏମସିଏଲରେ ବାହାରୁ ଆସି କାର୍ଯ୍ୟ କରୁଥିବା ଠିକା କମ୍ପାନୀ ମଧ ସ୍ଥାନୀୟ ଯୁବକଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି । ଟାଉନ ବିଜୁ ଜନତା ଦଳର ସଭାପତି ରାଧାକାନ୍ତ ପ୍ରଧାନ, ଓଡିଆ ଏକତା ମଞ୍ଚର ସଭାପତି ନୃପଲାଲ ତାଣ୍ଡିଆ, ମାଁ ଦୁର୍ଗା ମହିଳା ସମିତି ସଦସ୍ୟା, ଏସଡିପିଓ ଦିଲୀପ ଦାଶ, ଦୁଇ ଥାନା ଅଧିକାରୀ, ଲଜ୍ଜୁକୁରା ପିଓ ମିଥିଲେଶ ସିଂ, ନୀଳକଣ୍ଠ କମ୍ପାନୀ ମ୍ୟାନେଜର ପ୍ରମୁଖ ଘଟଣା ସ୍ଥଳକୁ ଆସି ମାସକ ମଧ୍ୟରେ ପାଣି ସମସ୍ୟା ଦୂରହେବ ଓ କମ୍ପାନୀରେ ଯୋଗ୍ୟତା ଭିତ୍ତିରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇ ରାସ୍ତାରୋକୋ ହଟିଥିଲା ।

## ଧର୍ମାନୁଷ୍ଠାନ ଖୋଲିବା ନେଇ ଜିଲାପାଳଙ୍କୁ ଦାବିପତ୍ର

ବୌଦ୍ଧ, ୩।୧୧ (ସ୍ୱ.ପ୍ର.)

କୋଭିଡ କଟକଣା ଯୋଗୁ ବୌଦ୍ଧ ଜିଲାର ସମସ୍ତ ଧର୍ମାନୁଷ୍ଠାନ ଗତମାର୍ଚ୍ଚରୁ ବନ୍ଦ ରହିଛି। ଏଥିଯୋଗୁ ସେବାୟତ ଓ ପୂଜକମାନେ ରୋଜଗାର ହରାଇଛନ୍ତି। ବୌଦ୍ଧ ମଠ ମନ୍ଦିର ସୁରକ୍ଷା ସମିତି ପକ୍ଷରୁ ଆବାହକ ସତ୍ୟଜିତ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ସାକ୍ଷାତ କରିଛନ୍ତି। ତୁରନ୍ତ ମଠ ମନ୍ଦିର ଖୋଲିବାକୁ ଅନୁମତି ପ୍ରଦାନ କରିବା ନେଇ ସେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପବିତ୍ର କାର୍ତ୍ତିକ ମାସରେ ଧର୍ମାନୁଷ୍ଠାନଗୁଡିକ ବନ୍ଦ ରହିବା ସହିତ ଦର୍ଶନାର୍ଥୀମାନଙ୍କ ପ୍ରବେଶ ନେଇ କଟକଣା ରହିଥିବାରୁ ଭକ୍ତଙ୍କ ଧାର୍ମିକ ଭାବନା ଓ ଭାବାବେଗକୁ ଆଘାତ ପହଞ୍ଚୁଥିବା ଦାବିପତ୍ରରେ ଦର୍ଶାଯାଇଛି। ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲାପାଳ ମିଶ୍ର ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

## ଅନ୍ତର୍ଜାତୀୟ ଫ୍ୟାଶନ ଶୋ'ରେ ସମ୍ବଲପୁର ଝିଅ

**ଚାହାଣୀ,ମେକ୍‌ଅପ୍‌ରେ ଶ୍ରେଷ୍ଠ ଟାଇଟଲ**

ସମ୍ବଲପୁର,୩।୧୧(ବ୍ୟୁରୋ)



ମୀମାଂସା ପ୍ରିୟଦର୍ଶିନୀ ରଥ।

ଅନ୍ତର୍ଜାତୀୟ ଫେସନ ଶୋ'ରେ ସମ୍ବଲପୁର ଝିଅ ମୀମାଂସା ପ୍ରିୟଦର୍ଶିନୀ ରଥ ଚାହାଣୀ ଓ ମେକଅପ୍‌ରେ ଶ୍ରେଷ୍ଠ ଟାଇଟଲ ହାସଲ କରିଛନ୍ତି । ଓପେରାର କ୍ରିଏସନ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ଏହି ପ୍ରତିଯୋଗୀତା ହୋଇଥିଲା। ଏଥିରେ ଜୁରି ମେମ୍ବରମାନେ ଭାରତ ଓ ଅଷ୍ଟ୍ରେଲିଆର ରହିଥିଲେ। ଅର୍ଜୁନ କୁଲଶ୍ରେଷ୍ଠ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ମୀମାସଂାଙ୍କ ଏହି ସଫଳତା ପାଇଁ ଡିଜାଇନର ଅର୍ପିତା ପୁଝାରୀ, ମେକଅପ୍‌ରେ ମନିଷା ପଣ୍ଡା, ଫଟୋଗ୍ରାଫର ଲଳିତ ରୋହିଦାସ ସହଯୋଗ କରିଥିଲେ। ପିଲାଦିନରୁ ମୀମାଂସାଙ୍କ ମଡେଲିଂ କରିବାର ସପ୍ନ ଥିଲା। ସେ ସମ୍ବଲପୁର ଲୋକ ମହୋତ୍ସବରେ ଉଦ୍‌ଘୋଷିକା ଭାବେ ପରିଚିତ। ମୀମାଂସାଙ୍କ ଗୀତ ଗାଇବା ନିଶା ରହିଛି ।

# ସ୍କୁଲ ବନ୍ଦ ନ କରିବାକୁ ଦାବି



କୋହ୍ଲପଡାର ମହିଳା ଓ ଶିଶୁ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଛନ୍ତି ।

ସୋନପୁର,୩।୧୧(ନି.ପ୍ର.)

ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍ ଥିବା ଦର୍ଶାଇ ରାଜ୍ୟ ସରକାର କିଛି ବର୍ଷ ହେବ ପ୍ରାଥମିକ ସ୍କୁଲଗୁଡିକୁ ବନ୍ଦ କରିବାରେ ଲାଗିଛନ୍ତି । ପୂର୍ବରୁ ସୁବର୍ଣ୍ଣପୁର ଜିଲାରେ ଶତାଧିକ ସ୍କୁଲ ବନ୍ଦ ହୋଇ ସାରିଛି । ୨୦ରୁ କମ୍ ଛାତ୍ରୀଛାତ୍ର ଥିବା ଦର୍ଶାଇ ଚଳିତବର୍ଷ ପୁଣି ୧୩୭ଟି ପ୍ରାଥମିକ ସ୍କୁଲ ବନ୍ଦ କରାଯାଇଛି । ତେବେ ସରକାରଙ୍କ ଏହି ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଛନ୍ତି ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଅନ୍ତର୍ଗତ ୧୦ ନଂ ୱାର୍ଡର ତଳି କୋହ୍ଲପଡାବାସୀ । କାରଣ କୋହ୍ଲପଡାରେ ଥିବା ବିର୍ଶାମୁଣ୍ଡା ପ୍ରାଥମିକ ସ୍କୁଲକୁ ସରକାର ବନ୍ଦ କରିଛନ୍ତି । ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ପିଲାମାନେ ଏଣିକି ୨ କିଲୋମିଟର ଦୂର ପଟାଭାଡି ସ୍କୁଲରେ ପାଠ ପଢିବେ । ମାତ୍ର ଅଭିଭାବକମାନେ ପଟାଭାଡି ସ୍କୁଲକୁ ପିଲାଙ୍କୁ ଛାଡିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି । ଏ ସମ୍ପର୍କରେ ମଙ୍ଗଳବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଅଭିଭାବକ ସନ୍ତୋଷିନୀ ମୁଣ୍ଡା କୁହନ୍ତି କୋହ୍ଲପଡାରେ ପ୍ରାୟ ଆଦିବାସୀ ପରିବାର ବସବାସ କରନ୍ତି । ସେମାନେ ଦିନ ମଜୁରିଆ । ସକାଳୁ କର୍ମ କ୍ଷେତ୍ରକୁ ଯାଇ ସନ୍ଧ୍ୟାରେ ଘରକୁ ଫେରନ୍ତି। ଘର ପାଖ ସ୍କୁଲରେ ପିଲା ପାଠ ପଢି ପାରୁଥିଲେ । ମାତ୍ର ସରକାରଙ୍କ ଏଭଳି ପଦକ୍ଷେପ ପରେ ପଡାର ପିଲା ଅଶିକ୍ଷିତ ହେବେ । ମା' ବାପା ଟ୍ରେନ୍ ଲାଇନ୍ ପାର ହୋଇ ଦୂର ସ୍କୁଲକୁ ପାଠ ପଢିବାକୁ ଯିବା ପାଇଁ ସେମାନଙ୍କ ପିଲାଙ୍କୁ ଛାଡିବେ ନାହିଁ । ମଙ୍ଗଳବାର ବୁଧୁ ମୁଣ୍ଡା, ରଞ୍ଜନ ମୁଣ୍ଡା, ବିଳାସ ଦାସ ଓ ବାସନ୍ତି ମୁଣ୍ଡାଙ୍କ ନେତୃତ୍ୱରେ ପଡାର ମହିଳା ପୁରୁଷ ଓ କୁନି କୁନି ପିଲାମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ ।

## ଜବରଖଲକାରୀଙ୍କ କବଳରୁ ଇଡ୍‌କୋ ଜମି ମୁକ୍ତ ହେଲା

ବେଦବ୍ୟାସ,୩।୧୧ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଉରକେଲା ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡକୋ) ମଣ୍ଡଳ ଅନ୍ତର୍ଗତ କଲୁଙ୍ଗା ଶିଳ୍ପାଞ୍ଚଳରେ ଥିବା ଇଡକୋ ଜମି ଜବରଦଖଲକାରୀଙ୍କ କବଳରୁ ମଙ୍ଗଳବାର ମୁକ୍ତ ହୋଇଛି । କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ତଥା ଲାଠିକଟା ତହସିଲଦାର ମନସ୍ୱିନୀ ଦାଶ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ । ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସଂଗ୍ରାମ କିଶୋର ବିଶ୍ୱାଳ, ଏସଆଇ ନରେନ୍ଦ୍ର ଚନ୍ଦ୍ର, ଏଏସଆଇ କିଶୋର କୁମାର ମହାକୁଡ ପ୍ରମୁଖଙ୍କ ସମେତ ପୋଲିସ ଫୋର୍ସ ସେଠାରେ ମୁତୟନ କରାଯାଇଥିଲା । ଉପରୋକ୍ତ ଜମିକୁ ଦୀର୍ଘ ଦିନରୁ ଶିଳ୍ପାଞ୍ଚଳ ବାସିନ୍ଦା ପ୍ରଦୀପ ଶର୍ମା ଓ ଦୀପକ ଶର୍ମା ବେଦଖଲ କରି ଆସୁଥିଲେ । ଇଡକୋ ରାଉରକେଲା ମଣ୍ଡଳାଧୀଶ ଇଂ. ଅଭିମନ୍ୟୁ ପାତ୍ରଙ୍କ ନେତୃତ୍ୱରେ ଇଡକୋ କାର୍ଯ୍ୟାଳୟ ନିକଟରେ ଥିବା ଏହି ଜମିକୁ ଉଦ୍ଧାର କରାଯାଇଥିବା ବେଳେ ମଙ୍ଗଳବାର କଲୁଙ୍ଗା ଶିଳ୍ପାଞ୍ଚଳ ଥିବା ଜମିରୁ ଜବରଦଖଲ ହଟା ଯାଇଛି।

## ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ ଘଟଣା**

ଲାଠୋର, ୩।୧୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ପତ୍ରାପାଲି ଗ୍ରାମର ସୁରୁସିଂ ଶଗଡିଆ (୩୬)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ରୋଷେଇ ଘରୁ ପୋଲିସ ଶନିବାର ଉଦ୍ଧାର କରିଥିଲା । ଏ ନେଇ ମୃତକଙ୍କ ପୁତୁରା କୈଶପ ଲାଠୋର ଥାନାରେ ଏତଲା ଦେଇଥିଲେ। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ସୋମବାର ଅପରାହ୍ନ ୩ଟାରେ ଟଙ୍କପାଣି ପଞ୍ଚାୟତ ବିଜୁ ଯୁବ ବାହିନୀଙ୍କ ନେତୃତ୍ୱରେ ପତ୍ରାପାଲି ଗ୍ରାମବାସୀ ଏକ ବୈଠକ କରି ମୃତକଙ୍କ ସ୍ତ୍ରୀଙ୍କୁ ଡାକି ସମସ୍ତ ଘଟଣା ସମ୍ପର୍କରେ ପଚାରିବୁଝିଥିଲେ। ମୃତକଙ୍କ ସ୍ତ୍ରୀ ସୁଜାତା କହିବା ଅନୁଯାୟୀ ଗତ ଶୁକ୍ରବାର ରାତିରେ ଗ୍ରାମର କେତେକ ଜଣ ବ୍ୟକ୍ତି କୌଣସି କାରଣକୁ ନେଇ ଝଗଡା କରି ସୁରୁସିଂଙ୍କ ସହିତ ମାରପିଟ କରିଥିଲେ। ଶନିବାର ସକାଳେ ସୁରୁସିଂଙ୍କ ମୃତଦେହ ତାଙ୍କ ରୋଷେଇ ଘରେ ଝୁଲୁଥିଲା। ଏହାଦେଖି ସେ ସଙ୍ଗେ ସଙ୍ଗେ ପୁତୁରାଙ୍କୁ ସୂଚନା ଦେଇଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ଗ୍ରାମବାସୀ ଘଟଣାସ୍ଥଳରେ ଭିଡ ଜମାଇଥିଲେ। ସୁଜାତାଙ୍କଠାରୁ ଘଟଣା ବିଷୟରେ ଅବଗତ ହେଲା ପରେ ଗ୍ରାମବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା । ପରେ ଲାଠୋର ଥାନାକୁ ଆସି ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ଥିବା ଏକ ଏତଲା ଦେଇ ଏହାର ନିରପେକ୍ଷ ତଦନ୍ତ କରିବାକୁ ଦାବି କରିଛନ୍ତି ।

## କ୍ୟାମ୍ପକୁ ଯାଇ ଠିକାକାମକୁ ବିରୋଧ

ବଲାଙ୍ଗୀର ଅଫିସ, ୩।୧୧

ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ବିଜାଖମନ୍ ଓ ମାଲଗୋଦାମପଡା ଅଞ୍ଚଳରେ ପ୍ରାୟ ୨ କୋଟି ଟଙ୍କାରେ ପାନୀୟ ଜଳ ପ୍ରକଳ୍ପ ତିଆରି କରିବା ପାଇଁ କଟକର ଏକ ଠିକାଦାର ଇ-ଟେଣ୍ଡର ଜରିଆରେ ଠିକା କାମ ପାଇଛନ୍ତି। ଦୁଇଦିନତଳେ ବିଜାଖମନକୁ ଆସି ଉକ୍ତ ଠିକାଦାରଙ୍କ କର୍ମଚାରୀମାନେ ଜଳ ପ୍ରକଳ୍ପ କାମ କରିବା ପାଇଁ କ୍ୟାମ୍ପ ଲଗାଇଛନ୍ତି। ଉକ୍ତ କ୍ୟାମ୍ପକୁ ମଙ୍ଗଳବାର କେତେକ ସ୍ଥାନୀୟ ଠିକାଦାର ଯାଇ କାମ କରିବାକୁ ବିରୋଧ କରିଥିଲେ। ଏନେଇ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବା ପରେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ସେଠାକୁ ଯାଇଥିବା କେତେକ ସ୍ଥାନୀୟ ଠିକାଦାର ଉକ୍ତ କ୍ୟାମ୍ପକୁ ଯାଇ ସେଠାକାର କର୍ମଚାରୀଙ୍କୁ ନିମ୍ନ ମାନର ସାମଗ୍ରୀ ଆଣିଥିବା ଓ ଲେସ୍ ଟେଣ୍ଡରରେ କିଭଳି କାମ କରିବେ ବୋଲି ପ୍ରଶ୍ନ କରୁଥିବା ଦେଖାଯାଇଛି । ସଂସ୍ଥାର ଠିକାଦାରଙ୍କୁ ଏଠାକୁ ଡାକି କଥା ହେଲା ପରେ ଯାଇ କାମ ଆରମ୍ଭ କରିବେ ବୋଲି କ୍ୟାମ୍ପରେ ଥିବା କର୍ମଚାରୀଙ୍କୁ କହୁଥିବା ଜଣାପଡିଛି । ଏହି ବିରୋଧ ବେଳେ ଜନସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ ଉପସ୍ଥିତ ଥିବା ଦେଖାଯାଇଛି । ଏନେଇ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ପାର୍ବତୀ ମୋହନ ପରିଡାଙ୍କୁ ପଚରାଯିବାରୁ ଏଭଳି କୌଣସି ଘଟଣା ସମ୍ପର୍କରେ ତାଙ୍କୁ କେହି ଲିଖିତ କିଛି ଅଭିଯୋଗ କରିନାହାନ୍ତି । ଠିକା କାମ ଆରମ୍ଭ ହୋଇନାହିଁ । ଏଣୁ ନିମ୍ନମାନର ସାମଗ୍ରୀ ଓ କାମ ପ୍ରସଙ୍ଗ ଉଠୁଛୁ କିପରି ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି । ବାହାରିଆ ଠିକାଦାରଙ୍କୁ କାମ କରାଇ ଦେବେନାହିଁ ବୋଲି ସ୍ଥାନୀୟ କେତେକ ଠିକାଦାର ଏଭଳି ବିରୋଧ କରୁଥିବା ଚର୍ଚ୍ଚାର ବିଷୟ ହୋଇଛି । ଠିକାଦାରଙ୍କ ଲଢ଼େଇ ଭିତରେ ବର୍ଷ ବର୍ଷ ଧରି ପିଇବା ପାଣି ପାଇବାକୁ ଅପେକ୍ଷା କରିଥିବା ବିଜାଖମନ ଓ ମାଲଗୋଦାମପଡା ବାସିନ୍ଦାଙ୍କ ପାନୀୟ ଜଳ ଶୀଘ୍ର ପାଇବା ସ୍ୱପ୍ନ ବିଳମ୍ବିତ ହେବା ଆଶଙ୍କା ପ୍ରକାଶ ପାଇଲାଣି ।

# ଜିଲାପାଳଙ୍କୁ ଭେଟିଲେ ମୃତକଙ୍କ ପରିବାରବର୍ଗ

ସମ୍ବଲପୁର,୩।୧୧(ବ୍ୟୁରୋ)



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ନୀଳାମ୍ବରଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ।

**ଯୁବକଙ୍କ ଗଳାକଟା ମୃତଦେହ ଉଦ୍ଧାର ଘଟଣା**

- ରେଡକ୍ରସରୁ ୩୦ ହଜାର,ଭତ୍ତା ସହାୟତା
- ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଧଦଲୋମୁଣ୍ଡା ଗ୍ରାମ ନୀଳାମ୍ବର ବେସନଚୋର(୨୬)ଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ତାଙ୍କ ଗଳାକୁ କେହି କାଟି ହତ୍ୟା କରିଥିବା ପୋଲିସ ନିକଟରେ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ପୋଲିସ ୧୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ହେଲେ ପରିବାର ସଦସ୍ୟମାନେ ମଙ୍ଗଳବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଦୋଷୀଙ୍କ ବିରୋଧରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର, ଆବଶ୍ୟକ ପ୍ରମାଣ ସହ ଚାର୍ଜଶିଟ ଦାଖଲ କରୁ । କିପରି ନ୍ୟାୟିକ ପ୍ରକ୍ରିୟା ଶୀଘ୍ର ହେବ ସେନେଇ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ପରିବାର ସଦସ୍ୟମାନେ ଦାବି କରିଥିଲେ । ଅଭିଯୋଗ ଶୁଣି ଜିଲାପାଳ ଶୁଭମ ସକସେନା ମୃତକଙ୍କ ସ୍ତ୍ରୀଙ୍କୁ ବିଧବା ଭତ୍ତା ପ୍ରଦାନ କରିବାକୁ ଯୁଯୁମୁରା ବିଡିଓ ସୁରଜ ବିଶ୍ୱାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ଦିଆଯିବ ପାଇଁ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ପରିବାରବର୍ଗଙ୍କୁ କହିଥିଲେ ।

ସୂଚନାଯୋଗ୍ୟ, ଅକ୍ଟୋବର ୧୪ରେ ନୀଳାମ୍ବର ନିକଟସ୍ଥ ଗ୍ରାମରୁ ଜଣେ ସମ୍ପର୍କୀୟଙ୍କ ଘରୁ ଫେରୁଥିଲେ। ସେ ସମୟରେ ବନ୍ୟପ୍ରାଣୀ ଶିକାର ପାଇଁ ବାନ୍ଧେର ଜଙ୍ଗଲରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇ ମୃତ୍ୟୁ ଘଟିଥିଲା । ଘଟଣାର ୩ ଦିନ ପରେ ୮ କିମି ଦୂର ଜଙ୍ଗଲରେ ଗଳାକଟା ମୃତଦେହ ଉଦ୍ଧାର ହୋଇଥିଲା। ହତ୍ୟା କରି ମୃତଦେହ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ୧୩ଜଣଙ୍କୁ ଗିରଫ କରିଥିଲା ।

## ଶୀଘ୍ର ଘୋଷଣା ହେବ ଆର୍ଥିକ ପ୍ୟାକେଜ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶୀଘ୍ର ନୂଆ ଆର୍ଥିକ ପ୍ୟାକେଜ ସମ୍ପର୍କରେ ଘୋଷଣା କରିବେ। ଏ ନେଇ ବିଭିନ୍ନ ଦିଗ ଉପରେ କେନ୍ଦ୍ର ସରକାର ବିଚାର କରୁଛନ୍ତି। ଶିଳ୍ପଜଗତର ପ୍ରସ୍ତାବ ତଥା ମତାମତକୁ ସରକାର ନଜରରେ ରଖି ବିଭିନ୍ନ ପଦକ୍ଷେପ ଗ୍ରହଣ କରିବେ ବୋଲି ଅର୍ଥନୈତିକ ବ୍ୟାପାର ସଚିବ(ଡିଇଏ) ତରୁଣ ବଜାଜ ମଙ୍ଗଳବାର ସୂଚନା ଦେଇଛନ୍ତି। ବିଭିନ୍ନ ପ୍ରସଙ୍ଗ ଉପରେ ବର୍ତ୍ତମାନ ଆଲୋଚନା ଚାଲିଛି। ପ୍ୟାକେଜ ଘୋଷଣାର ପ୍ରକୃତ ତାରିଖ ଉପରେ ବର୍ତ୍ତମାନ କିଛି କହିହେବ ନାହିଁ। ମାତ୍ର ଶୀଘ୍ର ଏହା ଆସିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ବାଇଡେନ ଜିତିଲେ ଭାରତକୁ ଲାଭ

ମୁମ୍ବାଇ,୩।୧୧



ଆମେରିକା ନିର୍ବାଚନ ଉପରେ ସମସ୍ତଙ୍କ ନଜର ରହିଥିବା ବେଳେ ଫଳାଫଳକୁ ନେଇ ଉତ୍କଣ୍ଠା ଲାଗି ରହିଛି। ଏହି ନିର୍ବାଚନରେ ଡେମୋକ୍ରାଟ ଦଳର ପ୍ରାର୍ଥୀ ବାଇଡେନ ଜିତିଲେ ଭାରତୀୟ ବଜାରକୁ ଏହାର ଲାଭ ମିଳିବ ବୋଲି ବିଶେଷଜ୍ଞ କହିଛନ୍ତି। ବାଇଡେନଙ୍କ ବିଜୟରେ ଭାରତୀୟ ବଜାର ଊର୍ଦ୍ଧ୍ୱମୁଖୀ ରହିବାର ଢେର ସମ୍ଭାବନା ରହିଛି। ସେହିଭଳି ବଜାର ଉପରେ ସକାରାତ୍ମକ ପ୍ରଭାବ ପରିଲକ୍ଷିତ ହେବ। ମଙ୍ଗଳବାର ଚୂଡ଼ାନ୍ତ ମତଦାନ ହୋଇଛି। ରିପବ୍ଲିକାନ ପାର୍ଟି ପକ୍ଷରୁ ବର୍ତ୍ତମାନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଶାୟୀ ରହିଛନ୍ତି। ଆମେରିକା କଂଗ୍ରେସ ୨୦୨୧ ଜାନୁୟାରୀ ୬ରେ ମତଗଣନା କରିବା ସହ ବିଜେତାଙ୍କ ନାମ ଔପଚାରିକ ଭାବେ ଘୋଷଣା କରିବ। ଏହି ସମୟ ମଧ୍ୟରେ ଭାରତ ସମେତ ଅନ୍ୟ ଅଭିବୃଦ୍ଧିଶୀଳ ବଜାରଗୁଡ଼ିକରେ ହ୍ରାସ-ବୃଦ୍ଧି ସ୍ଥିତି ଲାଗି ରହିବ। କରୋନା ସଂକ୍ରମଣ ବୃଦ୍ଧି ଆମେରିକା ନିର୍ବାଚନ କାରଣରୁ ଭାରତୀୟ ଶେୟାର ବଜାରକୁ ଅକ୍ଟୋବର ଶେଷ ସୁଦ୍ଧା ୨%ରୁ ଊର୍ଦ୍ଧ୍ୱ ହ୍ରାସ ଦେଖାଯାଇଛି।

ମନି କଣ୍ଟ୍ରୋଲ ପକ୍ଷରୁ ଆସିଥିବା ଏକ ରିପୋର୍ଟ ମୁତାବକ, ବାଇଡେନ ନିର୍ବାଚନରେ ବିଜୟ ଲାଭ କଲେ, ଭାରତୀୟ ବଜାର ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ। ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଭାରତକୁ ସବୁଠାରୁ ଅଧିକ ଲାଭ ମିଳିବା ସମ୍ଭାବନା ରହିଛି। ୩ଟି ମୁଖ୍ୟ ଦିଗ ଭାରତୀୟ ନିବେଶକଙ୍କ ଲାଗି ବରଦାନ ସାବ୍ୟସ୍ତ ହୋଇପାରେ। ଫେଡେରାଲ ପଲିସି, ଭିତ୍ତିଭୂମିରେ ସରକାରୀ ଖର୍ଚ୍ଚ ଏବଂ ବ୍ୟାପାର ଏବଂ ବୈଦେଶିକ ନୀତି କ୍ଷେତ୍ରରେ ଭାରତ ଲାଭ ପାଇବ ବୋଲି କୁହାଯାଉଛି। ବେଷ୍ଟେଡ ଫାଇନାନ୍ସର ଏକ ରିପୋର୍ଟ ମୁତାବକ ଡେମୋକ୍ରାଟିକ ପାର୍ଟି ସତ୍ତାରେ ରହିବା ଫଳରେ ଏସ୍ ଆଣ୍ଡ ପି ୫୦୦ କମ୍ପାନୀର ହାରାହାରି ୧୧% ବାର୍ଷିକ ରିଟର୍ନ ପ୍ରଦାନ କରିଛି। ସେହିଭଳି ରିପବ୍ଲିକାନ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳରେ ସୂଚକାଙ୍କ ହାରାହାରି ବାର୍ଷିକ ୭% ରିଟର୍ନ ପ୍ରଦାନ କରିଛି।

### ଟ୍ରମ୍ପ ଜିତିଲେ ଶେୟାର ବଜାର ଖସିବା ଆଶଙ୍କା

ବିଶେଷଜ୍ଞଙ୍କ ମୁତାବକ, ଡେମୋକ୍ରାଟିକ ପାର୍ଟି କ୍ଷମତାକୁ ଆସିବା ଆଶାରେ ମାର୍ଚ୍ଚ ପରଠାରୁ ଭାରତୀୟ ବଜାରରେ ବୃଦ୍ଧି ପରିଲକ୍ଷିତ ହୋଇଛି। ଏଭଳି ସ୍ଥିତିରେ ଡୋନାଲ୍ଡ ଟ୍ରମ୍ପ ଜିତିଲେ ବଜାରରେ ହ୍ରାସ ଦେଖାଯାଇପାରେ। ବେନ୍ଦୁରା ସିକ୍ୟୁରିଟିଜର ବିଶେଷଜ୍ଞ ବିନୀତ ବି.ଙ୍କ କହିବା ମୁତାବକ, ବାଇଡେନଙ୍କ ପ୍ରସ୍ତାବ ଏବଂ ନୀତି ଭାରତୀୟ ବଜାର ଲାଗି ଅନୁକୂଳ ରହିବ।

### ଡୋନାଲ୍ଡ ଟ୍ରମ୍ପ-ଭାରତ ବାଣିଜ୍ୟ ସମ୍ପର୍କ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାଳ ସମୟରେ ଭାରତ ସହ ବାଣିଜ୍ୟ ଏବଂ ଅନ୍ୟ ସମ୍ପର୍କ ବେଶ୍ ଘଟଣାବହୁଳ ରହି ଆସିଛି। ଟ୍ରମ୍ପ ପ୍ରଶାସନ ନିକଟରେ ଏଚ୍-୧ ଭିଜାରେ ପରିବର୍ତ୍ତନ କରିଛି। ଏହା ଆଇଟି କ୍ଷେତ୍ର ଉପରେ ଚାପ ସୃଷ୍ଟି କରିଛି। ନୂଆ ନୀତି ବିରୋଧରେ ଆପଲ, ଗୁଗଲ, ମାଇକ୍ରୋସଫ୍ଟ ସମେତ ୪୬ ପ୍ରମୁଖ କମ୍ପାନୀ ବିରୋଧ କରି ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେହିଭଳି ଟ୍ରମ୍ପ ଏକ ଏକଜିକ୍ୟୁଟିଭ ଅର୍ଡର ଜାରି କରିବା ସହ ଚଳିତ ବର୍ଷ ଶେଷ ସୁଦ୍ଧା ଏଚ୍-ବି ଭିଜା ସମେତ ଅନ୍ୟ ଫରେନ ଭିଜା ଉପରେ ବ୍ୟାନ୍ ଲଗାଇଥିଲେ। ଆମେରିକାବାସୀଙ୍କ ଚାକିରିକୁ ସୁରକ୍ଷିତ କରିବା ଲାଗି ସରକାର ଏଭଳି ପଦକ୍ଷେପ ନେଇଥିବା ଟ୍ରମ୍ପ ପ୍ରଶାସନ ଯୁକ୍ତି ବଢ଼ିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଫ୍ୟୁଡାଲ ଜଜ୍ ଏହି ଅର୍ଡରକୁ ଖାରଜ କରିଦେଇଥିଲେ। ଟ୍ରମ୍ପ ତାଙ୍କ ସାମ୍ବିଧାନିକ କ୍ଷମତାକୁ ଟପୁଥିବା ଜଜ୍ ଅର୍ଡରରେ କହିଥିଲେ। ହାର୍ଲେଡାଭିଡଶନ ବାଇକ ଉପରେ ଭାରତ ଉଚ୍ଚ ପରିମାଣର ଟିକସ ଲାଗୁ କରୁଥିବା ଟ୍ରମ୍ପ ଅଭିଯୋଗ କରି ଆସିଛନ୍ତି। ଭାରତୀୟ ବଜାରରେ ହାର୍ଲେଡାଭିଡଶନ ଏହାର ବାଇକଗୁଡ଼ିକୁ ଶସ୍ତା କରାଇବା ଲାଗି ଆସେମ୍ବଲ ପ୍ଲାଣ୍ଟ ବସାଇଥିଲା। ମାତ୍ର ଭାରତୀୟ ବଜାରରେ ସେହିଭଳି କାରବାର କରିବାକୁ ସକ୍ଷମ ନ ହେବାରୁ ଏହି କମ୍ପାନୀ ହିରୋ ସହ ଚୁକ୍ତି କରି କାରବାର ଚଳାଇବାକୁ ଯୋଜନା ରଖିଛି। ଫେବୃୟାରୀରେ ଟ୍ରମ୍ପ ଭାରତ ଗସ୍ତ କରିଥିଲେ। ଦୁଇ ଦେଶ ବାଣିଜ୍ୟିକ ଡିଲ୍‌ରେ ସାମିଲ ହେବେ ବୋଲି ସେ କହିଥିଲେ; ଯାହା ସମ୍ପନ୍ନ ହୋଇପାରିନାହିଁ। ଚାଇନା ପରେ ଆମେରିକା ଭାରତର ଦ୍ୱିତୀୟ ସର୍ବବୃହତ୍ ବାଣିଜ୍ୟ ସହଯୋଗୀ।

## ଜମା, ଉଠାଣରେ ଦେୟ ଲାଗିବନି

ନୂଆଦିଲ୍ଲୀ,୩।୧୧

ଜମା ଏବଂ ଉଠାଣରେ ଚାର୍ଜ ଲାଗୁ କରିବା ଲାଗି ୨ ଦିନ ପୂର୍ବରୁ ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଘୋଷଣା କରିଥିଲା। ମଙ୍ଗଳବାର ବ୍ୟାଙ୍କ ଏହି ନୂଆ ନିୟମକୁ ପ୍ରତ୍ୟାହାର କରିନେଇଛି। ବିଭିନ୍ନ ସେବାରେ ସର୍ଭିସ ଚାର୍ଜ ଲାଗୁ କରିବା ଲାଗି ବ୍ୟାଙ୍କ ଏଭଳି ଘୋଷଣା କରିଥିଲା। କରୋନା ମହାମାରୀକୁ ଧ୍ୟାନରେ ରଖି ନିଷ୍ପତ୍ତି ପ୍ରତ୍ୟାହାର ହୋଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ସେହିଭଳି ବେସିକ ସେଭିଂ ବ୍ୟାଙ୍କ ଆକାଉଣ୍ଟ ଜମା ସହ ଜନଧନ ଆକାଉଣ୍ଟ ଉପରେ ସର୍ଭିସ ଚାର୍ଜ ଲାଗିବ ନାହିଁ ବୋଲି ଅର୍ଥ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ସୂଚନାଯୋଗ୍ୟ, ଜମା ଏବଂ ଉଠାଣରେ ଦେୟ ଲାଗିବା ନେଇ ଖବର ଆସିବା ପରେ ଏହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ନିୟମକୁ ପୁଣି ଥରେ ତର୍ଜମା କରିବା ଲାଗି ବିଭିନ୍ନ ମହଲରୁ ସରକାରଙ୍କୁ ନିବେଦନ କରାଯାଇଥିଲା।

# ମଣିପାଲ ନିକଟକୁ ଯିବ କଲମ୍ବିଆ ଏସିଆ ହସ୍ପିଟାଲ

ManipalHospitals LIFE'S ON | COLUMBIA ASIA

ନୂଆଦିଲ୍ଲୀ,୩।୧୧

ମଣିପାଲ ହସ୍ପିଟାଲ୍ସ ଗ୍ରୁପ୍ କଲମ୍ବିଆ ଏସିଆ ହସ୍ପିଟାଲ ସହ ଚୁକ୍ତିରେ ସାମିଲ ହୋଇଛି। କଲମ୍ବିଆ ଏସିଆ ଇଣ୍ଡିଆର ୧୦୦% ଅଂଶଧନ ହାସଲ କରିବା ଲାଗି ମଣିପାଲ ଏଭଳି ଚୁକ୍ତି କରିଥିବା ଜଣାପଡ଼ିଛି। ବିଭିନ୍ନ ନିୟାମକ ମଞ୍ଜୁରୀ ମିଳିବା ପରେ ଏହି ପ୍ରକ୍ରିୟା ଶେଷ ହେବ। ଏହା ପରେ କଲମ୍ବିଆ ହସ୍ପିଟାଲ ମଣିପାଲ ଗ୍ରୁପ୍ ସହ ମିଶିଯିବ। ଏଭଳି ପଦକ୍ଷେପ ଦ୍ୱାରା ସ୍ୱାସ୍ଥ୍ୟସେବାରେ ଆହୁରି ଉନ୍ନତି ଆଣିବା ଲାଗି ମଣିପାଲ ହସ୍ପିଟାଲ ଯୋଜନା ରଖିଥିବା କହିଛି। ପୂର୍ବ ଭାରତରେ ପ୍ରବେଶ ସହ ସାରା ଦେଶରେ ଏହା ନିଜର ଉପସ୍ଥିତି ଜାହିର କରିବାକୁ ବର୍ତ୍ତମାନ ସକ୍ଷମ ହୋଇଛି। ୨ ଅନୁଷ୍ଠାନ ମିଳିତ ଭାବେ ଦେଶର ପ୍ରମୁଖ ୧୫ ସହରରେ ୨୭ ହସ୍ପିଟାଲ ସହ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବେ। ୭୩୦୦ରୁ ଊର୍ଦ୍ଧ୍ୱ ବେଡ୍ , ୪୫୦୦ରୁ ଊର୍ଦ୍ଧ୍ୱ ଡାକ୍ତର ଏବଂ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ଦ୍ୱାରା ମଣିପାଲ ଗ୍ରୁପ୍ ସ୍ୱାସ୍ଥ୍ୟସେବା ଯୋଗାଣକୁ ତ୍ୱରାନ୍ୱିତ କରିଛି। ସ୍ୱାସ୍ଥ୍ୟସେବାର ବର୍ଦ୍ଧିତ ଚାହିଦାକୁ ନଜରରେ ରଖି ଗ୍ରୁପ୍ ପକ୍ଷରୁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ମଣିପାଲ ଏଜୁକେଶନ ଆଣ୍ଡ ମେଡିକାଲ ଗ୍ରୁପ୍ (ଏମ୍‌ଇଏମ୍‌ଜି) ଅଧ୍ୟକ୍ଷ ଡ. ରଞ୍ଜନ ପାଇ କହିଛନ୍ତି, କଲମ୍ବିଆ ଏସିଆ ହସ୍ପିଟାଲକୁ ମଣିପାଲ ପରିବାରକୁ ସ୍ୱାଗତକରି ଅତ୍ୟନ୍ତ ଖୁସି। ଆଗାମୀ ଦିନରେ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଣ ଦିଗରେ କାର୍ଯ୍ୟକ୍ରମ ଜାରି ରହିବ।


ଓଡ଼ିଶା ସରକାର

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ**

**ବିଜ୍ଞାପନ**

**ସଂଖ୍ୟାଲଘୁ ଛାତ୍ରବୃତ୍ତି ୨୦୨୦-୨୧ ପାଇଁ ପରିବର୍ଦ୍ଧିତ ସମୟସୀମା**

No. V-21: ଏତଦ୍ୱାରା ସଂଖ୍ୟାଲଘୁ ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଭାରତ ସରକାରଙ୍କ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ସଂଖ୍ୟାଲଘୁ ଛାତ୍ରବୃତ୍ତି ଦରଖାସ୍ତ ଆବେଦନର ସମୟସୀମା ନିମ୍ନମତେ ପରିବର୍ଦ୍ଧିତ କରାଯାଇଅଛି। ଏହି ସମୟସୀମା ମଧ୍ୟରେ ଯୋଗ୍ୟ ସଂଖ୍ୟାଲଘୁ ଛାତ୍ରଛାତ୍ରୀମାନଙ୍କୁ National Scholarship Portal i.e. **www.scholarhsip.gov.in** ମାଧ୍ୟମରେ ଆବେଦନ ପାଇଁ ଜଣାଇ ଦିଆଯାଉଅଛି।

| କ୍ରମିକ ନମ୍ବର | ଛାତ୍ରବୃତ୍ତି | କାର୍ଯ୍ୟାବଳୀ | ପରିବର୍ଦ୍ଧିତ ସମୟସୀମା | | |
|---|---|---|---|---|---|
| | | | ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦରଖାସ୍ତ ଆବେଦନ | ଶିକ୍ଷାନୁଷ୍ଠାନମାନଙ୍କ ସ୍ତରରେ ଦରଖାସ୍ତ ଯାଞ୍ଚ କରିବାର ସମୟସୀମା | ଜିଲ୍ଲା/ରାଜ୍ୟ ସ୍ତରରେ ଦରଖାସ୍ତ ଯାଞ୍ଚ କରିବାର ସମୟସୀମା |
| ୧ | ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି | ଅନ୍‌ଲାଇନ ଦରଖାସ୍ତର ଆବେଦନ (Fresh/ Renewal) | ୩୦ ନଭେମ୍ବର, ୨୦୨୦ | ୧୫ ଡିସେମ୍ବର, ୨୦୨୦ | ୩୧ ଡିସେମ୍ବର, ୨୦୨୦ |
| ୨ | ମାଟ୍ରିକ-ପରବର୍ତ୍ତୀ ଛାତ୍ରବୃତ୍ତି | | | | |
| ୩ | ମେଧା-ତଥା-ସମ୍ବଳ ଭିତ୍ତିକ ଛାତ୍ରବୃତ୍ତି | | | | |

ସ୍ୱା./- ନିର୍ଦ୍ଦେଶକ, ପଛୁଆ ବର୍ଗ

OIPR-45001/11/0002/2021

**ତହସିଲଦାରଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର**

ଇମେଲ୍: tah.nawrang-od@nic.in

ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

ବିଜ୍ଞାପନ ସଂଖ୍ୟା: ୨୧୭୫/୨୦୨୦ ତାରିଖ: ୦୩।୧୧।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ନବରଙ୍ଗପୁର ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଦ୍ରବ୍ୟ (ପଥର ଓ ବାଲି ଖାଦାନ) ଗୁଡ଼ିକର ଆସନ୍ତା ୫ ବର୍ଷ ନିମନ୍ତେ ଲିଜ୍ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏହି ସମ୍ବନ୍ଧୀୟ ସମସ୍ତ ତଥ୍ୟ ନବରଙ୍ଗପୁର ଜିଲ୍ଲା Website: **nabarangpur.nic.in**ରେ ଉପଲବ୍ଧ ଅଟେ। ଇଚ୍ଛୁକ ବ୍ୟକ୍ତିବିଶେଷ ଉପରେ ଦିଆଯାଇଥିବା Websiteରୁ Download କରି ପ୍ରଥମ ପର୍ଯ୍ୟାୟ ଆସନ୍ତା ତା୧୭।୧୧।୨୦୨୦ରିଖ, ଦ୍ୱିତୀୟ ପର୍ଯ୍ୟାୟ ତା୨୪।୧୧।୨୦୨୦ ଓ ତୃତୀୟ ପର୍ଯ୍ୟାୟ ତା୦୧।୧୨।୨୦୨୦ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଆବେଦନ କରିପାରିବେ।


ସ୍ୱା./- ତହସିଲଦାର, ନବରଙ୍ଗପୁର


## କୃଷକଙ୍କୁ ଉନ୍ନତ ଏମ୍‌ଏସ୍‌ପି ଦେବାକୁ ପ୍ରୟାସ

ଭୁବନେଶ୍ୱର,୩।୧୧

କେନ୍ଦ୍ରୀୟ ପଣ୍ୟାଗାର ନିଗମ ଏବଂ ଭାରତୀୟ କପା ନିଗମ ମିଳିତ ଭାବେ ଖରିଫ ମାର୍କେଟିଂ ସିଜିନ(କେଏମ୍‌ଏସ୍) ୨୦୨୦-୨୧ ମଧ୍ୟରେ ସମସ୍ୟା ବିହୀନ ଫାଷ୍ଟଟ୍ରାକ୍ ସଂଗ୍ରହ ଏବଂ ସମନ୍ୱିତ ବୈଜ୍ଞାନିକ ପଣ୍ୟାଗାରର ଲଜିଷ୍ଟିକ ମୂଲ୍ୟ ହ୍ରାସ କରିବା ଲାଗି ଆଗେଇ ଆସିଛନ୍ତି। ଏହି ୨ଟି ସରକାରୀ ଉଦ୍ୟୋଗୀ ସଂସ୍ଥାର ପାରସ୍ପରିକ ସହଯୋଗିତା କପା ପ୍ରସ୍ତୁତି ବୃଦ୍ଧିରେ ସାହାଯ୍ୟ କରୁଥିବା କୃଷକ ସମ୍ପ୍ରଦାୟ ତଥା ଘରୋଇ ଏବଂ ଆନ୍ତର୍ଜାତୀୟ କ୍ରେତାମାନଙ୍କୁ ମଧ୍ୟ ସାହାଯ୍ୟ କରିବ। ସିଡବ୍ଲ୍ୟୁସି ସମସ୍ତ ଅଣସଂଗଠିତ ଗୋଦାମ ମାଲିକଙ୍କୁ ସଂଗଠିତ କ୍ଷେତ୍ରକୁ ଆଣିବା ପାଇଁ ଏକ ମାର୍କେଟିଂ ଡ୍ରାଇଭ ଆରମ୍ଭ କରିଛି। ଉଭୟ ସରକାରୀ ଉଦ୍ୟୋଗୀ ସଂସ୍ଥାର ଏବଂ (ଡବ୍ଲ୍ୟୁଡିଆର୍‌ଏ)ର ମିଳିତ ସହଯୋଗରେ ବିଭିନ୍ନ ଏକ୍ସଚେଞ୍ଜର ବାଣିଜ୍ୟ ପ୍ଲାଟ୍‌ଫର୍ମ ମାଧ୍ୟମରେ ଜାତୀୟ ତଥା ଅନ୍ତର୍ଜାତୀୟ ବଜାରରେ (ଡବ୍ଲ୍ୟୁଆର୍‌ଏସ୍) ଏଫ୍‌ପିସି ବେଲ୍‌ଗୁଡ଼ିକର ଗୋଦାମ ରସିଦର ସମ୍ଭାବନା ପାଇଁ ଅନୁସନ୍ଧାନ ଜାରି ରହିଛି। ଏହି ମିଳିତ ସହଯୋଗ ମଧ୍ୟ ଭାରତ ସରକାରଙ୍କ ଡ୍ରାଇଭ୍ ଡବଲିଂ ଫାର୍ମର୍ସ ଇନ୍‌କମ (ବିଏଫ୍‌ଆଇ) ଏବଂ ସର୍ବନିମ୍ନ ସହାୟକ ମୂଲ୍ୟରେ ଏଫ୍‌ପିସି ବେଲ୍‌ଗୁଡ଼ିକର ସଂଗ୍ରହକୁ ସଫଳ କରାଇବାକୁ ଲକ୍ଷ୍ୟ ରଖିଛି। ଏଥିରେ ଓଡ଼ିଶାର ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର,ନବରଙ୍ଗପୁର ଏବଂ ବରଗଡ଼ ଭଳି କପା ଉତ୍ପାଦନକାରୀ ଜିଲ୍ଲା ବିଶେଷ ଭାବରେ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି।

## ୫ ରେ ଜିନ୍ଦେଗୀ ଫାଉଣ୍ଡେଶନର ଚୟନ ପରୀକ୍ଷା



ଭୁବନେଶ୍ୱର,୩।୧୧

ଆର୍ଥିକ ଦୁର୍ବଳ ଶ୍ରେଣୀ ପ୍ରତିଭାବାନ୍ ଛାତ୍ରୀଛାତ୍ରଙ୍କୁ ଏକ ଚୟନ ପରୀକ୍ଷା ଜରିଆରେ ଆଗକୁ ବଢ଼ିବାର ସୁଯୋଗ ପ୍ରଦାନ କରାଯାଉଛି। ଏହି ଚୟନ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଡାକ୍ତରୀ ପଢ଼ିବାର ସ୍ୱପ୍ନ ପୂରଣ ପାଇଁ ଅଜୟ ବାହାଦୁର ସିଂଙ୍କ ଜିନ୍ଦେଗୀ ଫାଉଣ୍ଡେଶନ ଆବଶ୍ୟକ ସହାୟତା ପ୍ରଦାନ କରୁଛି । ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କ ପାଖରେ ପହଞ୍ଚିବାକୁ ଅନୁଷ୍ଠାନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଚଳିତ ବର୍ଷ ନିଟ୍ ପରୀକ୍ଷାରେ ଫାଉଣ୍ଡେଶନର ୧୯ଜଣ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଆଗାମୀ ଦିନରେ ମାଲକାନଗିରି, କୋରାପୁଟ, କନ୍ଧମାଳ ଏବଂ କଳାହାଣ୍ଡି ଭଳି ଜିଲ୍ଲାର ବିଭିନ୍ନ ଗ୍ରାମରୁ ଅଧିକରୁ ଅଧିକ ମେଧାବୀ ଛାତ୍ରୀଛାତ୍ରଙ୍କ ପାଖରେ ପହଞ୍ଚିବାକୁ ଫାଉଣ୍ଡେଶନ ଉଦ୍ୟମ କରିବ ବୋଲି ସୂଚନା ମିଳିଛି। ନଭେମ୍ବର ୫ରେ ଚଳିତ ବର୍ଷର ଚୟନ ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଆଗ୍ରହୀ ଛାତ୍ରୀଛାତ୍ରମାନେ ଫାଉଣ୍ଡେଶନ ସହ ଯୋଗାଯୋଗ କରିବା ପାଇଁ କୁହାଯାଇଛି।


**OFFICE OF THE PRINCIPAL, P.S. DEGREE MAHAVIDYALAYA, DEOGAON, BALANGIR**

Quotations are invited from the registered firms/ organizations having VAT, PAN & TAN to supply Science Lab instruments and Chemicals for the departments of Physics, Chemistry, Botany and Zoology. Mail to degreecollegedeogaon@gmail.com within five days. (**Contact No. 7894057303**)

The authority has the right to reject the quotation without assigning the reason thereof.

**Sd./- Principal**

**P.S. Degree Mahavidyalaya, Deogaon, Dist.- Bolangir**

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

C.D.A **ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 11 ରେ ପ୍ଲଟ ନଂ - 11-1D/193 ଟିକୁ ସୁଜିତ କୁମାର ଗିରି, ପିତା - ୰ ରାଧାକ୍ରିଷ୍ଣ ଗିରି, ସା - ଜଳଶୋହରିଆ, ପୋ - ଶୋହରିଆ, ଥା - ଭୋଗରାଇ, ଜିଲ୍ଲା - ବାଲେଶ୍ୱରଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ସୁଜିତ କୁମାର ଗିରିଙ୍କ ମୃତ୍ୟୁପରେ ତାଙ୍କ ନ୍ୟାୟିକ ଉତ୍ତରାଧିକାରୀ ପୁତ୍ର ଶ୍ରୀ ସଞ୍ଜିତ କୁମାର ଗିରି, ସା - ବକ୍ସକବାଟି ରୋଡ୍, ପୋ - ବକ୍ସିବଜାର, ଥା - ମଙ୍ଗଳାବାଗ, ଜିଲ୍ଲା - କଟକ ଉକ୍ତ ପ୍ଲଟ ଟିକୁ ଉତ୍ତରାଧିକାରୀ ଆଧାରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି। ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସଚିବ

**WORKS DEPARTMENT**

**OFFICE OF THE EXECUTIVE ENGINEER**

**BHADRAK (R&B) DIVISION**

**e-mail: bhadrakrnbdivision@gmail.com**

**Government of Odisha 'e' Procurement Notice**

**Bid Identification No. EE (R&B) BDK-12/2020-21**

No.B-363:- **No.4029/dt.21.10.2020**

1. Nature of work: Building & E.I. Works
2. Number of works: 3(Three) Nos. of building works and 2 (Two) Nos. of E.I. works
3. Amount put to tender : Rs.42,32,071/-, Rs.23,84,368/-, Rs.88,33,494/-, 86,68,888/- and 86,77,926/-
4. Class of contractor: Authorised Dealer of OEM & 'B' & 'A'
5. Date & time of availability of bid document in the portal: Dt.09.11.2020 at 10.00 A.M.
6. Last date/time of receipt of bid in the portal: Dt.13.11.2020 upto 05.00 P.M.
7. Date of opening of bid: Dt.16.11.2020 at 11.30 A.M.
8. Name & address of the office inviting bid: Executive Engineer, Bhadrak (R&B) Division.
9. The bidders have to participate in ONLINE bidding only. Further details can be seen from the e-procurement portal "http// tendersodisha.gov.in". All future corrigendum will be available on ONLINE mode only.

**Sd./- Executive Engineer, Bhadrak (R&B) Division**

OIPR-34079/11/0002/2021

Government of Odisha No. B-362

**OFFICE OF THE SUPERINTENDING ENGINEER, CUTTACK (R&B) CIRLCE, CUTTACK**

E-mail ID- sectcrb_2006@yahoo.co.in, Tel./Fax: 0671-2301751/2302751

**('e' - PROCUREMENT NOTICE)**

**Bid Identification No. S.E. Ctc. (R&B) 13/2020-21**

1. The Superintending Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage Rate basis bid in Double Cover system in ONLINE MODE from eligible contractors for building work as mentioned below.
2. No. of Work : 1 No.
3. Nature of Work : Building Work
4. Class of Contractor : 'B' & 'A' Class
5. Tender Paper Cost : Rs.10000/- (Online)
6. Available of Bid documents in the website : From 07.11.2020 to 16.00 hours of 23.11.2020
7. Date of Opening of Bid : Dt.24.11.2020 at 11.00 hours
8. The bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum / corrigendum / cancellation of tender can also be seen in the said website.

**Sd./- Superintending Engineer**
**Cuttack (R&B) Circle**

OIPR-34012/11/0014/2021

FORM - 1

**SHORT TENDER CALL NOTICE**

**Tender Notice No. 6713/Jls.** **Date: 31.10.2020**

No. D-93: Sealed tenders in plain papers are invited from the intended firms/ contractors/Co-operative organisations registered under GST Act having Pan Card and up-to-date GST Clearance Certificate with TIN/SRIN for supply of Shoddy Wool for making of Prison Blankets and supply of Raw Materials for preapration of Phenyl for the year 2020-2021 as per the quantity given below. The rates should be quoted in Kg./Litre inclusive of all taxes and free delivery at the Jail gate of Special jail, Bhubaneswar at Jharpada, Laxmisagar. The rates should be accompanied with sampels to be ceritifed by the purchase committee confirming the required specification. All the tenderers must be present either in person or through their authorised agents/representatives with samples on the day of opening of tender papers. The selected samples may be put to auction, if necessary. Firms/Contractors/Co-operative Organisation should enclose the copy of certificate showing the dealership of the shoddy wool/raw materials of phenyl. Every tenderer will be required to deposit along with his tender and earnest money @ 2.5% of the estimated value of the articles tendered for in shape of N.S.C./Postal Savings Pass Book Account duly pledged in favour of the Superintendent of Special Jail, Bhubaneswar. Successful tenderers or bidders will be required to enter into a stamped agreement with the Superintendent, Special Jail, Bhubaneswar within seven days from the date of receipt of intimation by them that their rates have been accepted for the supply of the articles at the Jail Gate in such quantities and at such time as may be required. In addition, they should before entering such agreement, deposit security money @ 10% of the cost of supplies undertaken, in form of Postal Savings Bank Account or in shape of National Savings Certificate duly pledged to the undersigned. Failing compliance within the time specified the earnest money be confiscated. The earnest money deposited by the tenderers whose tenders have not been accepted will be refunded to them after the final acceptance of the tender by the Purchase Committee. The rate fixed by the purchase committee is final. The Chairman, Purchase Committee reserves the right in the public interest to reject any or all tender without assinging any reasons thereof. The sealed tenders quoting rates to be submitted directly to the Superintendent, Special Jail, Bhubaneswar **on or before 5.00 P.M. of 31.12.2020**. Sealed tenders will be opened **at 4.00 P.M. of 05.01.2021** or in consulation with the Chairman of the Purchase Committee.

**E-mail ID: bhubaneswarjail.od@nic.in**

**LIST OF ARTICLES TO BE PURCHASED**

1. Shoddy Wool : 70 Qntls.
2. Rosin : 210 Litres
3. Castor Oil : 90 Kg.
4. L.C.O. : 600 Litres
5. Caustic Soda : 34 Kg.
6. Carbolic Acid : 15 Litres
7. M.C.P. : 15 Litres
8. Acid Slurry : 20 Litres
9. Pine Oil : 300 Litres
10. Essence (Jasmine) : 6 Litres

**Sd./- Superintendent**
**Special Jail, Bhubaneswar**

OIPR-12012/11/0001/2021

No. B-369

**OFFICE OF THE EXECUTIVE ENGINEER CUTTACK (R&B) DIVISION NO.-II, CUTTACK**

E-Mail ID: eepwdcuttack2@gmail.com, Tel./Fax No. (0671) 2973399

**GOVERNMENT OF ODISHA "e" Procurement Notice**

**e-Procurement Notice for Building Works**

**Bid Identification No. E.E. CTC(R&B)-II-08 of 2020-21**

1. Name of the Work : 02 Nos. of Building Works
2. Estiamted Cost : Rs.71,42,800/-
3. Period of Completion : 6 (Six) Calendar Months
4. Date & time of Sale & receipt of bid document : From 13.11.2020 to 5 P.M. of 01.12.2020
5. Last date/time of receipt of bids : 5 P.M. of 01.12.2020
6. Date & time of Opening of Bids : 11 A.M. of 02.12.2020
7. Name and address of the Officer Inviting Bid : Executive Engineer, Cuttack (R&B) Division - II, Cuttack

Further details can be seen from the e-procurement portal **http://www.tendersorissa.gov.in**. Any addendum / corrigendum / cancellation of tender can also be seen in the said website.

**Executive Engineer**
**Cuttack (R&B) Division No.-II**

OIPR-34137/11/0005/2021

**ODISHA POWER TRANSMISSION CORPORATION LIMITED**

(A Government of Odisha Undertaking)

REGD.OFFICE:JANPATH, BHUBANESWAR-751022

CIN: U40102OR2004SGC007553

No. CAD-676 Sr. G.M.CPC-II-e-Tender. Covered Conductor-18/2020-21

For and on behalf of ODISHA POWER TRANSMISSION CORPORATION LTD, Sr. G.M (C.P.C) invites Tenders from "Only manufacturers & their authorized representatives of covered conductor & its Accessories" in two part bidding system for Supply and erection of 33KV 120 Sq. mm Covered conductor with its accessories in the Reserve forest areas for feeding power supply to 33/11 KV Sub-Station and 11 KV 99Sq.mm Covered conductor with its accessories in the Reserve forest areas of 11KV ongoing feeders constructed under ODSSP Scheme against pkg-4 of phase-III,ODSSP (Odisha Distribution System Strengthening Project), Government of Odisha funded scheme. Complete set of bidding documents are available at **www.tenderwizard.com/OPTCL.** Interested manufacturers may visit OPTCL's official website **http://optcl.co.in** and **www.tenderwizard.com/OPTCL** for detail specification. The Bidders Can view the tender documents from tender portal at free of cost.

**Availability of Tender documents:** 04.11.2020(11.00Hrs.) to 03.12.2020 (12.45 Hrs.)

**Cost of Tender documents:** Rs. 12,000+ GST@12%=Rs.13,440.00

**EMD:** Rs. 8,88,610/-

**Last Date of Receipt of Tender:** 03.12.2020 (01.00PM)

**Date of Opening of Tender:** 03.12.2020 (03.00PM)

**Work Completion Period:** 04(Four) months from the issue of P.O.

N.B: All subsequent addendums/corrigendum to the tender shall be hosted in the web sites mentioned above.

HIPR-07/2020-21 OIPR-04011/11/0030/2021 Sd/- Sr. GM (CPC.)

**ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼**

ପତ୍ର ସଂଖ୍ୟା: ୨୩୮୨ **ବିଜ୍ଞାପନ** ତାରିଖ: ୦୨।୧୧।୨୦୨୦

ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼ ଅଧୀନରେ ରାମପାଲିଠାରେ ଥିବା ଅଣୁ ଜୈବସାର ପ୍ରକ୍ରିୟାକରଣ କେନ୍ଦ୍ର ପରିଚାଳନା ନିମନ୍ତେ ଏବଂ ସହରାପଡ଼ା, ରାନୀସାଗାର ଓ କୁକୁରମୁଣ୍ଡାଠାରେ ଥିବା ଗୋଷ୍ଠୀ ଶୌଚାଳୟ ପରିଚାଳନା ନିମନ୍ତେ ପୃଥକ୍ ପୃଥକ୍ ଭାବେ ପରିଷଦ ଦ୍ୱାରା ପଞ୍ଜୀକୃତ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ତୃତୀୟ ଲିଙ୍ଗମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆବେଦନ କରିବା ପାଇଁ ଉଦ୍ଦିଷ୍ଟ ଫର୍ମ ଏବଂ ନିୟମାବଳୀ ପରିଷଦ କାର୍ଯ୍ୟାଳୟରୁ ଆସନ୍ତା ତା୦୩।୧୧।୨୦୨୦ରିଖଠାରୁ ତା୦୯।୧୧।୨୦୨୦ରିଖ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୧ଘଣ୍ଟାଠାରୁ ସନ୍ଧ୍ୟା ୫ଘଣ୍ଟା ମଧ୍ୟରେ ଟ.୫୦୦/-ଙ୍କା ବିନିମୟରେ ମିଳିପାରିବ। ଏଥିପାଇଁ ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀ ଓ ତୃତୀୟ ଲିଙ୍ଗମାନେ ଆସନ୍ତା ତା୧୦।୧୧।୨୦୨୦ରିଖ ଅପରାହ୍ନ ୧୨ଘଟିକା ସୁଦ୍ଧା ପରିଷଦରୁ ନେଇଥିବା ଫର୍ମ ପୂରଣ କରି ଏଥି ସହିତ ଟ.୫୦୦/-ଙ୍କାର ରସିଦ୍ ସଂଲଗ୍ନ କରି ଡଉମୁଦ ବାକ୍ସରେ ପକାଇବେ କିମ୍ବା କୋରିଅର ସର୍ଭିସ୍ ମାଧ୍ୟମରେ ଆବେଦନ କରିପାରିବେ। ଆସନ୍ତା ତା୧୦।୧୧।୨୦୨୦ରିଖ ଅପରାହ୍ନ ୧୨ଘଟିକା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ତା୧୦।୧୧।୨୦୨୦ରିଖ ଦିବା ୧୨.୩୦ଘଟିକା ସମୟରେ ସମସ୍ତ ମୁଦ ଲଫାପା ସମସ୍ତ ଆବେଦନକାରୀଙ୍କ ସମ୍ମୁଖରେ ଖୋଲାଯିବ। ଯେ କୌଣସି ସମୟରେ ନିମ୍ନସ୍ୱାକ୍ଷର ଅଧିକାରୀ ଏହି ପ୍ରସ୍ତାବ ବିନା କାରଣରେ ରଦ୍ଦ କରିପାରିବେ।

ସ୍ୱା./- ନିର୍ବାହୀ ଅଧିକାରୀ

ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼

**ସାଧାରଣ ଲୋକଙ୍କୁ ୨୦୨୨ ଯାଏଁ ମିଳିବନି କରେନା ଟିକା**

ଭାରତରେ କରୋନା ସଂକ୍ରମଣ ହାର ବଢ଼ିଚାଲିଥିବାବେଳେ ଟିକା କିଣିବା ପାଇଁ ସରକାର ଅର୍ଡର କରିଛନ୍ତି। ତେବେ ୨୦୨୨ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କୁ ଏହି ଟିକା ଉପଲବ୍ଧ ହେବ ନାହିଁ ବୋଲି ଏମ୍ସର ନିର୍ଦ୍ଦେଶ ଡଃ ରଣଦୀପ ବୁଲେରିଆ ଏକ ସାକ୍ଷାତକାରରେ କହିଛନ୍ତି।

# ୫୦ ଆତଙ୍କବାଦୀ ନିହତ

ପ୍ୟାରିସ୍,୩।୧୧



## ଫ୍ରାନ୍ସର କଡ଼ା ପଦକ୍ଷେପ

ଆତଙ୍କବାଦ ବିରୋଧରେ ଫ୍ରାନ୍ସ କଡ଼ା ପଦକ୍ଷେପ ଗ୍ରହଣ କରିଛି। ଯୋଜନାବଦ୍ଧ ଭାବେ ସରକାରଙ୍କ ପକ୍ଷରୁ କେନ୍ଦ୍ରୀୟ ମାଲିରେ ଏୟାର ଷ୍ଟ୍ରାଇକ୍ କରାଯାଇଛି। ଏଥିରେ ୫୦ରୁ ଅଧିକ ଅଲ୍-କାଏଦା ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ଏନେଇ ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରୀ ଫ୍ଲୋରେନ୍ସ ପାର୍ଲି ସୂଚନା ଦେଇଛନ୍ତି। ଏହା ସହିତ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଛି। ବୁର୍କିନା ଫାସୋ ଏବଂ ନାଇଜର ସୀମାରେ ଶୁକ୍ରବାର ଏୟାର ଷ୍ଟ୍ରାଇକ କରାଯାଇଥିଲା ବୋଲି ଫ୍ରାନ୍ସ ସରକାର ସୋମବାର ପ୍ରକାଶ କରିଛନ୍ତି। ଏନେଇ ମାଲି ସରକାରଙ୍କ ସହିତ ବାମାକୋରେ ପୂର୍ବରୁ ଆଲୋଚନା ହୋଇଥିବା ପାର୍ଲେ ପ୍ରକାଶ କରିଛନ୍ତି। ପାଖାପାଖି ୩୦ ମୋଟରସାଇକେଲ ଧ୍ୱଂସ ପାଇଥିବାବେଳେ ୪ ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଥିବା ସେନା ମୁଖପାତ୍ର କଲୋନେଲ ଫ୍ରେଡେରିକ୍ ବାର୍ବ୍ରି କହିଛନ୍ତି। ବାର୍ବ୍ରି କହିଛନ୍ତି, ଅନ୍ୟ ଏକ ଅପରେଶନ ଗ୍ରେଟର ସାହାରାସ୍ଥିତ ଆଇଏସ୍ ଆଡ୍ଡା ଉପରେ ମାସେ ହେବ କରାଯାଇଛି। ପ୍ରାୟ ୩ ହଜାର ସୈନ୍ୟ ସେଠାରେ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଅଲ୍ କାଏଦା ସମର୍ଥିତ ଅଂଶରୁଲ ଇସ୍ଲାମ୍ ଗୋଷ୍ଠୀ ବିରୋଧରେ ଏହି ଅପରେଶନ କରାଯାଉଥିବା ସେ କହିଛନ୍ତି। ଜେହାଦ୍ର ନେତୃତ୍ୱ ନେଉଥିବା ଇୟାଦ୍ ଆଗ୍ ଘାଲିକୁ ଟାର୍ଗେଟ କରାଯାଉଛି।

# ନୀତୀଶଙ୍କ ଉପରକୁ ପିଆଜ ମାଡ଼



**ପାଟନା,୩।୧୧:** ବିହାର ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମଙ୍ଗଳବାର ମତଦାନ ଶେଷ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଉପରକୁ ପିଆଜ ମାଡ଼ କରାଯାଇଛି। ମଧୁବଣିର ହରଲାଖିରେ ଏକ ନିର୍ବାଚନୀ ସଭାରେ ନୀତୀଶ ରାଜ୍ୟର ଯୁବକଙ୍କ ପାଇଁ ନିଯୁକ୍ତି ସୃଷ୍ଟି ସମ୍ପର୍କରେ କହୁଥିବାବେଳେ ଭିଡ଼ ମଧ୍ୟରେ କେହିଜଣେ ପିଆଜମାଡ଼ କରିଥିଲେ। ଏନେଇ ମୁଖ୍ୟମନ୍ତ୍ରୀ ବିରକ୍ତ ହୋଇ ଫିଙ୍ଗ, ଆହୁରି ଫିଙ୍ଗ, ଫିଙ୍ଗିବା ଜାରି ରଖ କିନ୍ତୁ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି କହିଥିଲେ। ନୀତୀଶଙ୍କୁ ସୁରକ୍ଷାକର୍ମୀମାନେ ଘେରି ରହିଯାଇଥିଲେ। ଏହାପରେ ସେ ନିଜର ବକ୍ତବ୍ୟ ଶେଷ କରିଥିଲେ। ପିଆଜ ଫିଙ୍ଗିଥିବା ବ୍ୟକ୍ତିଙ୍କୁ ସୁରକ୍ଷାକର୍ମୀମାନେ ଧରିଥିବାବେଳେ ନୀତିଶ ତାଙ୍କୁ ଛାଡ଼ିଦିଅ ବୋଲି କହିଥିଲେ। ବିରୋଧୀ ଦଳଙ୍କ ପକ୍ଷରୁ ଜାଣିଶୁଣି ଏଭଳି କରାଯାଉଥିବା ମନ୍ତ୍ରୀ ସଞ୍ଜୟ କୁମାର ଝା କହିଛନ୍ତି।

# ମାଲାବାରରେ ମିଳିତ ସମରାଭ୍ୟାସ

ନୂଆଦିଲ୍ଲୀ, ୩।୧୧

- ଭାରତ,ଆମେରିକା, ଜାପାନ, ଅଷ୍ଟ୍ରେଲିଆ ସାମିଲ
- ଚାଇନାର ତୀବ୍ର ପ୍ରତିକ୍ରିୟା

ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବିସ୍ତାରବାଦୀ ଚାଇନାକୁ ଚ୍ୟାଲେଞ୍ଜ ଦେବା ପାଇଁ ମଙ୍ଗଳବାର ମାଲାବାରଠାରେ ଭାରତ, ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ପକ୍ଷରୁ ମିଳିତ ସମରାଭ୍ୟାସ ଆରମ୍ଭ ହୋଇଛି। ବଙ୍ଗୋପସାଗରର ମାଲାକ୍କା ପ୍ରଣାଳୀଠାରେ ଯୁଦ୍ଧଜାହାଜଗୁଡ଼ିକ ପଇଁତରା ମାରୁଛନ୍ତି। ୧୩ ବର୍ଷ ମଧ୍ୟରେ ପ୍ରଥମ ଥର ଲାଗି ୪ ଦେଶର ନୌସେନା ଏକାଠି ହୋଇଛନ୍ତି। ଏହି ମେଗା ନୌସମରାଭ୍ୟାସକୁ ନେଇ ଚାଇନା ପ୍ରତିକ୍ରିୟା ପ୍ରକାଶ କରିଛି। ଏହାର ଉଦ୍ଦେଶ୍ୟକୁ ନେଇ ଚାଇନା ସନ୍ଦେହରେ ଥିବାବେଳେ ଏହା ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ଆଣିବାରେ ଅନୁକୂଳ ହେବ ବୋଲି ଆଶାବ୍ୟକ୍ତ କରିଛି। ତେବେ ଶୀତଳ ଯୁଦ୍ଧ ମାନସିକତା ନେଇ ଆମେରିକା ଏହି ସମରାଭ୍ୟାସର ନେତୃତ୍ୱ ନେଉଥିବା ବେଜିଂ କହିଛି।

# ନିଯୁକ୍ତି ପାଇଁ ଅଧିକ ଯୋଗ୍ୟତା ଗ୍ରହଣୀୟ ନୁହେଁ

ନୂଆଦିଲ୍ଲୀ, ୩।୧୧

- ବ୍ୟାଙ୍କ ପିଅନଙ୍କ ବରଖାସ୍ତକୁ କାଏମ ରଖିଲେ ସୁପ୍ରିମକୋର୍ଟ
- ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ଅଗ୍ରାହ୍ୟ

ନିଯୁକ୍ତି କ୍ଷେତ୍ରରେ ଅତ୍ୟଧିକ ଯୋଗ୍ୟତା ଗ୍ରହଣୀୟ ନୁହେଁ। ଅତ୍ୟଧିକ ଯୋଗ୍ୟତାସମ୍ପନ୍ନ ଜଣେ ବ୍ୟାଙ୍କ ପିଅନଙ୍କୁ ବରଖାସ୍ତ କରାଯାଇଥିଲା। ଓଡ଼ିଶା ହାଇକୋର୍ଟ ତାଙ୍କ ନିଯୁକ୍ତିକୁ କାଏମ ରଖିଥିଲେ। ତେବେ ସୁପ୍ରିମକୋର୍ଟ ତାଙ୍କ ଯୁକ୍ତିକୁ ଗ୍ରହଣ ନ କରି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ବରଖାସ୍ତ ନିଷ୍ପତ୍ତିକୁ କାଏମ ରଖିଛନ୍ତି। ଉକ୍ତ ପିଅନଙ୍କୁ ପୁନର୍ବାର କାର୍ଯ୍ୟରେ ଯୋଗଦେବା ଲାଗି ଅନୁମତି ଦେବାକୁ ଓଡ଼ିଶା ହାଇକୋର୍ଟ ସମ୍ପୃକ୍ତ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଥିଲେ। ଶୀର୍ଷ ଅଦାଲତ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଖାରଜ କରିଦେଇଛନ୍ତି। ବାସ୍ତବ ସୂଚନାକୁ ଚାପି ରଖିବା କିମ୍ବା ଭୁଲ୍ ତଥ୍ୟ ଦେଇଥିବା ପ୍ରାର୍ଥୀ ଚାକିରିରେ ରହିବା ଲାଗି ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ ବୋଲି ଜଷ୍ଟିସ୍ ଅଶୋକ ଭୂଷଣ, ଆର୍. ସୁଭାଷ ରେଡ୍ଡୀ ଏବଂ ଏମ୍.ଆର୍. ଶାହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିନ୍ତି। ପିଅନ ନିଯୁକ୍ତି ପାଇଁ ଆବେଦନକାରୀ ସ୍ନାତକ ହୋଇ ନ ଥିବା ଆବଶ୍ୟକ ବୋଲି ବ୍ୟାଙ୍କ ପକ୍ଷରୁ ବିଜ୍ଞାପନ ଦିଆଯାଇଥିଲା। ତେବେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଅମିତ କୁମାର ଦାସ ଏହାକୁ ଚ୍ୟାଲେଞ୍ଜ ନ କରି ନିଜ ଶିକ୍ଷାଗତ ଯୋଗ୍ୟତାକୁ ଲୁଚାଇ ଚାକିରି ପାଇଁ ଆବେଦନ କରିଥିଲେ। ତାଙ୍କର ଏଭଳି କାର୍ଯ୍ୟ ଯୋଗୁ ବାସ୍ତବରେ ଚାକିରି ପାଇଁ ହକ୍‌ଦାର ଅନ୍ୟ ଜଣେ ପ୍ରାର୍ଥୀ କ୍ଷତିଗ୍ରସ୍ତ ହେଲେ ବୋଲି ଖଣ୍ଡପୀଠ କହିଛନ୍ତି।

# ବିହାରରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଶେଷ

## ୫୩.୫୧% ମତଦାନ



ନୂଆଦିଲ୍ଲୀ, ୩।୧୧(ପି.ଟି.)

ବିହାର ବିଧାନସଭାର ୯୪ ଆସନ ଲାଗି ମଙ୍ଗଳବାର ଭୋଟଗ୍ରହଣ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ମତଦାନ ହାର ୫୩.୫୧ ପ୍ରତିଶତ ରେକର୍ଡ ହୋଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ୨୦୧୫ ନିର୍ବାଚନରେ ଏହିସବୁ ଆସନରେ ମତଦାନ ହାର ୫୫.୩୫ ପ୍ରତିଶତ ଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ୧,୪୫୦ରୁ ଅଧିକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ସେମାନଙ୍କ ମଧ୍ୟରେ ଆର୍‌ଜେଡି ନେତା ତଥା ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ଅଛନ୍ତି।

# ଅଭିନେତ୍ରୀ ରାଗିଣୀ, ସଞ୍ଜନାଙ୍କ ଜାମିନ ନାମଞ୍ଜୁର

ବେଙ୍ଗାଲୁରୁ,୩।୧୧

## ସାଣ୍ଡାଲଉଡ୍ ଡ୍ରଗ୍ସ ଦୁର୍ନୀତି





ସାଣ୍ଡାଲଉଡ୍ ଡ୍ରଗ୍ସ ଦୁର୍ନୀତି ମାମଲାରେ କର୍ଣ୍ଣାଟକ ହାଇକୋର୍ଟ ମଙ୍ଗଳବାର ଅଭିନେତ୍ରୀ ରାଗିଣୀ ଦ୍ୱିବେଦୀ, ସଞ୍ଜନା ଗଲ୍‌ରାନୀ ଓ ଅନ୍ୟ ୩ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରିଛନ୍ତି। ଏହି ଡ୍ରଗ୍ସ ଦୁର୍ନୀତିରେ ସେମାନଙ୍କୁ ଗିରଫ କରାଯାଇଥିଲା। ବିଚାରପତି ଶ୍ରୀନିବାସ ହରିଶ୍ କୁମାର ଏହି ଅଭିଯୁକ୍ତଙ୍କୁ ଜାମିନ ଦେବା ଲାଗି ମନା କରିଛନ୍ତି। ଗଲ୍‌ରାନୀଙ୍କ ତରଫରୁ ଓକିଲ ହସ୍‌ମାତ୍ ପାଶା ଜେରାବେଳେ ଉପସ୍ଥିତ ରହି ଯୁକ୍ତି ବାଢ଼ିଥିଲେ। ସେମାନେ କେବଳ ଡ୍ରଗ୍ସ ନିଅନ୍ତି ଓ କେତେକ ପରିମାଣର ଡ୍ରଗ୍ସ ମିଳିଛି ତାହା ଜଣାପଡ଼ି ନାହିଁ। ଏକ୍ଷେତ୍ରରେ ଜାମିନ ମିଳିବାରେ କିଛି ଅସୁବିଧା ନାହିଁ ବୋଲି ପାଶା କହିଥିଲେ। ୫୦ରୁ ଅଧିକ ଦିନ ଜେଲ୍‌ରେ ଥିବାବେଳେ ଏମାନଙ୍କୁ ତୁରନ୍ତ ଜାମିନ ଦେବା ଜରୁରୀ ବୋଲି ସେ କହିଥିଲେ। ଦ୍ୱିବେଦୀଙ୍କ ଓକିଲ ମଧ୍ୟ ସମାନ ଯୁକ୍ତି କରିଥିଲେ। ତେବେ ସରକାରୀ ଓକିଲ ତଦନ୍ତ ଚାଲିଥିବାରୁ ଅଭିଯୁକ୍ତଙ୍କୁ ହାଜତରେ ରଖା ନ ଗଲେ ତଦନ୍ତରେ ବାଧା ସୃଷ୍ଟିହେବ ଓ ପ୍ରମାଣ ନଷ୍ଟ ଲାଗି ଷଡ଼ଯନ୍ତ୍ର କରାଯିବ ବୋଲି କହିଥିଲେ। ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ଶେଷରେ ଜାମିନ ନାମଞ୍ଜୁର କରିଥିଲେ।

# ଚାଇନାକୁ ଦାୟିତ୍ୱ ଦେଲା ଡବ୍ଲ୍ୟୁଏଚ୍ଓ

ଜେନେଭା, ୩।୧୧



## କରୋନା ଭୂତାଣୁର ଉତ୍ସ ସନ୍ଧାନ

କରୋନା ମହାମାରୀ ସାରା ବିଶ୍ୱକୁ କାୟା ମେଲାଇ ଏବେ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଆରମ୍ଭ କରିଥିବାବେଳେ ଏହି ଭୂତାଣୁର ଉତ୍ସ ସନ୍ଧାନ କରିବାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଚାଇନା ନିକଟରେ ଏକପ୍ରକାର ଆତ୍ମସମର୍ପଣ କରିଥିବା ଦେଖାଯାଇଛି। ସଂକ୍ରମଣ ଆରମ୍ଭ ହେବାର ଦୁଇମାସ ପରେ ଫେବୃୟାରୀ ମଧ୍ୟଭାଗରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାର ତଦନ୍ତ ଲାଗି ଚାଇନାରେ ପହଞ୍ଚିଥିଲେ। ଭୂତାଣୁର ମୂଳ ଉତ୍ସ କ'ଣ ବା କେଉଁ ପ୍ରାଣୀ ଦେହରୁ ଏହା ମାନବ ଶରୀରକୁ ଆସିଛି, ତାହା ଖୋଜିବାହାର କରିବା ଏହି ତଦନ୍ତର ମୁଖ୍ୟ ଲକ୍ଷ୍ୟ ଥିଲା। ତାହା ଜଣାପଡ଼ିଥିଲେ ଭବିଷ୍ୟତରେ ଏଭଳି ସଂକ୍ରମଣକୁ ରୋକାଯାଇପାରିଥାନ୍ତା ବୋଲି ସେତେବେଳେ ଡବ୍ଲ୍ୟୁଏଚ୍ଓ ଜରୁରୀକାଳୀନ ନିର୍ଦ୍ଦେଶକ ମିଚେଲ ର୍ୟାନ୍ କହିଥିଲେ। ତେବେ ଟିମ୍ ସଦସ୍ୟମାନଙ୍କୁ ଏଥିପାଇଁ ଅନୁମତି ମିଳି ନ ଥିଲା। ଜରୁରୀ କମିଟିର ପରାମର୍ଶକ୍ରମେ ଡବ୍ଲ୍ୟୁଏଚ୍ଓ ନିଜ ବିଶେଷଜ୍ଞମାନଙ୍କୁ ତଦନ୍ତରୁ ଦୂରେଇ ନେଲା। ଚାଇନା କ'ଣ ପଦକ୍ଷେପ ନେଇଛି, ସେ ସମ୍ପର୍କରେ ସେମାନେ ପଚାରିଲେ ନାହିଁ କି ସେଠାର ଉହାନ ସହରରେ ଥିବା ପ୍ରାଣୀ ବଜାରକୁ ପରିଦର୍ଶନରେ ଗଲେ ନାହିଁ। ୯ ମାସ ପରେ କରୋନା ସଂକ୍ରମଣରେ ୧୧ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲେ ହେଁ ଭୂତାଣୁର ଉତ୍ସ ସମ୍ପର୍କରେ ଏପର୍ଯ୍ୟନ୍ତ ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ହୋଇନାହିଁ।

ଏବେ ୟୁରୋପ ଓ ଆମେରିକାରେ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଆରମ୍ଭ ହୋଇଥିବାବେଳେ ଚାଇନା ବାହ୍ୟ ତଦନ୍ତକାରୀଙ୍କ ତାଲିକାକୁ ଅନୁମୋଦନ କରିଛି। ତେବେ ଚାଇନାର ବିଶେଷଜ୍ଞମାନେ କରିଥିବା ଅଧ୍ୟୟନକୁ ଡବ୍ଲ୍ୟୁଏଚ୍ଓର ବିଶେଷଜ୍ଞମାନେ ସମୀକ୍ଷା କରିବେ ବୋଲି ଜଣାପଡ଼ିଛି।

CUTTACK MUNICIPAL CORPORATION
"e" PROCUREMENT NOTICE
Tender ID : 2020_ORULB_63525
Bid Reference No. MC(CMC)CTC_Div-I_No36/2020-21
Tender Call Notice No. 4879 (PW) Date.03.11.2020

Name of Works : Civil Works
No of Works : 42 Nos
Bid Value : Rs. 2.40 Lakh to Rs. 41.90 Lakh
Period of Completion : One Calendar Month to Three Calendar Months
Date and Time schedule :

| Start | End | Opening |
|---|---|---|
| 3.00 PM on dt. 9.11.2020 | 5.00 PM on dt.20.11.2020 | 11.00 A.M. on dt. 26.11.2020 |

Tender Details : can be seen from the procurement portal : www.tendersorissa.gov.in

Executive Engineer, City Division-I

ଫୁର୍‌ସତ

# ନାଗିନ୍ ଚରିତ୍ରରେ ଶ୍ରଦ୍ଧା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ଏକ ନୂଆ ଚଳଚ୍ଚିତ୍ର କରିବା ପାଇଁ ସାଇନ୍ କରିଛନ୍ତି। ଏହି ଚଳଚ୍ଚିତ୍ରରେ ସେ ଏକ ଇଚ୍ଛାଧାରୀ ନାଗିନ୍ ଭୂମିକାରେ ନଜର ଆସିବେ। ଫିଲ୍ମର ନାମ ହେଉଛି 'ନାଗିନ'। ଏହି ଚଳଚ୍ଚିତ୍ରକୁ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ମାତା ବିଶାଲ ଫୁରିଆ ନିର୍ଦ୍ଦେଶନା ଦେବେ। ପ୍ରଥମ ଥର ପାଇଁ ଶ୍ରଦ୍ଧା କପୁର ବଡ଼ ପରଦାରେ ଏକ ଇଚ୍ଛାଧାରୀ ସାପର ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି। ସାପ ରୂପରେ ଅଭିନୟ କରିବା ପାଇଁ ଶ୍ରଦ୍ଧା କପୁର ବହୁତ ଉତ୍ସାହିତ ଅଛନ୍ତି। ସେ ଟୁଇଟ୍‌କରି ଲେଖିଛନ୍ତି, ମୋ ପାଇଁ ଏହା ଅତ୍ୟନ୍ତ ଆନନ୍ଦଦାୟକ ଯେ, ମୁଁ ପରଦାରେ ନାଗିନ ଭୂମିକାରେ ଅଭିନୟ କରିବାକୁ ଯାଉଛି। ଶ୍ରୀଦେବୀଙ୍କ ଆଖିରେ ଥିବା ଚମକକୁ ଦେଖିଛି। ଏହି କ୍ୟାରେକ୍ଟର ପାଇଁ ଆଦର୍ଶ ଭାବରେ ବିବେଚିତ ହୋଇଥିବାରୁ ମୁଁ ବହୁତ ଖୁସି। ଆଶା କରୁଛି ଦର୍ଶକଙ୍କୁ ମୋ ଚରିତ୍ର ଭଲ ଲାଗିବ। ଏଥିପାଇଁ କଠିନ ପରିଶ୍ରମ କରୁଛି। କଷ୍ଟ କଲେ ସଫଳତା ନିଶ୍ଚିତ ମିଳିବ ବୋଲି ମୁଁ ମୋ ପରିବାରରୁ ଶିଖିଛି। ସେଥିପାଇଁ ପରିଶ୍ରମ ଜାରି ରଖିଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ୟୁଟିଲିଟି ଗ୍ରୁପ୍
ଦ୍ୱାରା 3G/4G ମୋବାଇଲ ଉପକରଣ ନିଜର ଖାଲି ଜମି କିମ୍ବା ପ୍ଲଟ୍‌ରେ ଲଗାନ୍ତୁ
ଅଗ୍ରିମ 55 ଲକ୍ଷ
ଭଡ଼ା ମାସିକ 45,000
25,000ର ଅନ୍ୟାନ୍ୟ ସୁବିଧା
9351425214
Add. : 730-22A, Marathahalli, Bangalor

ଦୀପାବଳୀର ଶୁଭ ଅବସରରେ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
SIDDHIVINAYAK FINANCE (ISO:9001:1985)
ଆଧାରକାର୍ଡ | ଏଗ୍ରିକଲ୍ଚର | ମାର୍କଶିଟ୍ | ପର୍ସନାଲ | ପ୍ରପର୍ଟି | ଗ୍ରୁପ୍
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
9536405151
9520405151
Add.-219, 28th Cross Road, Rajajinagar,Banglore

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole,Sambalpur
9438082179
8480403308

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
Helpline Number
6396732814

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମହିଳା ବନ୍ଧୁକ ବିକ୍ରେତା



**ଅହମ୍ମଦାବାଦ:** ନାରୀମାନେ ପୁରୁଷଙ୍କ ଭଳି ସବୁକିଛି କରିବାକୁ ସକ୍ଷମ। ଏମିତି କି ଅନେକ ଦୁଃସାହସିକ କ୍ଷେତ୍ରରେ ବି ନାରୀମାନେ ଏବେ ସେମାନଙ୍କର ସ୍ଥିତି ଜାହିର କରିବାରେ ଲାଗିଲେଣି। ଏହାର ଏକ ଉଦାହରଣ ହେଉଛନ୍ତି ଗୁଜରାଟର ବନ୍ଧୁକ ବିକ୍ରେତା ଦୀପ୍ତିମାନ ଅଶୋକଭାଇ ତ୍ରିବେଦୀ। ଗୁଜରାଟର ଏକମାତ୍ର ମହିଳା ବନ୍ଧୁକ ବିକ୍ରେତାଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ଦୀପ୍ତିମାନ୍। ୧୯୯୮ ମସିହାରୁ ସେ ବିଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର ବିକ୍ରି କରିବା ନିମନ୍ତେ ଲାଇସେନ୍ସ ହାସଲ କରିଛନ୍ତି। ଗୁଜରାଟରେ ପ୍ରଭୁକୃପା ଆର୍ମସ ଏମୁନିସନ୍ ଷ୍ଟୋର କରି ସେ ବର୍ଷ ବର୍ଷ ଧରି ବିଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର ବିକ୍ରି କରୁଛନ୍ତି। ଏଭଳି ଏକ ଦୋକାନ କରିବା ନିମନ୍ତେ ପ୍ରଥମେ ସେ ନିଜେ ହିଁ ଚିନ୍ତା କରିଥିଲେ। କାରଣ ଦିନେ ସେ ଖବର ପାଇଥିଲେ କି ରାଜକୋଟରେ ଥିବା ଏକମାତ୍ର ଅସ୍ତ୍ରଶସ୍ତ୍ର ଦୋକାନ ହଠାତ୍ ବନ୍ଦ ହୋଇ ଯାଇଛି। ତେଣୁ ସେ ଏଭଳି ଏକ ଦୋକାନ କରିବା ନିମନ୍ତେ ଚିନ୍ତା କରିଥିଲେ ଏବଂ ଏଥିପାଇଁ ସରକାରଙ୍କ ପାଖରେ ଲାଇସେନ୍ସ ଆବେଦନ କରିଥିଲେ। ଆଉ ତାଙ୍କୁ ଖୁବ୍‌ଶୀଘ୍ର ଲାଇସେନ୍ସ ବି ମିଳି ଯାଇଥିଲା। ତେଣୁ ସେହିଦିନଠାରୁ ଆଜିପର୍ଯ୍ୟନ୍ତ ଏହି ବ୍ୟବସାୟ କରି ସେ ବେଶ୍ ସଫଳତା ହାସଲ କରିପାରିଛନ୍ତି। ତାଙ୍କ ଦୋକାନରେ ଏବେ ୬୦ ରୁ ୬୫ ରିଭଲଭର, ବିଭିନ୍ନ ପ୍ରକାରର ପିସ୍ତଲ, ରାଇଫଲ୍ ଆଦି ରହିଛି। ଦୀପ୍ତିମାନ୍‌ଙ୍କ କହିବା ଅନୁସାରେ ଭାରତୀୟ ଅସ୍ତ୍ରଶସ୍ତ୍ର ସବୁ ପ୍ରାୟ ୧ ଲକ୍ଷ ଟଙ୍କାରେ ମିଳି ଯାଇଥାଏ। କିନ୍ତୁ ବିଦେଶୀ ଅସ୍ତ୍ରଶସ୍ତ୍ର ନିମନ୍ତେ ପ୍ରାୟ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ହୁଏ। ଦିନେ ଯେଉଁ କାମକୁ କେବଳ ପୁରୁଷମାନେ କରୁଥିଲେ ଆଜି ସେ ସେହି କାମରେ ସଫଳତା ହାସଲ କରିଥିବାରୁ ବେଶ୍ ଖୁସି ହୋଇପାରିଛନ୍ତି ଏବଂ ତାଙ୍କ ଭଳି ଅନ୍ୟମାନେ ବି ଏହି କାମ ପାଇଁ ଆଗେଇ ଆସିବା ଉଚିତ ବୋଲି ସେ କହିଛନ୍ତି।

# ମାଟି ଭିତରେ ଯବକ୍ଷାରଜାନ ସାର କାରଖାନା


ପ୍ର. ସୁବୋଧ କୁମାର ସାହୁ

ଫସଲ ତା'ର ପୂର୍ଣ୍ଣାଙ୍ଗ ଜୀବନ ଚକ୍ର ପାଇଁ ୧୮ ଗୋଟି ଖାଦ୍ୟସାର ଆବଶ୍ୟକ କରିଥାଏ। ଏଥିମଧ୍ୟରୁ ଯବକ୍ଷାରଜାନ ଫସଲ ପାଇଁ ସବୁଠାରୁ ଅଧିକ ଆବଶ୍ୟକ ହୋଇଥାଏ। ସମସ୍ତ ଖାଦ୍ୟସାରକୁ ଫସଲ ଅଳ୍ପ ବହୁତେ ମାଟିରୁ ସଂଗ୍ରହ କରିଥାଏ। ଯବକ୍ଷାରଜାନକୁ ସବୁ ଫସଲ ଅଧିକ ପରିମାଣରେ ଆବଶ୍ୟକ କରୁଥିବାବେଳେ, ମାଟିରେ ଏହା ନଗଣ୍ୟ ଥାଏ। ତେଣୁ ଫସଲର ଆବଶ୍ୟକତା ପୂରଣ ପାଇଁ ଚାଷୀ ଉକ୍ତ ଖାଦ୍ୟସାରକୁ ରାସାୟନିକ ସାର ଆକାରରେ ମାଟିରେ ପ୍ରୟୋଗ କରିଥାଆନ୍ତି। ଉକ୍ତ ରାସାୟନିକ ସାର କୃତ୍ରିମ ଉପାୟରେ କାରଖାନାରେ ପ୍ରସ୍ତୁତ କରାଯାଏ। ବାୟୁମଣ୍ଡଳରେ ଶତକଡା ୭୮ ଭାଗ ଯବକ୍ଷାରଜାନ ନିଷ୍କ୍ରିୟ ହୋଇ ରହିଛି, ଯାହା କି ଫସଲକୁ ସିଧା ସଳଖ ମିଳି ପାରେ ନାହିଁ। ବୈଜ୍ଞାନିକ ପ୍ରଣାଳୀରେ ଉକ୍ତ ନିଷ୍କ୍ରିୟ ଯବକ୍ଷାରଜାନକୁ ସକ୍ରିୟ କରି ରାସାୟନିକ ସାର ଯଥା ୟୁରିଆ, ଆମୋନିୟମ ସଲଫେଟ ଆଦି ଯବକ୍ଷାରଜାନ ସାର ପ୍ରସ୍ତୁତ କରାଯାଏ। ଏଥିପାଇଁ ସରକାରଙ୍କୁ ବହୁ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡେ। ଦ୍ୱିତୀୟତଃ ଉକ୍ତ



ରାସାୟନିକ ସାର ପରିବେଶ ତଥା ମାଟିକୁ ଅଧିକ ପ୍ରଦୂଷଣ କରେ।

ବିନା ଖର୍ଚ୍ଚ ଏବଂ ବିନା ପ୍ରଦୂଷଣରେ ଯବକ୍ଷାରଜାନ ସାରକୁ ଚାଷୀ ଫସଲ ପାଇଁ ପ୍ରାକୃତିକ ଉପାୟରେ ପାଇପାରିବେ। ସମସ୍ତ ଶିମ୍ବୀ ଜାତୀୟ ଫସଲର ଚେ଼ରରେ ସୃଷ୍ଟି ଭାତୁଡି ଭିତରେ ରହିଥିବା ରାଇଜୋବିୟମ ନାମକ କ୍ଷୁଦ୍ର ଜୀବାଣୁ ବାୟୁମଣ୍ଡଳର ନିଷ୍କ୍ରିୟ ଯବକ୍ଷାରଜାନକୁ ନିଜ ଦେହର ସୂକ୍ଷ୍ମ କୋଷ ଦ୍ୱାରା ଶୋଷଣ କରି ଯବକ୍ଷାରଜାନ ସାର ପ୍ରସ୍ତୁତ କରିପାରନ୍ତି। ମାଟି ଭିତରେ ବହୁବିଧ ଜୀବାଣୁ ସହ ରାଇଜୋବିୟମ ରହିଥାନ୍ତି। ଉକ୍ତ ଜୀବାଣୁ ଶିମ୍ବୀ ଜାତୀୟ (ମୁଗ, ବିରି, ହରଡ, ସୋୟାବିନ୍, ଚିନାବାଦାମ ଆଦି) ଚେ଼ରରୁ ନିର୍ଗତ ହେଉଥିବା ଟ୍ରିପଟୋଫ୍ୟାନ ନାମକ ଏକ ଆମିନୋ ଅମ୍ଳ ପ୍ରତି ଆକୃଷ୍ଟ ହୋଇ ନିଜ କୋଷରେ ବିଟା ଇନ୍‌ଡୋଲ୍ ଏସିଟିକ ଜୈବ ଅମ୍ଳ ସୃଷ୍ଟି କରିଥାଆନ୍ତି। ଉକ୍ତ ଅମ୍ଳ ସମସ୍ତ ଶିମ୍ବୀ ଜାତୀୟ ଫସଲରେ ଅନେକ ସୂକ୍ଷ୍ମ କୌଶିକ ଚେ଼ର ସୃଷ୍ଟି କରେ। ରାଇଜୋବିୟମ ଉକ୍ତ ଚେ଼ର ଭିତରକୁ ପ୍ରବେଶ କରି ଚେ଼ରରେ ବହୁ ସଂଖ୍ୟାରେ ଭାତୁଡି ସୃଷ୍ଟି କରି ଏହା ଭିତରେ ରହନ୍ତି। ରାଇଜୋବିୟମ ଶିମ୍ବୀ ଜାତୀୟ ଫସଲଠାରୁ ପୁଷ୍ଟିସାର ଏବଂ ଚିନି ଜାତୀୟ ଖାଦ୍ୟ ପାଇ ବଢ଼ନ୍ତି। ଉକ୍ତ ଜୀବାଣୁ ପରିପୃକ୍ତ ଅବସ୍ଥାରେ ବାୟୁମଣ୍ଡଳରେ ଥିବା ନିଷ୍କ୍ରିୟ ଯବକ୍ଷାରଜାନକୁ ନିଜ କୋଷ ଭିତରକୁ ଶୋଷଣ କରି ସକ୍ରିୟ ଯବକ୍ଷାରଜାନ ଅର୍ଥାତ ଆମୋନିଆ ଏବଂ ପରେ ଫସଲ ଗ୍ରହଣ ଯୋଗ୍ୟ ଆମାଇଡ୍ ଏବଂ ପରେ ଆମୋନିୟମ ଯବକ୍ଷାରଜାନରେ ପରିଣତ କରନ୍ତି। ଉକ୍ତ ଆମୋନିୟମ ଯବକ୍ଷାରଜାନକୁ ଫସଲ ଗ୍ରହଣ କରି ବଢ଼ନ୍ତି। ରାଇଜୋବିୟମ ଏବଂ ଶିମ୍ବୀ ଜାତୀୟ ଫସଲ ମଧ୍ୟରେ ଏହିପରି ସହଯୋଗ ହୁଏ। ଏପ୍ରକାର ଆଦାନ ପ୍ରଦାନକୁ ସହଯୋଗ ପ୍ରଣାଳୀ କୁହାଯାଏ ଏବଂ ରାଇଜୋବିୟମକୁ ସହଯୋଗୀ ଜୀବାଣୁ କୁହାଯାଏ।

ମାଟିଭିତରେ ସହଯୋଗୀ ଜୀବାଣୁ ବ୍ୟତୀତ କେତେଟି ଅସହଯୋଗୀ ଜୀବାଣୁ ଯଥା ଆଜୋଟୋବ୍ୟାକ୍ଟର, ଆଜୋସ୍ପିରିଲିୟମ ଏବଂ କ୍ଲୋଷ୍ଟ୍ରିଡିୟମ ଥାଆନ୍ତି। ଏମାନେ ସ୍ୱାଧୀନ ଭାବେ ବାୟୁମଣ୍ଡଳର ନିଷ୍କ୍ରିୟ ଯବକ୍ଷାରଜାନକୁ ଗ୍ରହଣ କରି ସକ୍ରିୟ ଯବକ୍ଷାରଜାନରେ ପରିଣତ କରିଥାନ୍ତି। ଅମ୍ଳ ମାଟିରେ ଉକ୍ତ ଜୀବାଣୁଙ୍କର ଯବକ୍ଷାରଜାନ ଗ୍ରହଣ ଶକ୍ତି କମ୍ ଥାଏ। ଏଥିପାଇଁ ଅମ୍ଳ ମାଟିରେ ଏକର ପ୍ରତି ୪୦୦ ରୁ ୫୦୦ କିଲୋଗ୍ରାମ ଚୂନ ପ୍ରୟୋଗ କଲେ ମାଟିର ପିଏଚ୍ ୬.୫ ରୁ ୭.୫ ମଧ୍ୟରେ ରହି ଯବକ୍ଷାରଜାନ ଗ୍ରହଣ ଶକ୍ତି ଉଭୟ ପ୍ରକାର ଜୀବାଣୁ ଦ୍ୱାରା ବଢ଼େ। ଏହା ଛଡା ମାଟିର ଅଙ୍ଗାର ଅଂଶ ୦.୫ ରୁ ଅଧିକ ଏବଂ ଜଳୀୟ ଭାଗ ଶତକଡା ୪୦ରୁ ୪୫ ଭାଗ ରହିବା ଉଚିତ। ମାଟିର ଉତ୍ତାପ ୩୦ରୁ ୩୫° ସେଣ୍ଟିଗ୍ରେଡରୁ ଅଧିକ ହେଲେ ଜୀବାଣୁ ସଂଖ୍ୟା କମେ। ମାଟିର ଉପରୋକ୍ତ ଉତ୍ତମ ପରିବେଶ ମଧ୍ୟରେ ପରୀକ୍ଷାରୁ ଦେଖାଯାଇଛି ଯେ ସହଯୋଗୀ ଜୀବାଣୁ ଏକର ପ୍ରତି ୪ ରୁ ୮ କିଲୋ ପର୍ଯ୍ୟନ୍ତ ଯବକ୍ଷାରଜାନ ଶୋଷଣଶକ୍ତି ଅଧିକ ହୋଇଥାଏ। ପରୀକ୍ଷାରୁ ଜଣାପଡ଼ି ଯେ ଏକର ପ୍ରତି ମୁଗ ୨୫ ରୁ ୩୦, ବିରି ୨୮ ରୁ ୩୨, ହରଡ ୨୨ ରୁ ୨୫, ସୋୟାବିନ ୩୫ରୁ ୪୦, ଚିନାବାଦାମ ୧୫ ରୁ ୨୦ କିଲୋ ପର୍ଯ୍ୟନ୍ତ ଯବକ୍ଷାରଜାନ ବାୟୁମଣ୍ଡଳରୁ ଗ୍ରହଣ କରି ମାଟିକୁ ଯୋଗାନ୍ତି। ଉଭୟ ସହଯୋଗୀ ଏବଂ ଅସହଯୋଗୀ ଜୀବାଣୁ ଫସଫରସ ଖାଦ୍ୟ ସାର ପାଇ ମାଟିରେ ବହୁ ସଂଖ୍ୟାରେ ବଢ଼ନ୍ତି ଏବଂ ବାୟୁମଣ୍ଡଳରେ ଯବକ୍ଷାରଜାନକୁ ଅଧିକ ପରିମାଣରେ ଗ୍ରହଣ କରନ୍ତି। ଉଭୟେ ସହଯୋଗୀ ଏବଂ ଅସହଯୋଗୀ ଜୀବାଣୁ ମାଟି ଭିତରେ ଅନେକ କ୍ଷୁଦ୍ର ଯବକ୍ଷାରଜାନ ସାର କାରଖାନା ତିଆରି କରନ୍ତି। ସହଯୋଗୀ ଜୀବାଣୁ ଅର୍ଥାତ୍ ରାଇଜୋବିୟମ ଦ୍ୱାରା ଗଠନ ଭାତୁଡି ଏକ କ୍ଷୁଦ୍ର ସାର କାରଖାନା କହିଲେ ଅତ୍ୟୁକ୍ତି ହେବନାହିଁ। ଭାତୁଡି ସଂଖ୍ୟା ବଢିଲେ ଯବକ୍ଷାରଜାନ ପରିମାଣ ବଢେ। ଭାତୁଡିରୁ ଯବକ୍ଷାରଜାନ ମାଟିକୁ କ୍ଷରିଦ୍ଧ ହୁଏ ଏବଂ ଭାତୁଡି ମାଟିରେ ମିଶିଲେ ଯବକ୍ଷାରଜାନ ସାର ମାଟିକୁ ଆସେ। ଶିମ୍ବୀ ଜାତୀୟ ଫସଲ ଅମଳ ପରେ, ଫସଲ ପର୍ଯ୍ୟାୟରେ ଦ୍ୱିତୀୟ ଫସଲରେ ଉକ୍ତ ଯବକ୍ଷାରଜାନ ଖାଦ୍ୟସାର ପାଇ ଅମଳ ବଢେ। ଦ୍ୱିତୀୟ ଫସଲରେ ଯବକ୍ଷାରଜାନ ସାର ପ୍ରୟୋଗ ନ କଲେ ଅମଳ ବିଶେଷ କମେ ନାହିଁ। ଦ୍ୱିତୀୟ ଫସଲରେ ଅନୁମୋଦିତ ଯବକ୍ଷାରଜାନର ଏକ ତୃତୀୟାଂଶ ଫସଲର ବର୍ଦ୍ଧନ ସମୟରେ ପ୍ରୟୋଗ କଲେ ଅମଳ ଯଥେଷ୍ଟ ବଢେ ମାଟିରେ ଉଭୟ ସହଯୋଗୀ ଏବଂ ଅସହଯୋଗୀ ଜୀବାଣୁର ସଂଖ୍ୟା ବଢାଇବା ପାଇଁ ଗବେଷଣାଗାରରେ ଏମାନଙ୍କର ସଂଖ୍ୟା ପୋଷଣ କରାଯାଇ ଶିମ୍ବୀ ଏବଂ ଅଣଶିମ୍ବୀ ଜାତୀୟ ଫସଲ ସହ ମିଶାଯାଇ ବୁଣିଲେ ମାଟିରେ ଏମାନଙ୍କର ସଂଖ୍ୟା ବଢିଥାଏ ଜୀବାଣୁମାନଙ୍କ ଦ୍ୱାରା ଉକ୍ତ ସାର ମିଳୁଥିବାରୁ ଏହା ଏକ ଜୈବସାର। ଉକ୍ତ ସାର ପ୍ରଦୂଷଣ ବିହୀନ ଏବଂ ସ୍ୱଳ୍ପ ଖର୍ଚ୍ଚରେ ମାଟି ଭିତରୁ ଫସଲ ପାଉଥିବାରୁ ଏହା କୋଟି କୋଟି ଟଙ୍କା ଖର୍ଚ୍ଚରେ ପ୍ରସ୍ତୁତ ଯବକ୍ଷାରଜାନଠାରୁ ଉତ୍କୃଷ୍ଟ।

–ଏମ୍‌ଆଇଜି ୧୦୨,
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ: ୯୪୩୭୨୩୩୦୮୫

# ଲଙ୍କା ଚାଷରେ ଅଗମରା ପୋକ ନିୟନ୍ତ୍ରଣ



ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହିତ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉ ପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ଏକ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ, ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବାର ଆଶଙ୍କା ଅଛି। ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆଜନିତ ପତ୍ରପୋଡା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।

# ଗୋରୁଙ୍କୁ ଫାଟୁଆ ରୋଗ ହୋଇଥିଲେ...



ଗୋରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ.ଏମ୍.ଡି. ଭାକ୍ସିନ୍ ଓ ଛେଳିଙ୍କର ପିପିଆର ରୋଗ ଲାଗି ପିପିଆର ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡାଙ୍କର ନାଲି ଝାଡ଼ା ହେଉଥିଲେ ଅଧା ଗ୍ରାମ୍ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡାର ଘୁମା ରୋଗ ନିୟନ୍ତ୍ରଣ ପାଇଁ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇ.ବି.ଡି. ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ, ଛେଳିଙ୍କର ପିପିଆର ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

# ଏ ମାସର କୃଷି ସୂଚନା



**ଚୂନ ଓ ଜୈବସାର ପ୍ରୟୋଗ:** ଡାଲି ଜାତୀୟ ଫସଲ ଏବଂ ଚିନାବାଦାମରେ ଶେଷଓଡ଼ ଚାଷ ସମୟରେ କିମ୍ବା ବିହନ ବୁଣା ସମୟରେ ଚୂନ ବା କାଗଜ କଳ ମଇଳା ହେକ୍ଟର ପ୍ରତି ୫ କୁଇଣ୍ଟାଲ ହିସାବରେ ମାଟିରେ ଦେଇସାରିବା ପରେ ଖତ ସହିତ ମିଶାଇ ପି.ଏସ୍.ଏମ୍. ୪-୬ କି.ଗ୍ରା. ହେକ୍ଟର ପ୍ରତି ପ୍ରୟୋଗ କରନ୍ତୁ। ରାଇଜୋବିୟମ୍ କଲ୍‌ଚର ବିହନ ମଞ୍ଜିରେ କି.ଗ୍ରା. ପ୍ରତି ୨୫ ଗ୍ରାମ୍ ଉପଚାର କରନ୍ତୁ।

**ଧାନ :** ମଧ୍ୟମ କିସମ ଧାନ କେଣ୍ଡାରେ ଶତକଡ଼ା ୮୫ ଭାଗ ଧାନ ପାଚିଥିଲେ ତାହାକୁ କାଟି ଅମଳ କରନ୍ତୁ।

– ଧାନ କାଟିବାର ଏକ ସପ୍ତାହ ପୂର୍ବରୁ ଜମିରୁ ପାଣି କାଟି ଦିଅନ୍ତୁ।

– ବିଳମ୍ବ କିସମ ଧାନ ଫୁଲ ଉଡ଼ାଇବା ଅବସ୍ଥାରେ ଥିଲେ ଜମିରେ ୫ ସେ.ମି. ଠିଆ ପାଣି ବାନ୍ଧି ରଖନ୍ତୁ।

– ଧାନ କ୍ଷୀର ଢୋକିଲାବେଳେ ଗନ୍ଧିପୋକ ଆକ୍ରମଣରୁ ରକ୍ଷା କରିବା ପାଇଁ ଆବଶ୍ୟକ ଫସଲ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରନ୍ତୁ।

– ଉତ୍କୃଷ୍ଟ ବିହନ ପାଇଁ ମିଶାଧାନ ଓ ବାଲୁଙ୍ଗା ଗଛକୁ ବାଛି ବାହାର କରିଦିଅନ୍ତୁ।

– ଧାନ ଅମଳ ପରେ ଧାନକୁ ୨-୩ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ। ଅମାରର ୧୦୦ ବର୍ଗଫୁଟ ଜାଗା ଲାଗି ୨୫୦ ଗ୍ରାମ୍ ହିସାବରେ ଶତକଡ଼ା ୫ ଭାଗ ମାଲାଥିଅନ ଗୁଣ୍ଡ ଅମାରର ଚଟାଣ, କାନ୍ଥ ଓ ଛାତରେ ପ୍ରୟୋଗ କଲେ ପୋକ ଲାଗିବ ନାହିଁ।

–ଗନ୍ଧିପୋକ ନିୟନ୍ତ୍ରଣ ଲାଗି ମାଲାଥିଅନ୍ ଗୁଣ୍ଡ ୨୦-୨୫ କି.ଗ୍ରା. ହେକ୍ଟର ପ୍ରତି (ଭୋର ସମୟରେ ଗୁଣ୍ଡ ଉଡ଼ାଇବା ଯନ୍ତ୍ର ଦ୍ୱାରା ପ୍ରୟୋଗ କରନ୍ତୁ) କିମ୍ବା କ୍ଲୋରପାଇରିଫସ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ମିଶାଇ ସୂର୍ଯ୍ୟାସ୍ତ ସମୟରେ ସିଞ୍ଚନ କରନ୍ତୁ।

–କେଣ୍ଡାକଟା ପୋକ ଲାଗି ସାଇପରମେଥ୍ରିନ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ଆକ୍ରାନ୍ତ କିଆରି ହିଡ଼ ଚାରିପଟେ ସନ୍ଧ୍ୟାବେଳା ସିଞ୍ଚନ କରନ୍ତୁ। ଏଥି ସହିତ କ୍ଲୋରପାଇରିଫସ୍ ଗୁଣ୍ଡ ୧ ଫୁଟ ଓସାରରେ ବିଞ୍ଚନ୍ତୁ ଏବଂ ଏକର ପ୍ରତି ୪୦୦ ମି.ଲି. କ୍ଲୋରପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ। ଆକ୍ରାନ୍ତ ଜମିରେ ସନ୍ଧ୍ୟାବେଳେ ବିଷଥୋପ ପ୍ରୟୋଗ କରାଯାଇପାରେ।

– ନେକ୍‌ବ୍ଲାଷ୍ଟ ହେକ୍ସାକୋନାଜୋଲ୍ ୨ ମି.ଲି./ଟ୍ରାଇସାଇକଲାଜୋଲ୍ ୦.୬ ଗ୍ରାମ୍ ଏକ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ।

– ପତ୍ରାଚ୍ଛାଦ ପୋଡ଼ାରୋଗ ଲାଗି ଭାଲିଡ଼ାମାଇସିନ୍ ୨ ମି.ଲି./ଟିଲ୍‌ଟ ୧ ମି.ଲି./କଣ୍ଟାଫ୍ ୧ ମି.ଲି. ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ।

**ଆଖୁ :** ଉନ୍ନତ କିସମର ଆଖୁ ବିହନ ଯଥା – ସବିତା, ନୀଳମାଧବ, ନୟନା, ବିଶ୍ୱାମିତ୍ର, ଉତ୍ତରା ଭବାନୀ, ରଘୁନାଥ, ନୀଳଚକ୍ର, ଚର୍ଚ୍ଚିକା ଆଦି ସଂଗ୍ରହ କରନ୍ତୁ।

– ଜମିରେ ପାଣି ରହୁଥିଲେ ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରନ୍ତୁ।

– ପତ୍ରଡିଆଁ/ଧଳାମାଛି ଆକ୍ରମଣ ଦେଖାଗଲେ ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍ସାମ୍ ଗୋଳାଇ ସିଞ୍ଚନ କରନ୍ତୁ।

– ନାଲି ଶଢ଼ାରୋଗ ଆକ୍ରମଣ କଲେ ୨.୦ ଗ୍ରାମ୍ କାର୍ବେଣ୍ଡାଜିମ୍‌କୁ ୧ ଲିଟର ପାଣିରେ ଗୋଳାଇ ଆକ୍ରାନ୍ତ ଗଛର ମୂଳ ମାଟିକୁ ଭିଜାନ୍ତୁ।

**କପା :** ଚିତ୍ରିତ ବକରା/ପାଟଳ ବକରା ପୋକ ଲାଗିଲେ ୨.୫ ମି.ଲି. ଟ୍ରାଇଆଜୋଫସ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ତା'ପରେ କୀଟ ଆକ୍ରମଣ ନ କମିଲେ ଇନ୍‌ଡକ୍ସାକାର୍ବ ପ୍ରତି ୨ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ।

– ସକାଳ ୮ଟା ପରେ (କାକର ଶୁଖିଲା ପରେ) କପା ତୋଳନ୍ତୁ। ପ୍ରଥମ ଥର ଏବଂ ପ୍ରତିଥର ତୋଳା ଯାଇଥିବା କପାକୁ ଅଲଗା ରଖି ଶୁଖାଇ ସଫାକରି ଶୁଖିଲା ପ୍ଲାଷ୍ଟିକ୍ ବସ୍ତାରେ ସାଇତି ରଖନ୍ତୁ।

**ଗହମ :** ସାଧାରଣ ଭାବେ ନଡ଼ିଆ ତେଲ ବସିବା ଆରମ୍ଭ କଲେ ଗହମ ବୁଣା ଆରମ୍ଭ କରାଯାଏ। ନଭେମ୍ବର ମାସ ଦ୍ୱିତୀୟ ପକ୍ଷ ଗହମ ବୁଣିବା ପାଇଁ ଉପଯୁକ୍ତ ସମୟ। କିନ୍ତୁ ଆଭ୍ୟନ୍ତରୀଣ ଜିଲାରେ ବିଳମ୍ବରେ ଗହମ ବୁଣାଯାଇପାରିବ।

– ଗହମ ଚାଷ ଲାଗି ଜମି ପ୍ରସ୍ତୁତ କରନ୍ତୁ ଓ ଆବଶ୍ୟକୀୟ ଅନୁମୋଦିତ ବିହନ ଯଥା – ସୋନାଲିକା, ପି.ବି.ଡବ୍ଲୁ.-୩୪୩, ପି.ବି.ଡବ୍ଲୁ-୪୪୩, ୟୁ.ପି.-୨୬୨, ଏଚ୍.ଡି.-୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ।

– ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ



ଥିରାମ୍/କ୍ୟାପ୍‌ଟାନ୍ (କେ.ଜି. ପ୍ରତି ୩ ଗ୍ରାମ୍) ଦ୍ୱାରା ବିଶୋଧିତ କରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ବୁଣନ୍ତୁ।

– ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡି ମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (ଏକ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧-୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ।

**ଡାଲି ଜାତୀୟ ଫସଲ:**

– ମାଟିର ବତର ଦେଖି ମୁଗ/ବିରି ଫସଲ ଲାଗି ଜମି ଚାଷ କରନ୍ତୁ।

– ଧାନ କାଟିବାର ୭ ଦିନ ପୂର୍ବରୁ ମଧ୍ୟମ ଓ ଖାଲ ଜମିରେ ବତରଥିବା ଅବସ୍ଥାରେ ଏକର ପ୍ରତି ଅନୁମୋଦିତ ବିହନ ପରିମାଣର ଶତକଡ଼ା ୨୫ ଭାଗ ଅଧିକ ମୁଗ/ବିରି/ମଟର/ବୁଟ ଆଦି ବିହନ ଛଟାବୁଣା କରନ୍ତୁ। ବୁଣିବା ପୂର୍ବଦିନ ଏକର ପ୍ରତି ୪୦ କି.ଗ୍ରା. ଡିଏପି ଏବଂ ୧୩ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍ ସାର ପ୍ରୟୋଗ କରନ୍ତୁ।

*ମୁଗ କିସମ:* ଟାର୍ମ-୧, ଟାର୍ମ-୨, ଜ୍ୟୋତି, କାମଦେବ, ଧଉଳି, ଦୁର୍ଗା, ସୁଜାତା, ଆଇପିଏମ୍ ୨-୧୪, ଆଇପିଏମ୍ ୨-୩।

*ବିରି କିସମ :* ପିୟୁ -୩୦, ଟିୟୁ ୯୪-୨, ସାରଳା, ପ୍ରସାଦ, ପି.ୟୁ.-୧୯, ଉଜାଲା, ମହୁରୀ, ଶଶି।

*ବୁଟ:* ଶ୍ୱେଥା, ଭାରତୀ, ବିହାର, ଜେଜି-୬୨, ସି-୨୩୫, ଆଇସିସି-୪, ରାଧେ, ଆନେଗିରି, ଜେଜି-୧୪, ଏଚ୍-୨୦୮।

*ମଟର କିସମ:* ରଚନା, ଏଚ୍.ୟୁ.ଡି.ପି.-୧୫, ଜେ.ପି.-୮୮୫, ଉତ୍ତରା, ଡି.ଡି.ଆର୍.-୨୭, ଅପର୍ଣ୍ଣା, ଆଦର୍ଶ।

– ବିହନ ବିଶୋଧନ କରିବାର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଓ ଫସ୍‌ଫୋବ୍ୟାକ୍ଟ୍ରିନ୍ ଗୋଳାଇ ଛାଇରେ ଶୁଖାଇ ବୁଣନ୍ତୁ।

– ବିହନ ବୁଣିବା ପୂର୍ବରୁ ହେକ୍ଟର ପ୍ରତି ୨୦:୪୦:୨୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଜମିରେ ପ୍ରୟୋଗ କରନ୍ତୁ।

– ପାଉଁଶିଆ ରୋଗ : ସଲ୍‌ଫେକ୍ସ ୪ ଗ୍ରାମ୍ ପ୍ରତି ଲିଟର ପାଣିରେ ଗୋଳାଇ ସଞ୍ଚନ କରାଯାଏ। ୧୫-୨୦ ଦିନ ପରେ ଦରକାର ଅନୁଯାୟୀ ସିଞ୍ଚନ କରନ୍ତୁ।

– ଜଉପୋକ : ୧୫ ଲିଟର ପାଣିରେ ୫ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ।

–ଛୁଇଁବିନ୍ଧା ପୋକ: ଟ୍ରାୟାଜୋଫସ୍ କିମ୍ବା ପ୍ରୋଫେନୋଫସ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ। ଦରକାର ହେଲେ ୧୫-୨୦ ଦିନ ପରେ ପୁଣି ସିଞ୍ଚନ କରନ୍ତୁ।

–କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର

## ସୂର୍ଯ୍ୟମୁଖୀ

ଚଳିତ ମାସ ୧୫ ତାରିଖ ମଧ୍ୟରେ ମଞ୍ଜିବୁଣା କାମ ଶେଷ କରନ୍ତୁ। ଉନ୍ନତ କିସମ ଯଥା- ମୋର୍‌ଡେନ୍, ସୂର୍ଯ୍ୟ, ସନ୍‌ରାଇଜ୍ ଏବଂ ସଙ୍କର କିସମ ଯଥା- କେ.ବି.ଏସ୍.ଏଚ୍.-୧, କେ.ବି.ଏସ୍.ଏଚ୍.-୪୪, ପି.ଏ.ସି.-୩୬, ଏମ୍.ଏସ୍.ଏଫ୍.ଏଚ୍.-୮, ଜ୍ୱାଳାମୁଖୀ ଆଦି ବିହନ ବ୍ୟବହାର କରନ୍ତୁ।

– ଉନ୍ନତ କିସମ ସକାଶେ ହେକ୍ଟର ପ୍ରତି ୧୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ କାପ୍‌ଟାନ୍/ଥିରାମ୍ ଗୋଳାଇ ବିଶୋଧନ କରି ବୁଣନ୍ତୁ।



– ଉନ୍ନତ କିସମ ଲାଗି ଧାଡ଼ିକୁ ଧାଡ଼ି ୪୫ ସେ.ମି., ଗଛକୁ ଗଛ ୩୦ ସେ.ମି. ଏବଂ ସଙ୍କର କିସମ ପାଇଁ ଧାଡ଼ିକୁ ଧାଡ଼ି ୬୦ ସେ.ମି., ଗଛକୁ ଗଛ ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଉନ୍ନତ କିସମ ସକାଶେ ହେକ୍ଟର ପ୍ରତି ମୂଳସାର ୩୦:୪୦:୩୦ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଏବଂ ସଙ୍କର କିସମ ଲାଗି ୬୦:୮୦:୬୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ବ୍ୟବହାର କରନ୍ତୁ।


# ସପୁରିର ଉନ୍ନତ କିସମ



ସପୁରିର ଉନ୍ନତ କିସମ ମଧ୍ୟରେ ରହିଛି କ୍ୟୁ, କୁଇନ୍, ସୀମାଚଳନ, ମାରିସିଅସ୍ ଆଦି। ୧ମି.x୩୦ସେ.ମି. ଦୂରତାରେ ୦.୫x୦.୫x–୦.୫ ମିଟର ଗାତକରି ଗଛ ଲଗାନ୍ତୁ। ଲଗାଇବା ବେଳେ ଗାତ ପ୍ରତି ୨ଝୁଡି କମ୍ପୋଷ୍ଟ ଦେଇ ଲଗାନ୍ତୁ। ଏହା ସହିତ ୧୦ଗ୍ରାମ୍ ଯବକ୍ଷାରଜାନ, ୧୨ଗ୍ରାମ୍ ଫସଫରସ ଓ ୪ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ।

# କଦଳୀରେ ରୋଗପୋକ ଦମନ

କଦଳୀ ଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡି ପୋଡିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୧ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ। କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମି ଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡିଆ ପ୍ରୟୋଗ କରନ୍ତୁ।



# ସନ୍‌ରାଇଜର୍ସ-ଆରସିବି ଏଲିମିନେଟର

**ଶାରଜା, ୩।୧୧**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୧୦ ଉଇକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୪୯ ରନ କରିଥିବାବେଳେ ସନ୍‌ରାଇଜର୍ସ ୧୭.୧ ଓଭରରେ କୌଣସି ଉଇକେଟ ନ ହରାଇ ୧୫୧ ରନ ସଂଗ୍ରହ କରି ନେଇଥିଲା। ଏହି ବିଜୟ ଫଳରେ ସନ୍‌ରାଇଜର୍ସ ୧୪ ପଏଣ୍ଟ ସହ ଟେବୁଲର ତୃତୀୟ ସ୍ଥାନ ଅଧିକାର କରି ପ୍ଲେ-ଅଫ୍‌ରେ ପ୍ରବେଶ କରିଛି। ଆସନ୍ତା ୬ ତାରିଖରେ ହେବାକୁଥିବା ଏଲିମିନେଟରରେ ଅନ୍ୟତମ ୧୪ ପଏଣ୍ଟ ପ୍ରାପ୍ତ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି)କୁ ଭେଟିବ ସନ୍‌ରାଇଜର୍ସ। ପଏଣ୍ଟ ଟେବୁଲରେ ମୁମ୍ବାଇ ଓ ଦିଲ୍ଲୀ କ୍ୟାପିଟାଲ୍ସ ଶୀର୍ଷରେ ରହିଥିବାରୁ ଚଳିତ ମାସ ୫ ତାରିଖରେ କ୍ୱାଲିଫାୟର-୧ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୫ ତାରିଖର ପରାଜିତ ଦଳ ଏବଂ ୬ ତାରିଖ ବିଜେତାଙ୍କ ମଧ୍ୟରେ ୮ ତାରିଖରେ କ୍ୱାଲିଫାୟର-୨ ଖେଳାଯିବ। କ୍ୱାଲିଫାୟର ୧ ଓ ୨ ବିଜେତାଙ୍କ ମଧ୍ୟରେ ଫାଇନାଲ ୧୦ ତାରିଖରେ ଦୁବାଇରେ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ହାଇଦ୍ରାବାଦ ଓ ଆରସିବି ସମକକ୍ଷ ୧୪ ପଏଣ୍ଟ ପାଇଥିଲେ ହେଁ ରନ୍‌ହାରରେ ପଛରେ ପଡ଼ି କୋଲକାତା ନାଇଟ ରାଇଡର୍ସ ଟେବୁଲର ୫ମ ସ୍ଥାନରେ ସନ୍ତୁଷ୍ଟ ହୋଇଛି। ଫଳରେ କୋଲକାତାର ଅଭିଯାନ ଏଠାରୁ ଶେଷ ହୋଇଛି। ପଏଣ୍ଟ ଟେବୁଲର ଶେଷ ୩ ସ୍ଥାନରେ ଥିବା କିଙ୍ଗ୍ସ ଇଲେଭେନ ପଞ୍ଜାବ, ଚେନ୍ନାଇ ସୁପରକିଙ୍ଗ୍ସ ଓ ରାଜସ୍ଥାନ ରୟାଲ୍ସର ଅଭିଯାନ ଶେଷ ହୋଇ ସାରିଛି।


ଉଇକେଟ ନେବାପରେ ସନ୍ଦୀପ ଶର୍ମା (ବାମ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

## ପାୱାରପ୍ଲେରେ ସନ୍ଦୀପଙ୍କ ରେକର୍ଡ

ପିଚ୍‌ର ପ୍ରକୃତି ଓ କାକର ସମସ୍ୟାକୁ ଦୃଷ୍ଟି ରଖି ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ସନ୍‌ରାଇଜର୍ସ ହାଇଦ୍ରାବାଦ ଅଧିନାୟକ ଡେଭିଡ ୱାର୍ନର। ପାୱାର ପ୍ଲେରେ ଚମତ୍କାର ବୋଲିଂ କରିଥିଲେ ପେସ୍ ବୋଲର ସନ୍ଦୀପ ଶର୍ମା। ଫିଟ୍ ଥିବା ଦର୍ଶାଇ ଅଧିନାୟକ ରୋହିତ ଶର୍ମା ମୁମ୍ବାଇ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ମାତ୍ର ୪ ରନ କରି ଆଉଟ ହୋଇଥିଲେ। କ୍ୱିଣ୍ଟନ ଡି'କକ୍ ୧୩ ବଲ୍‌ରୁ ୨୫(୨ ଚୌକା, ୨ ଛକା) ରନ କରି ପାରିଥିଲେ। ୨ଟି ଯାକ ଉଇକେଟ ସନ୍ଦୀପ ନେଇଥିଲେ। ଡି'କକ୍‌ଙ୍କୁ ଆଉଟ କରି ଆଇପିଏଲର ପାୱାରପ୍ଲେ (ପ୍ରଥମ ୬ ଓଭର)ରେ ସନ୍ଦୀପଙ୍କ ୫୩ତମ ଉଇକେଟ ପୂରଣ କରିଥିଲେ। ଏ କ୍ଷେତ୍ରରେ ସେ ଜାହିର ଖାଁ (୫୨ ଉଇକେଟ)ଙ୍କୁ ଅତିକ୍ରମ କରି ରେକର୍ଡର ଅଧିକାରୀ ହୋଇଥିଲେ। ମୁମ୍ବାଇ ପକ୍ଷରୁ କିରନ ପୋଲାର୍ଡ ସର୍ବାଧିକ ୪୧(୨୫ ବଲ, ୨ ଚୌକା, ୪ ଛକା), ସୂର୍ଯ୍ୟକୁମାର ଯାଦବ ୩୬(୨୯ ବଲ, ୫ ଚୌକା), ଇଶାନ କିଶନ ୩୩(୩୦ ବଲ, ୧ ଚୌକା, ୨ ଛକା) ରନ କରିବାକୁ ସକ୍ଷମ ହୋଇଥିଲେ। ସନ୍‌ରାଇଜର୍ସ ବୋଲରଙ୍କ ମଧ୍ୟରେ ସନ୍ଦିପ ୩ଟି, ଶାହାବାଜ ନଦିମ ଓ ଜାସନ ହୋଲ୍ଡର ୨ଟି ଲେଖାଏ ଏବଂ ରଶିଦ ଖାଁ ଗୋଟିଏ ଉଇକେଟ ନେଇଥିଲେ। ମୁମ୍ବାଇ ଏହି ମ୍ୟାଚ ପାଇଁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଦୁଇ ମୁଖ୍ୟ ପେସ୍ ବୋଲର ଯଶପ୍ରୀତ୍ ବୁମ୍ରା ଓ ଟ୍ରେଣ୍ଟ ବୋଲ୍ଟଙ୍କୁ ବିଶ୍ରାମ ଦେଇଥିଲା। ଫଳରେ ମୁମ୍ବାଇର ବୋଲିଂ ଆକ୍ରମଣ ଧାର ବିହୀନ ପ୍ରତୀୟମାନ ହୋଇଥିଲା। ଏହାର ସୁଯୋଗ ନେଇ ସନ୍‌ରାଇଜର୍ସର ଦୁଇ ଓପନର ଡେଭିଡ ୱାର୍ନର ଓ ରିଦ୍ଧିମାନ ଶାହ କୌଣସି କ୍ଷତି ହେବାକୁ ନ ଦେଇ ୧୭.୧ ଓଭରରେ ୧୫୧ ରନ ସଂଗ୍ରହ କରି ନେଇଥିଲେ। ୱାର୍ନର ୫୮ ବଲ୍‌ରୁ ୧୦ ଚୌକା ଓ ୧ ଛକା ସହାୟତାରେ ୮୫ ଏବଂ ରିଦ୍ଧିମାନ ୪୫ ବଲ୍‌ରୁ ୭ ଚୌକା ଓ ୧ ଛକା ସହ ୫୮ ରନରେ ଅପରାଜିତ ରହିଥିଲେ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୧୪ | ୯ | ୫ | ୧୮ | +୧.୧୦୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୮ | ୬ | ୧୬ | -୦.୧୦୯ |
| ସନ୍‌ରାଇଜର୍ସ | ୧୪ | ୭ | ୭ | ୧୪ | +୦.୬୦୮ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୪ | ୭ | ୭ | ୧୪ | -୦.୧୭୨ |
| ନାଇଟ ରାଇଡର୍ସ | ୧୪ | ୭ | ୭ | ୧୪ | -୦.୨୧୪ |
| କିଙ୍ଗ୍ସ ଇଲେଭେନ | ୧୪ | ୬ | ୮ | ୧୨ | -୦.୧୬୨ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୪ | ୬ | ୮ | ୧୨ | -୦.୪୫୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୬ | ୮ | ୧୨ | -୦.୫୬୯ |

## କୋଲ୍‌କାତାର ବିଦାୟ

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୪୯/୮ (ପୋଲାର୍ଡ-୪୧, ସୂର୍ଯ୍ୟକୁମାର-୩୬, କିଶନ-୩୩, ଡି'କକ୍-୨୫, ସନ୍ଦୀପ-୩/୩୪, ଶାହାବାଜ-୨/୧୯, ହୋଲ୍ଡର-୨/୨୫, ରଶିଦ-୧/୩୨)। ସନ୍‌ରାଇଜର୍ସ ହାଇଦ୍ରାବାଦ ୧୭.୧ ଓଭରରେ ୧୫୧/୦ (ୱାର୍ନର-୮୫*, ରିଦ୍ଧିମାନ-୫୮*)।

**ନଦିମ ମ୍ୟାନ୍ ଅଫ୍ ଦି ମ୍ୟାଚ୍**

# ମହିଳା ଟି୨୦ ଚ୍ୟାଲେଞ୍ଜ ଆଜିଠାରୁ

**ଶାରଜା,୩।୧୧(ପି.ଟି.)**

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ମହିଳା ଟି୨୦ ଚ୍ୟାଲେଞ୍ଜ ଆରମ୍ଭ ହେବାକୁ ଯାଉଛି। ବୁଧବାରଠାରୁ ଆରମ୍ଭ ହେବାକୁଥିବା ମହିଳା କ୍ରିକେଟର ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟରେ କେବଳ ଭାରତ ନୁହେଁ ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜର ତାରକା କ୍ରିକେଟରମାନେ ଅଂଶଗ୍ରହଣ କରିବେ।

୪ ମ୍ୟାଚ୍‌ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ୩ଟି ଦଳ ଅଂଶଗ୍ରହଣ କରିବେ। ଗତଥରର ଚାମ୍ପିୟନ ସୁପରନୋଭାସ, ଗତବର୍ଷର ରନର୍ସଅପ୍ ଭେଲୋସିଟି ଓ ଟ୍ରେଲବ୍ଲେଜର୍ସ ଏଥିରେ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଦଳ ପରସ୍ପର ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବେ ଓ ଶେଷରେ ଶ୍ରେଷ୍ଠ ଦୁଇଟି ଦଳ ନଭେମ୍ବର ୯ ତାରିଖରେ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଶ୍ରୀଲଙ୍କା, ବାଂଲାଦେଶ ଓ ନ୍ୟୁଜିଲାଣ୍ଡର ମହିଳା କ୍ରିକେଟରମାନେ ଏଥିରେ ଅଂଶଗ୍ରହଣ କରିବେ। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଶକ୍ତିଶାଳୀ ସୁପରନୋଭାସ ଗତ ଦୁଇଟି ସଂସ୍କରଣରେ ଚାମ୍ପିୟନ ହୋଇଥିଲା। ଅଭିଜ୍ଞ ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭେଲୋସିଟି ଓ ସୁପରନୋଭାସ ପ୍ରଥମ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ଗତବର୍ଷ ଏହି ଦୁଇ ଦଳ ଫାଇନାଲ ମ୍ୟାଚ୍‌ରେ ମୁହାଁମୁହିଁ ହୋଇଥିଲେ। ଏଥର ସଫଳ ହେଲେ ସୁରପନୋଭାସ ହ୍ୟାଟ୍ରିକ ଟାଇଟଲ ଅର୍ଜନ କରିବ।

ଗତ ସଂସ୍କରଣରେ ହରମନପ୍ରୀତ ଶ୍ରେଷ୍ଠ ଫର୍ମରେ ଥିଲେ। ୩ଟି ମ୍ୟାଚ୍ ଓ ଫାଇନାଲ ଖେଳି ସେ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ। ୩୭ ବଲରୁ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ସେ ଦଳକୁ ଦ୍ୱିତୀୟ ବିଜୟ ପ୍ରଦାନ କରିଥିଲେ। ଚଳିତବର୍ଷ ପ୍ରାରମ୍ଭରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ହରମନପ୍ରୀତ ଆଶାନୁରୂପ ପ୍ରଦର୍ଶନ କରି ନ ଥିଲେ। ତେବେ ଫର୍ମକୁ ଫେରି ସେ ଏହି ଟୁର୍ନାମେଣ୍ଟରେ ପୁଣି ଚମକ ଦେଖାଇବେ ବୋଲି ଆଶା କରାଯାଉଛି। ବିଶ୍ୱକପ୍‌ରେ ସେ ୫ଟି ମ୍ୟାଚ୍ ଖେଳି ୬ ହାରରେ ରନ୍ ସଂଗ୍ରହ କରିଥିଲେ। ଫାଇନାଲରେ ଅଷ୍ଟ୍ରେଲିଆ ଧାର୍ଯ୍ୟକରିଥିବା ୧୮୫ ରନ ଟାର୍ଗେଟ୍‌ର ପିଛା କରି ଭାରତ ୯୯ ରନରେ ଅଲଆଉଟ ହୋଇ ରନର୍ସଅପ୍ ବିବେଚିତ ହୋଇଥିଲା। ସୁପରନୋଭାସ୍ ତଥା ମୁମ୍ବାଇ କ୍ରିକେଟର ଜେମିମା ରୋଡ୍ରିଗ୍ସେଜ ୬୧.୦୫ ହାରରେ ୧୨୩ ରନ ସଂଗ୍ରହ କରି ଗତ ସଂସ୍କରଣରେ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସଓମ୍ୟାନ ହେବା ସହ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

ଅପରପକ୍ଷରେ ମିଥାଲି ରାଜଙ୍କ ଭେଲୋସିଟି ଏଥର ଫାଇନାଲ ପରାଜୟର ପ୍ରତିଶୋଧ ସୁପରନୋଭାସଠାରୁ ନେବାକୁ ପ୍ରୟାସ କରିବ। ଗତବର୍ଷ ଫାଇନାଲ ମ୍ୟାଚ୍‌ର ଅନ୍ତିମ ଓଭରରେ ଭେଲୋସିଟି ୪ ଉଇକେଟରେ ପରାସ୍ତ ହୋଇଥିଲା। ୧୬ ବର୍ଷୀୟ ବିସ୍ଫୋରକ କ୍ରିକେଟର ଶେଫାଳି ବର୍ମାଙ୍କ ଉପରେ ଭେଲୋସିଟି ଅତ୍ୟଧିକଭାବେ ନିର୍ଭରଶୀଳ ହେବ। ଟି୨୦ ବିଶ୍ୱକପ୍‌ରେ ଶେଫାଳି ସର୍ବାଧିକ ୯ଟି ଛକା ମାରିଥିଲେ ଓ ପଞ୍ଚମ ସର୍ବାଧିକ ସ୍କୋରର ବିବେଚିତ ହୋଇଥିଲେ। କୋଭିଡ୍-୧୯ ମହାମାରୀ କାରଣରୁ ଦୀର୍ଘ ୯ ମାସ ପରେ ମହିଳା କ୍ରିକେଟରମାନେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ଗତ ଫେବୃୟାରୀ-ମାର୍ଚ୍ଚରେ ମହିଳା ଟି୨୦ ବିଶ୍ୱକପ୍ ଖେଳିବା ପରେ ମହାମାରୀ କାରଣରୁ ଆଉ କ୍ରିକେଟ ଖେଳିବା ସମ୍ଭବ ହୋଇ ନ ଥିଲା। ଲକ୍‌ଡାଉନ୍ ପରେ ମହିଳା ଖେଳାଳିମାନଙ୍କ ଫିଟ୍‌ନେସସ୍ତର କିପରି ରହୁଛି ତାହା ଏହି ଟୁର୍ନାମେଣ୍ଟରେ ଜଣା ପଡିବ। ଟୁର୍ନାମେଣ୍ଟରେ ଥାଇଲାଣ୍ଡ ଓପନର ନାଥାକାନ ଚାନ୍ଥାମ ମଧ୍ୟ ଅଂଶଗ୍ରହଣ କରିବେ। ସେ ଟି୨୦ ବିଶ୍ୱକପ୍‌ରେ ନିଜ ଦେଶ ପାଇଁ ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ପ୍ରଥମ ଆସୋସିଏଟ୍ କ୍ରିକେଟର ଭାବେ ମହିଳାଙ୍କ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ବିବେଚିତ ହେଉଥିବା ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ନାଥାକାନ ସ୍ମୃତି ମାନ୍ଧନାଙ୍କ ନେତୃତ୍ୱଧୀନ ଟ୍ରେଲବ୍ଲେଜର୍ସ ତରଫରୁ ପ୍ରତିନିଧିତ୍ୱ କରିବେ।


ଟ୍ରଫି ସହ ମିଥାଲି ରାଜ୍ ଓ ହରମନ୍‌ପ୍ରୀତ୍ କୌର୍।

### ଆଇପିଏଲ୍ ପ୍ଲେ-ଅଫ୍ କାର୍ଯ୍ୟସୂଚୀ

**ନଭେମ୍ବର ୫: କ୍ୱାଲିଫାୟର-୧**
ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ
ସ୍ଥାନ: ଦୁବାଇ, ସମୟ: ରାତି ୭ଟା ୩୦

**ନଭେମ୍ବର ୬: ଏଲିମିନେଟର**
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ
ସ୍ଥାନ: ଆବୁଧାବି, ସମୟ: ରାତି ୭ଟା ୩୦

**ନଭେମ୍ବର ୮: କ୍ୱାଲିଫାୟର-୨**
୫ ତାରିଖର ପରାଜିତ ବନାମ ୬ ତାରିଖର ବିଜେତା
ସ୍ଥାନ: ଆବୁଧାବି, ସମୟ: ରାତି ୭ଟା ୩୦

**ନଭେମ୍ବର ୧୦: ଫାଇନାଲ**
୫ ତାରିଖର ବିଜେତା ବନାମ ୮ ତାରିଖର ବିଜେତା
ସ୍ଥାନ ଦୁବାଇ, ସମୟ: ରାତି ୭ଟା ୩୦

## ବ୍ୟାଟ୍ସମ୍ୟାନଙ୍କ ଲାଗି ହେଲ୍‌ମେଟ୍ ବାଧ୍ୟତାମୂଳକ ସପକ୍ଷରେ ସଚିନ

**ନୂଆଦିଲ୍ଲୀ, ୩।୧୧(ପି.ଟି.):** ପ୍ରଫେଶନାଲ ସ୍ତରରେ ଖେଳିବାବେଳେ ବ୍ୟାଟ୍ସମ୍ୟାନଙ୍କ ଲାଗି ହେଲମେଟ ପିନ୍ଧିବା ବାଧ୍ୟତାମୂଳକ କରାଯାଉ ବୋଲି ଭାରତୀୟ ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)କୁ କହିଛନ୍ତି। ସନରାଇଜର୍ସ ହାଇଦ୍ରାବାଦ ଅଲ୍‌ରାଉଣ୍ଡର ବିଜୟ ଶଙ୍କରଙ୍କ ମୁଣ୍ଡରେ ବଲ୍ ବାଜିବା ଦୃଶ୍ୟର ଏକ ଭିଡିଓ ସେ ଶେୟାର କରିଛନ୍ତି। ରନଆଉଟ କରିବା ଲାଗି କିଙ୍ଗ୍ସ ଇଲେଭେନ ପଞ୍ଜାବ ଫିଲ୍ଡର ନିକୋଲାସ ପୁରନ ଷ୍ଟ୍ରାଇକର୍ସ ଏଣ୍ଡ୍‌କୁ ବଲ୍ ଫିଙ୍ଗୁଥିବାବେଳେ ତାହା ବ୍ୟାଟ୍ସମ୍ୟାନଙ୍କୁ ଆଘାତ ଦେଇଥିଲା। ଏହି ଭିଡିଓଟି ପ୍ରକୃତରେ ଇଣ୍ଡିଆନ ପ୍ରିମିୟର ଲିଗ୍ ଅଫିସିଆଲ ୱେବସାଇଟ୍‌ରେ ପୋଷ୍ଟ ହୋଇଥିଲା। ବଲ୍ ବାଜିବା ପରେ ଶଙ୍କର ତଳେ ପଡ଼ିଯାଇଥିଲେ। ଫିଜିଓ ତାଙ୍କ ନିକଟକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ। ସୌଭାଗ୍ୟବଶତଃ ୨୯ବର୍ଷୀୟ ଶଙ୍କର ସେତେବେଳେ ଏକ ହେଲମେଟ୍ ପିନ୍ଧିଥିଲେ। ଖେଳ ଏବେ ଦ୍ରୁତତର ହୋଇଛି। କିନ୍ତୁ ଖେଳାଳିଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ ନାହିଁ।




## ୱାଟ୍‌ସନଙ୍କ ଅବସର

**ସିଡନୀ,୩।୧୧(ପି.ଟି.):** ଅଷ୍ଟ୍ରେଲିଆ ତାରକା ଅଲରାଉଣ୍ଡର ସେନ୍ ୱାଟସନ ମଙ୍ଗଳବାର ପ୍ରତିଯୋଗିତାମୂଳକ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏଥିସହିତ ତାଙ୍କ ୨୦ ବର୍ଷର କ୍ୟାରିୟରର ଅନ୍ତ ଘଟିଛି। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ତାଙ୍କ ଦଳ ଚେନ୍ନାଇ ସୁପରକିଙ୍ଗ୍ସ ବିଦାୟ ନେବା ପରେ ସେ ଅବସର ନିଷ୍ପତ୍ତି ନେଇଥିଲେ। ଦୀର୍ଘ ଦୁଇ ଦଶନ୍ଧିର କ୍ୟାରିୟରରେ କ୍ରିକେଟକୁ ଉପଭୋଗ କରିଛି। ତେବେ ୨୦୧୬ରେ ୩୯ ବର୍ଷୀୟ ୱାଟସନ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିସାରିଥିଲେ। ଗତବର୍ଷ ମଧ ଅଷ୍ଟ୍ରେଲୀୟ ଟି୨୦ ଲିଗ୍ ବିଗ୍ ବାସ୍‌ରୁ ମଧ ଅବସର ଘୋଷଣା କରିଥିଲେ। ପିଲାଟି ବେଳୁ ଅଷ୍ଟ୍ରେଲିଆ ପାଇଁ କ୍ରିକେଟ ଖେଳିବି ବୋଲି ସ୍ୱପ୍ନ ଦେଖୁଥିଲି ଓ ଏଥିରେ ମଧ ସଫଳ ହୋଇଥିଲି ବୋଲି ସେ କହିଛନ୍ତି। ଏବେ ସବୁ ପ୍ରକାର କ୍ରିକେଟରୁ ଅବସର ଘୋଷଣା କରୁଛି ବୋଲି ୱାଟସନ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ କହିଛନ୍ତି। ଏହାର ଏକ ଲିଙ୍କ୍ ତାଙ୍କ ଟ୍ୱିଟର ହ୍ୟାଣ୍ଡଲ୍‌ରେ ପୋଷ୍ଟ କରାଯାଇଛି।

## ସୁପର ଓଭରରେ ଜିମ୍ବାୱେ ବିଜୟୀ

**ରାୱଲପିଣ୍ଡି, ୩।୧୧:** ପାକିସ୍ତାନ ବିପକ୍ଷ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଜିମ୍ବାୱେ ସୁପର ଓଭରରେ ବିଜୟୀ ହୋଇଛି। ଟସ୍ ଜିତି ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୨୭୮ ରନ କରିଥିଲା। ଜବାବରେ ପାକିସ୍ତାନ ଅଧିନାୟକ ବାବର ଆଜମଙ୍କ ୧୨୫ ରନର ଶତକୀୟ ଇନିଂସ ବଳରେ ୫୦ ଓଭରରେ ୯ ଉଇକେଟ ହରାଇ ସମାନ ୨୭୮ ରନରେ ସୀମିତ ରହିଥିଲା ଓ ମ୍ୟାଚ୍ ଟାଇ ହୋଇଥିଲା। ଫଳରେ ସୁପର ଓଭରର ସହାୟତା ନିଆଯାଇଥିଲା ଓ ଏଥିରେ ଜିମ୍ବାୱେ ବିଜୟୀ ହୋଇଥିଲା। ପରାସ୍ତ ହୋଇଥିଲେ ମଧ୍ୟ ପାକିସ୍ତାନ ୨-୧ରେ ସିରିଜ ହାତେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାୱେ ତରଫରୁ ସିନ୍ ୱିଲିୟମ୍ସ ସର୍ବାଧିକ ଅପରାଜିତ ୧୧୮ ରନର ଶତକୀୟ ପାଳି ଖେଳିଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ବ୍ରେଣ୍ଡନ ଟେଲର ୫୬, ସିକନ୍ଦର ରାଜା ୪୫, ୱେସଲି ମାଧେଭେର ୩୩ ରନ ସଂଗ୍ରହ କରିଥିଲେ। ବୋଲିଂରେ ପାକିସ୍ତାନର ମହମ୍ମଦ ହାସ୍‌ନେନ ସର୍ବାଧିକ ୫ ଓ ୱାହାବ ରିୟାଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଅପରପକ୍ଷରେ ପାକିସ୍ତାନ ତରଫରୁ ବାବର ୧୨୫, ୱାହାବ ରିୟାଜ ୫୨, ଖୁସ୍‌ଦିଲ ଶାହା ୩୩ ରନ ସଂଗ୍ରହ କରିଥିଲେ ଓ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଜିମ୍ବାୱେର ବ୍ଲେସିଂ ମୁଜାରବାନି ସର୍ବାଧିକ ୫, ରିଚାର୍ଡ ଏନ୍‌ଗାରାଭା ଓ ଡୋନାଲ୍ଡ ତିରିପାନୋ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:** ଜିମ୍ବାୱେ ୫୦ ଓଭରରେ ୨୭୮/୬ (ୱିଲିୟମ୍ସ-୧୧୮*, ଟେଲର-୫୬, ରାଜା-୪୫, ମାଧେଭେର-୩୩, ହାସନେନ-୫/୨୬)। ପାକିସ୍ତାନ ୫୦ ଓଭରରେ ୨୭୮/୯ (ବାବର-୧୨୫, ରିୟାଜ-୫୨, ଖୁସ୍‌ଦିଲ-୩୩, ମୁଜାରବାନି-୫/୪୯, ଏନ୍‌ଗାରାଭା- ୨/୬୨, ତିରିପାନୋ- ୨/୩୯)।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ